

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୨୪ ସେପ୍ଟେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 24 September 2024
Vol.No. 35 ■ No.256 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଭରତପୁର କଳଙ୍କରେ ପଡ଼ିବ କି ପୂର୍ଣ୍ଣଚ୍ଛେଦ ?

## ନ୍ୟାୟ ପାଇଁ ପ୍ରତିଶ୍ରୁତି ଦେଲେ ଖୋଦ୍ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୩/୯ (ନି.ପ୍ର): ଭରତପୁର ଥାନା ବିବାଦର ସମାଧାନ ପାଇଁ ସରକାରଙ୍କ କସରତ । ଗୋଟିଏ ପଟେ ବିଳମ୍ବିତ ରାତି ଯାଏଁ ଖୋଦ୍ ମୁଖ୍ୟମନ୍ତ୍ରୀ ବୈଠକ କରି ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଲେ, ଆଉ ଅନ୍ୟପଟେ ପୀଡ଼ିତା, ତାଙ୍କ ବାପା ଓ ଆର୍ମି ମେଜରଙ୍କ ସହ ଲୋକସେବା ଭବନରେ ଆଲୋଚନା ବି କରିଛନ୍ତି । ନ୍ୟାୟ ପାଇଁ ନିର୍ଭର ପ୍ରତିଶ୍ରୁତି ଦେବା ପରେ ଆଶ୍ୱସ୍ତ ହୋଇଛନ୍ତି ପୀଡ଼ିତା । ସେହିପରି ତଦନ୍ତ କମିଶନ୍ ଅଧ୍ୟକ୍ଷ ଜଷ୍ଟିସ ଚିତ୍ତରଞ୍ଜନ ଦାସ କହିଛନ୍ତି, ଖୁବ୍ ଶୀଘ୍ର ତଦନ୍ତ ପ୍ରକ୍ରିୟା ଆରମ୍ଭ କରି ନ୍ୟାୟ ପ୍ରଦାନ କରାଯିବ । ଭରତପୁର ଥାନାରେ ୧୪ ତାରିଖ ବିଳମ୍ବିତ ରାତିର ବିବାଦ, ଆଉ ଲୋକସେବା ଭବନରେ ୨୨ ତାରିଖ ମଧ୍ୟରାତ୍ରିରେ ମୁଖ୍ୟମନ୍ତ୍ରୀଙ୍କ ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ । ଗତ ୮ ଦିନ ହେଲା ଭରତପୁର ଥାନା ଘଟଣାକୁ ନେଇ ନିଆଁ ତେଜୁଥିବା ବେଳେ ଆଜି ସେଥିରେ ପୂର୍ଣ୍ଣଚ୍ଛେଦ ଟାଣିବାକୁ ପ୍ରୟାସ କରିଛନ୍ତି ରାଜ୍ୟ ସରକାର । କେନ୍ଦୁଝରରୁ ଫେରି ଗତକାଲି ରାତି ୧୨ଟା ଯାଏଁ ଉଚ୍ଚସ୍ତରୀୟ ବୈଠକ କରି ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏହା ସହ କ୍ରାଇମବ୍ରାଞ୍ଚ ତଦନ୍ତ ମଧ୍ୟ ହାଇକୋର୍ଟଙ୍କ ମନିଟରିଂରେ କରିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା । ଆଉ ଆଜି ଲୋକସେବା ଭବନରେ ନିଜେ ମୁଖ୍ୟମନ୍ତ୍ରୀ ପୀଡ଼ିତା, ତାଙ୍କ ବାପା, ଆର୍ମି ମେଜରଙ୍କ ସହ କିଛି ପୂର୍ବତନ ସେନା ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସହ ଉପମୁଖ୍ୟମନ୍ତ୍ରୀ କେଭି ସିଂଦେଓ, ଆଇନ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନ ଓ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମଧ୍ୟ ଆଲୋଚନା କରିଛନ୍ତି । ଆଲୋଚନା ପରେ ପୀଡ଼ିତା କହିଛନ୍ତି, ଲୋକଙ୍କ ମୁଖ୍ୟମନ୍ତ୍ରୀ ବୋଲି ପ୍ରମାଣିତ କଲେ ମୋହନ ମାଝୀ । ଅନୁରୋଧ ରକ୍ଷା କରିଥିବାରୁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି ପୀଡ଼ିତାଙ୍କ ବାପା ।

▶▶ପୃଷ୍ଠା ୭

# ପୁଣି ଭିଜାଇବ ଲଘୁଚାପ ବର୍ଷା: ୧୨ ଜିଲ୍ଲାକୁ ୟେଲୋ ଆଲର୍ଟ



ଭୁବନେଶ୍ୱର, ୨୩/୯ (ନି.ପ୍ର): ବଙ୍ଗୋପସାଗରରେ ସୃଷ୍ଟି ହୋଇପାରେ ଲଘୁଚାପ କ୍ଷେତ୍ର । ଏହାର ପ୍ରଭାବରେ ଆସନ୍ତା ୫ ଦିନ ଯାଏଁ ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା। ଆଜି ପାଇଁ ୧୨ ଜିଲ୍ଲାକୁ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ଆଜି ବଙ୍ଗୋପସାଗରରେ ସୃଷ୍ଟି ହୋଇପାରେ ଲଘୁଚାପ କ୍ଷେତ୍ର । ଏହାର ପ୍ରଭାବରେ ଆସନ୍ତା ୫ ଦିନ ଯାଏଁ ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା। ଆଜି ପାଇଁ ୧୨ ଜିଲ୍ଲାକୁ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ଏହି ସବୁ ଜିଲ୍ଲାଗୁଡ଼ିକରେ ୭ରୁ ୧୧ ସେଣ୍ଟିମିଟର ଯାଏଁ ବର୍ଷା ହେବା ସମ୍ଭାବନା ରହିଛି। ସେହିପରି ଆସନ୍ତାକାଲି ପାଇଁ ୮ ଜିଲ୍ଲା, ୨୫ ତାରିଖ ପାଇଁ

▶▶ପୃଷ୍ଠା ୭

# କ୍ଷୀରରେ ମିଶୁଛି ସୋଡ଼ା, କେମିକାଲ, ଦୂଷିତ ଜଳ: ଚଢ଼ାଉ ବେଳେ ମିଳିଲା ସୁରାକ୍

ଭୁବନେଶ୍ୱର, ୨୩/୯ (ନି.ପ୍ର): ନକଲି ...ନକଲି...ଆଉ ନକଲି... ଯେଉଁଠି ହାତ ରଖିବେ ବାହାରିବ ପୁଳା ପୁଳା ନକଲି ସାମଗ୍ରୀ । କେତେବେଳେ ଖାଇବା ତେଲ, ହଳଦୀ ଗୁଣ୍ଡ ତ ପୁଣି କେତେବେଳେ ମସଲା ଗୁଣ୍ଡ ଠୁ ନେଇ ନଡ଼ିଆ ତେଲ, ରାଶିତେଲ ଯାଏ । ସବୁଠି ଅପମିଶ୍ରଣ...ଶସ୍ତା ପାଇଁ ହିନସ୍ତା ହେଉଛନ୍ତି ଲୋକେ । ଖାଦ୍ୟ ନାଁରେ ଖାଉଛନ୍ତି ବିଷ । ବର୍ତ୍ତମାନ ପୁଣି ଆଉ ଏକ ନକଲି ରାକେଟ୍‌ର ପର୍ଦ୍ଦାଫାଶ ହୋଇଛି । ଏଥର କିନ୍ତୁ କ୍ଷୀରକୁ ଛାଡ଼ିନାହାନ୍ତି ଖାଦ୍ୟ ଦଲାଲ । କଟକ ଜଗତପୁର ଥାନା ଆତୋଡ଼ା ଛକରେ ଥିବା ପ୍ରୋସେସିଂ ୟୁନିଟରେ ଚଢ଼ାଉ । କ୍ଷୀରରେ ଅପମିଶ୍ରଣ ଅଭିଯୋଗରେ ଚଢାଉ କରିଛି ପୋଲିସ ଓ ଖାଦ୍ୟ ନିରାପତ୍ତା ବିଭାଗ। ପ୍ରୋସେସିଂ ୟୁନିଟ୍ ସିଲ୍ କରିବା ସହ ପରୀକ୍ଷା ପାଇଁ ସାମ୍ପଲ ପଠାଇଛି ଖାଦ୍ୟ ନିରାପତ୍ତା ବିଭାଗ । କ୍ଷୀର ପ୍ୟାକେଟରେ ଖାଇବା ସୋଡ଼ା, କେମିକାଲ, ଦୂଷିତ ଜଳ ଏବଂ ଲୁଣ ମିଶା ଯାଉଥିବା ରେଡ୍ ବେଳେ ଜଣାପଡିଛି । କେବଳ କ୍ଷୀର ନୁହେଁ ଦହି ଏବଂ ଲସି ମଧ ଏଠାରେ ପ୍ରସ୍ତୁତ କରାଯାଇ କଟକ, କେନ୍ଦ୍ରାପଡା, ଯାଜପୁର, ପୁରୀ ଜିଲ୍ଲାକୁ ଚାଲାଣ ହେଉଥିଲା । ମାମଲାରେ ସଂସ୍ଥାର ମାଲିକଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି । ସେପଟେ ଗତ କିଛିଦିନ ତଳେ ବ୍ରହ୍ମପୁର ବଡବଜାର ଅଞ୍ଚଳରେ ଧରାପଡିଥିଲା ନକଲି ନଡିଆ ତେଲ । ଦୂରରୁ ନାମୀଦାମୀ ଅସଲି ବ୍ରାଣ୍ଡ ଭଳି ଦିଶୁଥିଲେ ଅପମିଶ୍ରଣ ତେଲର ନାଁ ରହିଥିଲା ଶିବାନୀ ।

▶▶ପୃଷ୍ଠା ୭

# ଭରତପୁର ଘଟଣା: ବିଜେଡି ପକ୍ଷରୁ ଭୁବନେଶ୍ୱରରେ ହରତାଳ ଡାକରା ପ୍ରତ୍ୟାହୃତ



ଭୁବନେଶ୍ୱର, ୨୩/୯ (ନି.ପ୍ର): ବଡ଼ ଖବର । ପ୍ରତ୍ୟାହୃତ ହେଲା ବିଜେଡି ପକ୍ଷରୁ ଭୁବନେଶ୍ୱରରେ ମଙ୍ଗଳବାର ହରତାଳ ଡାକରା । ହରତାଳ ପ୍ରତ୍ୟାହାର ନେଇ ପ୍ରେସମିଟ୍‌ରେ ସୂଚନା ଦେଲା ବିଜେଡି । ନିରପେକ୍ଷ ତଦନ୍ତ ପାଇଁ ସରକାର ରାଜି ହୋଇଥିବାରୁ ପ୍ରତ୍ୟାହୃତ ହୋଇଥିବା ନେଇ ଦଳ ସୂଚନା ଦେଇଛି । ଭରତପୁର ଘଟଣାକୁ ନେଇ ହରତାଳ ଡାକରା ଦେଇଥିଲା ବିଜେଡି । ଏପଟେ ଭୁବନେଶ୍ୱରର ଭରତପୁର ଥାନାରେ ମେଜର ଓ ତାଙ୍କ ବାନ୍ଧବୀଙ୍କୁ

▶▶ପୃଷ୍ଠା ୭

# ୪ ହଜାରରୁ ଊର୍ଦ୍ଧ୍ୱ କଫ୍ ସିରପ ବୋତଲ ଜବତ: ୧୭ ଗିରଫ

ବରଗଡ, ୨୩/୯ (ନି.ପ୍ର): ବରଗଡ଼ ଟାଉନ ଥାନା ପୁଲିସ ୪ ହଜାରରୁ ଊର୍ଦ୍ଧ୍ୱ କଫ୍ ସିରପ ଜବତ କରିବା ସହିତ ୧୭ ଜଣଙ୍କୁ ଗିରଫ କରିଛି। ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି ବରଗଡ଼ ଏସ୍‌ପି ପି. ଏସ୍ ମୀନା। ଏସ୍‌ପିଙ୍କ ସୂଚନା ଅନୁଯାୟୀ, କଫ ସିରପ ଚାଲାଣ ହେଉଥିବା ନେଇ ବରଗଡ଼ ଟାଉନ ଥାନା ପୁଲିସ ବିଶ୍ୱସ୍ତସୂତ୍ରରୁ ସୂଚନା ପାଇ ଚଢ଼ାଉ କରିଥିଲା।

# ବଜ୍ରାଘାତରେ ୬ କଲେଜ ଛାତ୍ରଙ୍କ ସମେତ ୮ ମୃତ

ଛତିଶଗଡ଼, ୨୩/୯ : ଛତିଶଗଡ଼ର ରାଜନନ୍ଦଗାଁରେ ଏକ ଦୁଃଖଦ ଘଟଣା ଘଟିଛି। ବଜ୍ରପାତ ହେବାରୁ ୮ ଜଣଙ୍କର ଅସମୟରେ ଜୀବନ ଚାଲିଯାଇଛି। ମୃତକଙ୍କ ମଧ୍ୟରେ ୬ ଜଣ ଛାତ୍ର ଥିବା ଜଣାପଡ଼ିଛି। ମୃତ ଛାତ୍ରମାନେ ଯୁକ୍ତ ଦୁଇ ପ୍ରଥମ ବର୍ଷରେ ପଢୁଥିଲେ। ପରୀକ୍ଷା ଦେଇ ଫେରିବା ବାଟରେ ବଜ୍ରପାତ ହୋଇଥିଲା। ସୂଚନା ଅନୁସାରେ, ଛାତ୍ରମାନେ ପରୀକ୍ଷା ଦେଇ ଫେରିବା ବାଟରେ ପ୍ରବଳ ବର୍ଷା ହୋଇଥିଲା। ଫଳରେ ସେମାନେ ଗଛ ତଳେ ଥିବା ଏକ ଅସ୍ଥାୟୀ ଘରେ ଆଶ୍ରୟ ନେଇଥିଲେ। ସେହି ସ୍ଥାନରେ ଅନ୍ୟ ପଥଚାରୀ ମଧ ଆଶ୍ରୟ ନେଇଥିଲେ। ଏହି ବଜ୍ରପାତ ହେବାରୁ ଛାତ୍ରମାନଙ୍କ ସହ ଆଶ୍ରୟ ନେଇଥିବା ଅନ୍ୟ ଦୁଇ ଜଣଙ୍କ ମୃତ୍ୟୁ ହୋଇଛି। ଏଥିସହ ଅନ୍ୟ ଜଣେ ବ୍ୟକ୍ତି ମଧ ଆହତ ହୋଇଛନ୍ତି। ତାଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏନେଇ ରାଜନନ୍ଦଗାଁ ଏସପି ମୋହିତ ଗର୍ଗ ସୂଚନା ଦେଇଛନ୍ତି। ସେପଟେ ରାଜ୍ୟ ସରକାରଙ୍କ ପକ୍ଷରୁ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରାଯାଇଛି। ସେହିପରି ଆହତଙ୍କୁ ମଧ ସହାୟତା ଯୋଗାଇ ଦିଆଯିବ ବୋଲି ଜଣେ ଅଧିକାରୀ କହିଛନ୍ତି।

## ବିରୂପା ନଦୀକୁ ଡେଇଁ ପଡ଼ିଲେ ଛାତ୍ର

କଟକ, ୨୩/୯ (ନି.ପ୍ର): ବିରୂପା ନଦୀକୁ ଡେଇଁ ପଡ଼ି ଜଣେ ଛାତ୍ର ନିଖୋଜ ହୋଇଯାଇଛନ୍ତି। ଏପର୍ଯ୍ୟନ୍ତ ତାଙ୍କର କୌଣସି ପତ୍ତା ମିଳିନାହିଁ। ଏପରି ଦୁଃଖଦ ଘଟଣା ଘଟିଛି କଟକ ଜିଲ୍ଲାରେ। ନିଖୋଜ ଛାତ୍ର ହେଲେ ଚୌଦ୍ୱାର ୧୨ ନଂ ୱାର୍ଡର ପ୍ରଦୀପ କୁମାର ଦାସ। ସେ ଯୁକ୍ତ ୩ରେ ପଢୁଥିଲେ। ଆଜି ସକାଳେ ଛାତ୍ର ଜଣଙ୍କ ବିରୂପା ବ୍ରିଜ ଉପରେ ସାଇକେଲ ମୋବାଇଲ ବ୍ୟାଗ୍ ରଖି ନଦୀକୁ ଡେଇଁ ପଡ଼ିଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ପରିବାର ଲୋକଙ୍କ ସହ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ଛାତ୍ରଙ୍କୁ ଖୋଜାଖୋଜି କରୁଛି। ପରିବାର ଲୋକେ ମଧ ଘଟଣାସ୍ଥଳରେ ପହଞ୍ଚିଛନ୍ତି।ତେବେ ଛାତ୍ର ଜଣଙ୍କ କେଉଁ କାରଣ ପାଇଁ ନଦୀକୁ ଡେଇଁ ଆତ୍ମହତ୍ୟା କଲେ, ଏହା ପଛରେ କ'ଣ କାରଣ ରହିଛି ତାହା ଜଣାପଡ଼ିନାହିଁ। ଛାତ୍ର ଜଣଙ୍କ ଘରୁ ରାଗି କରି ଆସି ଏପରି ପଦକ୍ଷେପ ନେଇଥିବା କୁହାଯାଉଛି।

## ବିହାରର ୧୨ ଜିଲ୍ଲାରେ ୧୩ ଲକ୍ଷ ଲୋକ ବନ୍ୟା ପ୍ରଭାବିତ

ପାଟନା, ୨୩/୯ (ନି.ପ୍ର): ବିହାରରେ ଗଙ୍ଗା ଏବଂ ଏହାର ଶାଖା ନଦୀରେ ଜଳସ୍ତର ବୃଦ୍ଧି ପାଇଛି । ଏପର୍ଯ୍ୟନ୍ତ ରାଜ୍ୟର ୧୨ ଜିଲ୍ଲାର ପ୍ରାୟ ୧୩ ଲକ୍ଷ ଲୋକ ବନ୍ୟାରେ ପ୍ରଭାବିତ ହୋଇଛନ୍ତି । ଗତ ୨୪ ଘଂଟା ମଧ୍ୟରେ ବନ୍ୟାରେ ୧୦ ଜଣଙ୍କ ମୃତ୍ୟୁ ଘଟିଛି । ବିହାରର ପାଟନା, ମୁଙ୍ଗେର, ଲଖିସରାୟ, ଖଗଡ଼ିଆ, ବେଗୁସରାୟ, ଭାଗଲପୁର, ବୈଶାଳୀ, ପୂର୍ଣ୍ଣିୟା, ବକ୍ସର, ରୋହନାସ, ଭୋଜପୁର, ଏବଂ ସାସାରାମ ଜିଲ୍ଲା ବନ୍ୟା ଯୋଗୁଁ ପ୍ରଭାବିତ ହୋଇଛି । ମୁଙ୍ଗେର ପରେ ଏବେ ଭାଗଲପୁରରେ ନଦୀର ପ୍ରଖର ଜଳସ୍ରୋତରେ ଭାସିଯାଇ ମୃତ୍ୟୁ ଘଟିବା ଭଳି ଘଟଣା ସାମ୍ନାକୁ ଆସିଛି ।

# ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଆତିଶୀ ସାଜିଲେ ଭରତ: ରାମଙ୍କ ପାଇଁ ଛାଡ଼ିଲେ ଚୌକି



ନୂଆଦିଲ୍ଲୀ, ୨୩/୯ : ଆଜି ଆପ୍ ନେତ୍ରୀ ଆତିଶୀ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ । ଏ ସମୟରେ ମଧ ସେ ଅରବିନ୍ଦ କେଜ୍ରିୱାଲଙ୍କ ପ୍ରତି ଆନୁଗତ୍ୟ ପ୍ରଦର୍ଶନ କରିବାକୁ ଭୁଲି ନଥିଲେ । ନିଜେ ଏକ ଚେୟାରରେ ବସିଥିବା ବେଳେ ନିଜ ସାଇଡ୍‌ରେ ଅରବିନ୍ଦ କେଜ୍ରିୱାଲ ବସୁଥିବା ଚେୟାର ରଖିଥିଲେ । ଏପରି ଭାବେ ସେ ନିଜର ଆନ୍ତରିକତା ତଥା ଆନୁଗତ୍ୟ କେଜ୍ରିୱାଲଙ୍କ ପ୍ରତି ପ୍ରଦର୍ଶନ କରିଥିଲେ । ତେବେ ଏ ଘଟଣା ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ୪୩ ବର୍ଷୀୟ ଆତିଶୀ କହିଛନ୍ତି, ସେ ହେଉଛନ୍ତି ଭରତ । ପ୍ରଭୁ ରାମଙ୍କ ଅନୁପସ୍ଥିତିରେ ସେ ଶାସନ ଭାର ସମ୍ଭାଳିଛନ୍ତି । ରାମ ଫେରିବା ପରେ ସେ ପୁନଶ୍ଚ ଶାସନ ଭାର ସମ୍ଭାଳିବେ ବୋଲି ଆତିଶୀ କହିଛନ୍ତି । ଦିଲ୍ଲୀର ସର୍ବ କନିଷ୍ଠ ମୁଖ୍ୟମନ୍ତ୍ରୀ ଭାବେ ଆତିଶୀ ଶପଥ ନେଇଛନ୍ତି । ଭରତଙ୍କ ପରି ଆଜି ରାମଙ୍କ ଅନୁପସ୍ଥିତିରେ ସେ ଶାସନ କରିବେ ବୋଲି କହିଛନ୍ତି । ଏଣୁ ସେ ଉକ୍ତ ଚେୟାର ପରିତ୍ୟାଗ କରିଛନ୍ତି ।

▶▶ପୃଷ୍ଠା ୭

# ତାଗିଦ୍ କଲା ଅର୍ଥ ବିଭାଗ: ଜରୁରୀ ନଥିଲେ ନୂଆ ଗାଡ଼ି କିଣା ମନା, ଭଡ଼ାଗାଡ଼ିରେ କାମ ଚଳାଅ




ଭୁବନେଶ୍ୱର, ୨୩/୯ (ନି.ପ୍ର): ସରକାର ତହବିଲରୁ ନୂଆ ଗାଡ଼ି କିଣିବା ବଦଳରେ ଭଡ଼ାରେ ଗାଡ଼ି ଆଣି ଅଫିସ କାର୍ଯ୍ୟ କରିବା ପାଇଁ ଅର୍ଥ ବିଭାଗ ଆଜି ପୁଣିଥରେ ତାଗିଦ୍ କରିଛି । ବିଜେଡି ସରକାର ଅମଳରେ ଗତବର୍ଷ ଏଭଳି ନିର୍ଦ୍ଦେଶନାମା ଜାରି କରିଥିବା ଅର୍ଥ ବିଭାଗ ଆଜି ପୁଣିଥରେ ସମସ୍ତ ସଚିବ ଓ ବିଭାଗୀୟ ମୁଖ୍ୟଙ୍କୁ ଚିଠି ଲେଖି ପରାମର୍ଶ ଦେଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧୀନରେ ଥିବା ଅର୍ଥ ବିଭାଗର ବିନା ଅନୁମତିରେ ଓ ଅତି ଜରୁରୀ ନଥିଲେ ନୂଆ ଗାଡ଼ି କିଣାଯିବ ନାହିଁ ବୋଲି ବିଭାଗଗୁଡ଼ିକୁ ରୋକଠୋକ ଜଣାଇ ଦେଇଛନ୍ତି । ଅର୍ଥ ବିଭାଗର ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ସମସ୍ତ ବିଭାଗୀୟ ସଚିବ ଓ ମୁଖ୍ୟମାନଙ୍କୁ ଚିଠି ଲେଖି

▶▶ପୃଷ୍ଠା ୭

# ଚାଇଲ୍ଡ ପର୍ଣ୍ଣୋଗ୍ରାଫି ଦେଖିବା କିମ୍ବା ଡାଉନଲୋଡ୍ କରିବା ଅପରାଧ



ନୂଆଦିଲ୍ଲୀ, ୨୩/୯ : ଚାଇଲ୍ଡ ପର୍ଣ୍ଣୋଗ୍ରାଫିକୁ ନେଇ ବଡ଼ ରାୟ ଦେଇଛନ୍ତି ସୁପ୍ରିମକୋର୍ଟ। ପିଲାଙ୍କ ସହ ଜଡିତ ଅଶ୍ଳୀଳ କଣ୍ଟେଣ୍ଟ ଦେଖିବା, ପ୍ରକାଶିତ କରିବା କିମ୍ବା ଏହାକୁ ଡାଉନ୍‌ଲୋଡ୍ କରିବା ଦଣ୍ଡନୀୟ ଅପରାଧ। ଚାଇଲ୍ଡ ପର୍ଣ୍ଣୋଗ୍ରାଫି ଡାଉନଲୋଡ୍ କିମ୍ବା ଦେଖିବା ଚଙ୍ଗଉଝଙ୍ଗ ଅଧିନିୟମ ଅଟେ। ସିଜେଆଇ ଡିୱାଇ ଚନ୍ଦ୍ରଚୂଡ଼୍, ଜଷ୍ଟିସ୍ ଜେ.ବି ପାରଡିୱାଲା ଏବଂ ଜଷ୍ଟିସ୍ ମନୋଜ ମିଶ୍ରଙ୍କ ବେଞ୍ଚ ଏହି ନିଷ୍ପତ୍ତି ଶୁଣାଇନ୍ତି। ଏହି ରାୟ ଦେବାବେଳେ ସୁପ୍ରିମକୋର୍ଟ ମାଡ୍ରାସ ହାଇକୋର୍ଟ ନିଷ୍ପତ୍ତିକୁ ମଧ ରଦ୍ଦ କରି ଦେଇଛନ୍ତି।

▶▶ପୃଷ୍ଠା ୭

# ଜମ୍ମୁ-କଶ୍ମୀରକୁ ନେଇ ବଡ଼ କଥା କହିଲେ ରାହୁଲ ଗାନ୍ଧି



ନୂଆଦିଲ୍ଲୀ, ୨୩/୯ : ଲୋକସଭାର ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧି ସୋମବାର ପୁଣିଥରେ ଜମ୍ମୁ-କଶ୍ମୀର ପାଇଁ ପୂର୍ଣ୍ଣ ରାଜ୍ୟ ମାନ୍ୟତା ଦାବି ଦୋହରାଇଛନ୍ତି। ଏଥିସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରର ଲୋକଙ୍କ ଠାରୁ ସେମାନଙ୍କର ଗଣତାନ୍ତ୍ରିକ ଅଧିକାର ଛଡ଼ାଇ ନେଇଛନ୍ତି ବୋଲି ରାହୁଲ ଅଭିଯୋଗ କରିଛନ୍ତି। ପୁଞ୍ଚରେ ଆୟୋଜିତ ଗୋଟିଏ ନିର୍ବାଚନୀ ସଭାରେ ରାହୁଲ ଗାନ୍ଧି କହିଛନ୍ତି, "ପ୍ରଥମ ଥର ପାଇଁ ଗୋଟିଏ ରାଜ୍ୟକୁ କେନ୍ଦ୍ର ଶାସିତ ଅଞ୍ଚଳ କରାଯାଇଛି। ଅନେକ ଥର ଏକାଧିକ କେନ୍ଦ୍ର ଶାସିତ ଅଞ୍ଚଳରେ ରାଜ୍ୟରେ ପରିଣତ ହୋଇଛି। ସାଧାରଣତଃ କେନ୍ଦ୍ର

▶▶ପୃଷ୍ଠା ୭

# ସ୍ୱଚ୍ଛତା ହିଁ ସେବା ଅବସରରେ ସାଇକେଲ ଶୋଭାଯାତ୍ରା

ଜୟପୁର, ୨୩/୦୯ (ନି.ପ୍ର): ସ୍ୱଚ୍ଛତା ହିଁ ସେବା ଅବସରରେ ସାଇକେଲ ଶୋଭାଯାତ୍ରା ଆଜି ଅନୁଷ୍ଠିତ ହୋଇଛି । ଦଶହରା ପଡିଆ ଠାରେ ଜୟପୁର ପୌରପାଳିକା ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏସଡିପିଓ ଅଙ୍କିତ କୁମାର ବର୍ମା ଓ ପୌର ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି ଉପସ୍ଥିତ ରହି ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଡିଓ ଶକ୍ତି ମହାପାତ୍ର, ପୌର ନିବାହି ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ, ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି, ବିଇଓ ଚନ୍ଦନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଦଶହରା ପଡିଆ ଠାରୁ ଏହି ସଚେତନତା ସହ ପ୍ରତିଯୋଗିତା ଶୋଭାଯାତ୍ରା ବାହାରି ଗାନ୍ଧୀ ଛକ, ବାଇପାସ ରୋଡ ପାଓାର ହାଉସ , ମେନ ରୋଡ ଦେଇ ପୁଣି ଦଶହରା ପଡିଆରେ ପହଂଚି ଥିଲା । ପ୍ରଥମ ଦ୍ୱିତିୟ ଓ ତୃତିୟ ପ୍ରତିଯୋଗି ଙ୍କୁ ପୁରସ୍କୃତ କରାଯାଇଥିଲା । ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ମାଧ୍ୟମରେ ପୌର ପରିଷଦର ପ୍ରତ୍ୟେକ ୱାର୍ଡରେ ସଚେତନତା ରଥ ସହର ପରିକ୍ରମା କରିବ ବୋଲି ପୌର ନିର୍ବାହି ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ ସୂଚନା ଦେଇଛନ୍ତି ।

ଏହି ଶୋଭାଯାତ୍ରାରେ ଏନସିସି କ୍ୟାଡେଟ, ସ୍କୁଲର ଛାତ୍ର ଛାତ୍ରୀ, ସ୍ୱେଚ୍ଛାସେବି ଅନୁଷ୍ଠାନ ସହ ଜୟପୁର ବାସୀ ସାମିଲ ହୋଇଥିଲେ ।

# ବିସର୍ଜନକୁ ନେଇ ଗୋଷ୍ଠୀ ସଂଘର୍ଷ: ମାମଲା ୨ ଗିରଫ

ଜୟପୁର, ୨୩/୦୯ (ନି.ପ୍ର): ଗଣେଷ ବିସର୍ଜନକୁ ନେଇ ଗୋଷ୍ଠି ସଂଘର୍ଷରେ ୫ ଆହତ ମାମଲାରେ ୨ ଅଭିଯୁକ୍ତ ଆଜି ଗିରଫ କରିଛି ଜୟପୁର ଟାଉନ ପୋଲିସ। ଗିରଫ ଅଭିଯୁକ୍ତ ଜଣକ ହେଲା ହାଟପଦାର ଶିବା ନନ୍ଦ ଗରଡ଼ା (୧୯) ଓ ଡଙ୍ଗାଗୁଡ଼ାର ଗୋପାଳ ମୁଦୁଲି (୨୩)। ପୋଲିସ ସୂଚନା ଅନୁଯାୟୀ ଜୟପୁର ସହର ହାଟପଦା ଓ ଡଙ୍ଗାଗୁଡ଼ା ମଧ୍ୟରେ ଗୋଷ୍ଠି ସଂଘର୍ଷ ଘଟିଛି। ଉଭୟ ସାହି ପକ୍ଷରୁ ଜୟପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ଅଭିଯୋଗକୁ ଭିତିକରି ପୋଲିସ ଦୁଇଟି ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ସୂଚନା ଅନୁଯାୟୀ ଜୟପୁର ସହର ହାଟପାଦରେ ଗଣେଷ ବିସର୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ବିସର୍ଜନ ସମୟରେ ଡଙ୍ଗାଗୁଡ଼ାର ଯୁବକମାନେ ସାମିଲ ହୋଇଥିଲେ। ସେହି ସମୟରେ ଦୁଇଗୋଷ୍ଠି ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହାକୁ ନେଇ ଦୁଇଗୋଷ୍ଠି ମଧ୍ୟରେ ଗୋଷ୍ଠି ସଂଘର୍ଷ ହୋଇଥିଲେ। ଲୁହାରଡ଼ରେ ଆକ୍ରମଣ ହୋଇଥିଲା। ଫଳରେ ୨ ଜଣଙ୍କ ମୁଣ୍ଡ ଫାଟିଥିବାବେଳେ ଆଉ ୩ ଜଣ ଆହତ ହୋଇଥିଲେ। ଏହି ମାମଲାରେ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ଟାଉନ ଥାନା ଅଧିକାରୀ ରମଣି ରଞ୍ଜନ ଦଳେଇ ସୂଚନା ଦେଇଛନ୍ତି।

# କଦମପଡା ଶିଶୁ ମନ୍ଦିରରେ ବିଦ୍ୱତ ପରିଷଦ ଆଲୋଚନା ଚକ୍ର ୨୦୨୪-୨୫ ପାଳିତ

ବଲାଙ୍ଗିର, ୨୩/୦୯ (ନି.ପ୍ର): କଦମପଡାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଦ୍ୱତ ପରିଷଦ ଆଲୋଚନାଚକ୍ର ୨୦୨୪-୨୫ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ରୂପେ ବିଦ୍ୱତ ପରିଷଦର ପ୍ରାନ୍ତ ସଂଯୋଜକ ଅଶ୍ୱିନୀ କୁମାର ନାୟକ ଯୋଗଦେଇ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ । ସ୍ୱାଗତ ସଙ୍ଗୀତ ବିଦ୍ୟାଳୟର ଗୁରୁମାମାନେ ଗାନ କରିଥିଲେ । ପ୍ରଧାନାଚାର୍ଯ୍ୟ ସୁବ୍ରତ କୁମାର ବେହେରା ମଂଚାସୀନ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ଆଲୋଚନାଚକ୍ରର ବିଷୟ "ରାଷ୍ଟ୍ର ଜାଗରଣରେ ନାଗରିକର କର୍ତବ୍ୟ" ଉପରେ ସମ୍ଭାଗ କୋଷାଧ୍ୟକ୍ଷ ଦତାନନ୍ଦ ପଣ୍ଡା, ଅବସରପ୍ରାପ୍ତ ପ୍ରଧାପକ ମନୋରଞ୍ଜନ ମିଶ୍ର,ରସାୟନ ବିଭାଗର ଅବସରପ୍ରାପ୍ତ ସହକାରୀ ପ୍ରଧାପକ ପ୍ରେମଚାନ୍ଦ ମହାନ୍ତି, ଶିକ୍ଷକ ସନ୍ତୋଷ କୁମାର ସାହୁ, ସରକାରୀ ହୋମିଓପାଥି ଚିକିତ୍ସାଧିକାରୀ ଡ. ଆଶୋକ କୁମାର ସେଠୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କଲିଷ୍ଟ ପ୍ରଧାନ, ବିଜ୍ଞାନ ମଧୁପ ପତ୍ରିକାର ସଂପାଦକ ଅଭିମନ୍ୟୁ ମିଶ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସତ୍ୟାନନ୍ଦ ଖମାରୀ, ଅବସରପ୍ରାପ୍ତ ହୋମିଓପାଥି ଡ.ଗୋଦାବରୀଶ ମିଶ୍ର, ଅବସରପ୍ରାପ୍ତ ଶିବପ୍ରସାଦ ତ୍ରିପାଠୀ,ଆଚାର୍ଯ୍ୟ କ୍ଷମାନିଧି ସାହୁ, ଅଖିଳ ଭାରତୀୟ ସାହିତ୍ୟ ସଂଗଠନର ସଂପାଦକ ନବକିଶୋର ବେହେରା, ବଲାଙ୍ଗୀର ବିଦ୍ୟୁତ ପରିଷଦର ସଂପାଦକ ନନ୍ଦକିଶୋର ଷାଣ୍ଢ,ପାଟଣାଗଡ ବିଭାଗୀୟ ଅଧିକାରୀ ସରୋଜ କୁମାର ବାବୁ, ଭାଗବତ ପ୍ରବଚକ ବଂଶୀଧର ଦାନୀ, ଅବସରପ୍ରାପ୍ତ ବିତ ପ୍ରଶାସନିକ ଅଧିକାରୀ, ବଲାଙ୍ଗୀର ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ସନାତନ ଠାକୁର ତଥା ବଲାଙ୍ଗୀର ଜିଲ୍ଲା ବିଶ୍ୱହିନ୍ଦୁ ପରିଷଦର ଉପାଧ୍ୟକ୍ଷ ରାମଚନ୍ଦ୍ର ପଟେଲ ଆଲୋଚନା ଚକ୍ରରେ ଭାଗ ନେଇଥିଲେ । ଏହାପରେ ଗୁରୁମା ରଶ୍ମିପ୍ରଭା ନାୟକ ବ୍ୟକ୍ତିଗତ ଗୀତ ପରିବେଷଣ କରିଥିଲେ । ଶେଷରେ ମୁଖ୍ୟବକ୍ତା ମାନନୀୟ ଅଶ୍ୱିନୀ କୁମାର ନାୟକ ନିଜ ବକ୍ତବ୍ୟ ଦେଇ କହିଲେ ଯେ ସଜ୍ଜନ ଶକ୍ତିର ଜାଗରଣ ନ ହେଲେ ଦୁର୍ଜନ ଶକ୍ତି ପ୍ରଭାବ ବିସ୍ତାର କରିବ । ବିଦ୍ୟାଳୟର ସଭାପତି ଡ.ଭବାନୀ ଶଙ୍କର ପଟେଲ ନିଜ ଅଭିଭାଷଣ ପ୍ରଦାନ କରିଥିଲେ । ମଂଚାସୀନ ଅତିଥିଙ୍କ ମଧ୍ୟରେ ସମ୍ଭାଗ କୋଷାଧ୍ୟକ୍ଷ ଦତାନନ୍ଦ ପଣ୍ଡା, ଶିକ୍ଷା ବିକାଶ ସମିତିର ଜିଲ୍ଲା ପ୍ରମୁଖ ରାମକୁମାର ମିଶ୍ର,ସଭାପତି ଡ. ଭବାନୀ ଶଙ୍କର ପଟେଲ ଉପସ୍ଥିତ ଥିଲେ । ସଂଯୋଜନା ଗୁରୁମା ନୂତନ ମିଶ୍ର କରିଥିବା ବେଳେ ଧନ୍ୟବାଦ ସଂପାଦକ ତରଣୀସେନ ପଟେଲ ଦେଇଥିଲେ । କାର୍ଯ୍ୟକ୍ରମର ବ୍ୟବସ୍ଥା ପ୍ରମୁଖ ତରଣୀସେନ ପଟେଲ ଓ ସଂଯୋଜକ ସୁବ୍ରତ ବେହେରାଙ୍କ ମାର୍ଗଦର୍ଶନରେ ସମସ୍ତ ଗୁରୁଜୀ ଗୁରୁମାଙ୍କ ସହଯୋଗରେ ସଫଳତା ସହ କାର୍ଯ୍ୟକ୍ରମଟି ସଫଳତା ସହ ସଂପର୍ଣ୍ଣ ହୋଇଥିଲା ।

# କୁଲତା ସମାଜ ପକ୍ଷରୁ ଶତାୟୁ ନାଗରିକ ସମ୍ବର୍ଦ୍ଧିତ

ସମ୍ବଲପୁର, ୨୩/୦୯ (ନି.ପ୍ର): ଦାନୀପାଲି ସ୍ଥିତ ରାମଚଣ୍ଡୀ ସେବା ସଦନ ଠାରେ ରବିବାର ସମ୍ବଲପୁର କୁଲତା ସମାଜ ପକ୍ଷରୁ ନୂଆଁଖାଇ ଭେଟଘାଟ କାର୍ଯ୍ୟୁକ୍ରମ ସଭାପତି କୃପାସିନ୍ଧୁ ଖମାରୀଙ୍କ ସଭାପତିତ୍ୱରେ ଶହେ ବାର ବର୍ଷ ବୟସର ବରିଷ୍ଠ ଚାଷୀ ବଳରାମ ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ କୁଲତା ସମାଜ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବଳରାମ ପ୍ରଧାନ ନିଜର ଅଭିଜ୍ଞତା ନେଇ କହିଥିଲେ ଯେ, ଶହେ ବର୍ଷ ପୂର୍ବରୁ ଲୋକେ ଚାଷ ଉପରେ ନିର୍ଭର ଥିଲେ ଚାଷ କରି ସମାଜକୁ ଅନ୍ନ ଯୋଗାଇବାକୁ ସମ୍ମାନନୀୟ କାର୍ଯ୍ୟଥ । ସଭାରେ ସମ୍ବଲପୁର କୁଲତା ସମାଜକୁ ଦୀର୍ଘ ବର୍ଷ ଧରି ସେବା ଦେଇ ଆସିଥିବା ବିଶିଷ୍ଟ ବ୍ୟକ୍ତି ତଥା ବରିଷ୍ଠ ସଦସ୍ୟ ଅଭିରାମ ଖାମରୀ, ମୁରଲୀ ପ୍ରଧାନ, ହୃଷିକେଶ ବଢାଇ, ଭକ୍ତ ପ୍ରଧାନ, ଛେଲିଆ ପ୍ରଧାନ, ନାରଦ ପାତ୍ର, ଦୟାନିଧି ବିଶ୍ୱାଲ, ଆନନ୍ଦ ପଧାନ, ନିର୍ମଳ ପ୍ରଧାନ, ହାରୁଧ ଭୋଇ, ତେଜରାଜ ପଧାନ ପ୍ରମୁଖଙ୍କୁ କୁଲତା ସମାଜ ପକ୍ଷରୁ ସମ୍ବଦ୍ଧିତ କରାଯାଇଥିଲା ଚଳିତ ବର୍ଷ ମେଡିକାଲ ପାଠ ପଢିବା ପାଇଁ ଯୋଗ୍ୟତା ଅର୍ଜନ କରିଥିବା ତେଜରାଜ ନାୟକ ଏବଂ ଶୁଭଶ୍ରୀ ନାୟକଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ । ସକାଳେ ପୁଜକ ବ୍ୟାସଦେବ ଭୋଇ, ସୁଦାମ ପ୍ରଧାନ , ଦେବୀ ପ୍ରସାଦ ଭୋଇ, ରଣେଶ୍ୱର ରାାମଚଣ୍ଡୀ ପୁଜକ ଦେବୀ ପ୍ରସାଦ ଭୋଇଙ୍କ ଇଷ୍ଟଦେବୀ ରାମଚଣ୍ଡୀଙ୍କ ମନ୍ତ୍ରପାଠ ପରେ ସମ୍ପାଦକ ରଞ୍ଜନ ପାତ୍ର ରାମଚଣ୍ଡୀ ସେବା ସଦନର ଉତ୍ତରୋତ୍ତର ଉନ୍ନତି ପାଇଁ ସମ୍ବଲପୁରର ସମସ୍ତ ସଦସ୍ୟ ମାନଙ୍କ ସହଯୋଗ କାମନା କରିଥିଲେ ।

# ମୋରାମୋରୀ ପଂଚାୟତ ଜଙ୍ଗଲରେ ମହାବଳ : ପାଦଚିହ୍ନରୁ ସ୍ପଷ୍ଟ କଲା ବନ ବିଭାଗ, ଡ୍ରୋନ୍ ଖୋଜୁଛି ମହାବଳକୁ

ଖୋର୍ଦ୍ଧା, ୨୩/୦୯ (ନି.ପ୍ର): ଖୋର୍ଦ୍ଧା ବନଖଣ୍ଡରେ ଏବେ ମହାବଳ ଆତଙ୍କ ସ୍ଥାନୀୟ ଅଂଚଳରେ କୋକୁଆ ଭୟ ସୃଷ୍ଟି କରିଛି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ବାଣପୁର ବ୍ଲକ୍ ମୋରାମୋରୀ ପଂଚାୟତ ଅନ୍ତର୍ଗତ ସଲପଡିହ ଜଙ୍ଗଲରେ । ତେବେ ପାଦଚିହ୍ନରୁ ମହାବଳ ବାଘର ବୋଲି ବନ ବିଭାଗ ସ୍ପଷ୍ଟ କରିବା ପରେ ଏହା ଉପରେ ନଜର ରଖିବାକୁ ଡ୍ରୋନ୍ କ୍ୟାମେରା ବ୍ୟବହାର କରାଯାଉଛି। ସୂଚନା ଅନୁଯାୟୀ, ଗତକାଲି ମଧ୍ୟରାତ୍ରରେ ମହାବଳ ସଲପଡିହ ଜଙ୍ଗଲ ସଂଲଗ୍ନ ଅଂଚଳରେ ଏକ ଷଣ୍ଢକୁ ମାରି ଖାଇଥିଲା। ପରେ ଷଣ୍ଢଟି ରାତି ୯ଟାରେ ସଲପଡିହ ଝୋଲାସାହିସ୍ଥିତ ପାଣ୍ଡବାଶୁଣି ମନ୍ଦିର ନିକଟରେ ଶୋଇଥିବା ବେଳେ ବିଳମ୍ବିତ ରାତିରେ ତାକୁ ଘୋଷାଡ଼ି ନେଇଥିଲା ମହାବଳ। ଆଜି ସକାଳେ ହରିଜନସାହି ମଙ୍ଗଳା ମନ୍ଦିର ଠାରୁ ଅନତି ଦୂର ଥିବା ଜୟକୃଷ୍ଣ ସ୍ୱାଇଁଙ୍କ ଚାଷ ଜମିରେ ଷଣ୍ଢର ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ଏପରିକି ଷଣ୍ଢର ଶରୀରର କିଛି ଅଂଶକୁ ମହାବଳ ଖାଇଯାଇଥିବା ଦେଖିବାକୁ ମିଳିଛି । ଏ ଭଳି ଲୋମହର୍ଷଣକାରୀ ଦୃଶ୍ୟ ଦେଖି ଗାଁ ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ବନ ବିଭାଗ ଅଧିକାରୀଙ୍କ ସମେତ କର୍ମଚାରୀ ସେଠାରେ ପହଂଚି ବାଘ ଉପସ୍ଥିତି ନେଇ ଅନୁଧାନ କରିଥିଲେ। ଅନୁଧାନ କରିବା ପରେ ବିଭାଗ ପକ୍ଷରୁ ଘଟଣାସ୍ଥଳରୁ କାଦୁଅ ଓ ବିଭିନ୍ନ ସ୍ଥାନରେ ସଂଗୃହୀତ ପାଦ ଚିହ୍ନରୁ ଏହା ମହାବଳ ବାଘ ବୋଲି ସ୍ପଷ୍ଟ ହୋଇଛି। ସଲପଡ଼ିହ ଜଙ୍ଗଲରେ ମହାବଳ ବାଘର ଅବସ୍ଥିତି ଠଉରାଇବା ପାଇଁ ଡ୍ରୋନ୍ କ୍ୟାମେରାର ସହାୟତା ନିଆଯିବା ସହିତ ମହବଳର ସନ୍ଧାନ ଚାଲିଥିବା ଟାଙ୍ଗୀ ଏସିଏଫ୍ ଦେବାଶିଷ ଭୋଇ ଓ ନାଚୁଣୀ ଫରେଷ୍ଟର ପୂର୍ଣ୍ଣଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି। ସେହିପରି ମହାବଳକୁ ନେଇ ଆଖପାଖ ଅଂଚଳରେ ଆତଙ୍କ ଖେଳିଯାଇଛି। ସଲପଡ଼ିହ ଓ ଶୁଳିଆ ଜଙ୍ଗଲ ଅଂଚଳକୁ କୌଣସି କାମରେ ଏକୁଟିଆ ନଯିବା ପାଇଁ ବନ ବିଭାଗ ପକ୍ଷରୁ ଲୋକଙ୍କୁ ସତର୍କ କରାଯାଇଛି।

# ଆସନ୍ତା ୨୫ରୁ ବରଗଡରେ ଆନ୍ତଃ ଜିଲ୍ଲା ସାହାଣୀ କପ୍ ଫୁଟବଲ ପ୍ରତିଯୋଗିତା : ଭାଗ ନେବେ ୮ଟି ଜିଲ୍ଲା ଦଳ

ବରଗଡ, ୨୩/୦୯ (ନି.ପ୍ର): ଆସନ୍ତା ୨୫ ତାରିଖରୁ ବରଗଡ ଜିଲ୍ଲାରେ ଆରମ୍ଭ ହେବାକୁ ଯାଉଛି ଆନ୍ତଃ ଜିଲ୍ଲା ପୁରୁଷ ସାହାଣୀ କପ ଫୁଟବଲ୍ ପ୍ରତିଯୋଗିତା - ୨୦୨୪ । ଫୁଟବଲ ଏସୋସିଏସନ ଅଫ ଓଡ଼ିଶା ଓ ଜିଲ୍ଲା କ୍ରୀଡା ସଂସଦ ବରଗଡର ମିଳିତ ଆନୁକୁଲ୍ୟରେ ଆୟୋଜିତ ହେଉଥିବା ଏହି ଟୁର୍ଣ୍ଣାମେଣ୍ଟ ଟି ଆସନ୍ତା ୨୫.୦୯.୨୦୨୪ ତାରିଖରୁ ଆରମ୍ଭ ହୋଇ ୦୪.୧୦.୨୦୨୪ ରେ ସେମି ଫାଇନାଲ ସହ ବରଗଡ ଜୋନ ରେ ସମାପ୍ତ ହେବ । ଚଳିତ ବର୍ଷ ପ୍ରତିଯୋଗିତାଟି ବରଗଡ ସମେତ ଅନ୍ୟ ତିନୋଟି ଜୋନ ଯଥା ସୁନ୍ଦରଗଡ, ମୟୂରଭଞ୍ଜ ଓ ପାରାଦୀପ ଠାରେ ଅନୁଷ୍ଠିତ ହେଉଅଛି । ତନ୍ମଧ୍ୟରୁ ବରଗଡରେ ଗୋଟିଏ ଜୋନ୍ ରେ ୨ଟି ଗ୍ରୁପ ରେ ଖେଳ ଆୟୋଜନ ହେବ ଏବଂ ଏହା ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଖେଳାଯିବ । ବରଗଡ ଷ୍ଟାଡିୟମରେ ୮ଟି ଦଳ ଯଥା ଗ୍ରୁପ ଏ ରେ ବରଗଡ, ସମ୍ବଲପୁର, କେନ୍ଦୁଝର, ମାଲକାନଗିରି ଜିଲ୍ଲା ଦଳ ରହିଥିବା ବେଳେ ଗ୍ରୁପ - ବି ରେ କନ୍ଧମାଳ, ନୂଆପଡ଼ା, କଳାହାଣ୍ଡି, ବଲାଙ୍ଗୀର ଜିଲ୍ଲା ଦଳ ଗୁଡିକ ଖେଳିବେ । ପ୍ରତିଯୋଗୀତାର ବରଗଡ ଜୋନ ର କ୍ୱାଟର ଫାଇନାଲ ମ୍ୟାଚ ଏ ଗ୍ରୁପ୍ ର ବିଜେତା ସହ ବି ର ବିଜେତା ମଧ୍ୟରେ ଆସନ୍ତା ଅକ୍ଟୋବର ୨ ତାରିଖ ଅନୁଷ୍ଠିତ ହେବାକୁ ଥିବା ବେଳେ ସେମି ଫାଇନାଲ ମ୍ୟାଚ ବରଗଡ ଜୋନ ର ବିଜେତା ଓ ସୁନ୍ଦରଗଡ ଜୋନ ର ବିଜେତା ମଧ୍ୟରେ ଆସନ୍ତା ଅକ୍ଟୋବର ୪ ତାରିଖରେ ମିନି ଷ୍ଟାଡିୟମରେ ଅନୁଷ୍ଠିତ ହେବ ବୋଲି ଜିଲ୍ଲା କ୍ରୀଡା ସଂସଦ ପକ୍ଷରୁ ସୂଚନା ଦିଆଯାଇଛି। । ଏହି ଟୁର୍ନାମେଣ୍ଟ ପାଇଁ ଖେଳାଳିଙ୍କ ରହଣି ବରଗଡ ରେ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ, ସିନ୍ଧି କଲ୍ୟାଣ ମଣ୍ଡପ ରେ ବ୍ୟବସ୍ଥା କରାଯାଇଛି। ଏହି ଟୁର୍ନାମେଣ୍ଟ ରେ ଅଫିସିଆଲ୍ ହେବାକୁ ମୋଟ ୧୨ ଜଣ ମ୍ୟାଚ ରେଫରି ଅଛନ୍ତି । ଏହା ବ୍ୟତୀତ ଜଣେ ଜୋନ ରେଫରୀ ମୁଖ୍ୟ ରହିଛନ୍ତି । ସମସ୍ତେ ଫୁଟବଲ ଏସୋସିଏସନ ଅଫ ଓଡ଼ିଶା କ୍ୱାଲିଫାଏଡ୍ ଏଲିଟ୍ ପ୍ୟାନେଲ୍ ରେଫରି ଅଟନ୍ତି। ଏହି ଟୁର୍ନାମେଂଟରେ ଫୁଟବଲ ଏସୋସିଏସନ ଅଫ ଓଡ଼ିଶାର ବରିଷ୍ଠ ରେଫରି ନବୀନ କୁମାର ନାୟକ ଜୋନ ର ରେଫରୀ ମୁଖ୍ୟ ଭାବରେ ରହିବେ ଓ ତାଙ୍କ ତତ୍ତ୍ୱାବଧାନ ରେ ଅଫିସିଆଲ୍ ମାନେ ମ୍ୟାଚ୍ ପରିଚାଳନା କରିବେ । ବରଗଡରେ ମ୍ୟାଚ୍ ସମୟ ପ୍ରଥମ ମ୍ୟାଚ୍ ଅପରାହ୍ନ ୨ ଘଣ୍ଟା ଏବଂ ଦ୍ୱିତୀୟ ମ୍ୟାଚ୍ ଅପରାହ୍ନ ଘ୩.୩୦ ମି ରେ ରହିବ । ଏହି ମର୍ଯ୍ୟାଦା ସମ୍ପନ୍ନ ରାଜ୍ୟ ଫୁଟବଲ ପ୍ରତିଯୋଗିତା ପାଇଁ କ୍ରୀଡା ସଂସଦର କାର୍ଯ୍ୟକାରୀ କମିଟି ବୈଠକ ସହ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଁଚିଛି।

# ସର୍ବଭାରତୀୟ ଗ୍ରାମୀଣ ଡାକ ସେବକ ସଂଘର କାର୍ଯ୍ୟକାରୀ ସଭାପତି ଶ୍ରୀ ରାଜେନ୍ଦ୍ର ପ୍ରସାଦ ସାହୁଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସଭା

ଜୟପୁର , ୨୩/୦୯ (ନି.ପ୍ର): ଦୀର୍ଘ ଦିନ ଗ୍ରାମୀଣ ଡାକ ସେବକ ଭାବେ କାମ କରି କୋରାପୁଟ ଜିଲ୍ଲା ସଂଘର ନେତୃତ୍ୱ ନେଇ ସର୍ବଭାରତୀୟ କାର୍ଯ୍ୟକାରୀ ସଭାପତି ଦାୟିତ୍ୱ ରେ ରହି କାମ କରିଥିବା ଶ୍ରୀ ରାଜେନ୍ଦ୍ର ପ୍ରସାଦ ସାହୁ କୋରାପୁଟ ଜିଲ୍ଲା ର ଗର୍ବ । ଆଜି ସଂଧ୍ୟା ହୋଟେଲ ରେ ତାଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ରେ ଓଡ଼ିଶା ର ପଶ୍ଚିମ, ଦକ୍ଷିଣ, ଉତ୍ତର ଓ ପୂର୍ବାଂଚଳ ଜିଲ୍ଲା ମାନଙ୍କରୁ ସର୍କଲ ନେତା ମାନେ ଆସି ସମ୍ମାନିତ କରିଛନ୍ତି । ଶ୍ରୀ ସାହୁ ଜଣେ ନିଷ୍ଠାବାନ କର୍ମଚାରୀ ଏବଂ ଦାୟିତ୍ୱ ବାନ ନେତା ଭାବରେ ଡ଼ାକ ବିଭାଗ ରେ ନିଜକୁ ପ୍ରତିଷ୍ଠିତ କରି ପାରିଛନ୍ତି ଏବଂ ୬୫ ବର୍ଷ ବୟସରେ ଅବସର ନେଇଛନ୍ତି। ଆଜିର ସଭା ସକାଳ ଘ: ୧୧.୦୦ ରେ ଆରମ୍ଭ ହୋଇଥିଲା ତୃତୀୟ ଶ୍ରେଣୀ ଡାକ କର୍ମଚାରୀ ନେତା ଶ୍ରୀ ଅମୀୟ ମହାରଣା ଙ୍କ ସଭାପତିତ୍ୱରେ। ଏହି ସଭାରେ ଓଡ଼ିଶା ରାଜ୍ୟ ସଭାପତି ଶ୍ରୀ କୃଷ୍ଣ ଚନ୍ଦ୍ର ପ୍ରଧାନ, ସମ୍ପାଦକ ସତ୍ୟବ୍ରତ ମାନସିଂହ, ଆସ୍କା ଗଞ୍ଜାମ ରୁ ରବୀନ୍ଦ୍ର ପଣ୍ଡା, ଫୁଲବାଣୀ ରୁ ମାନସ ରଞ୍ଜନ ପାତ୍ର, କଳାହାଣ୍ଡି ରୁ ପବିତ୍ର ପ୍ରଧାନ, ଦେବେନ୍ଦ୍ର ଠାକୁର, ବଲାଙ୍ଗୀର ରୁ ଜୟରଥ ଦାସ , କେନ୍ଦ୍ରାପଡ଼ାରୁ ବିଜୟ ଦାସ , ପୂର୍ବତନ ଓଡ଼ିଶା ସର୍କଲ ସେକ୍ରେଟାରୀ ପର୍ଶୁରାମ ଦାସ , କୈଳାସ ପଟ୍ଟନାୟକ , ସିଟି କୋଅର୍ଡିନେସନ୍ କମିଟି ର ସାଧାରଣ ସମ୍ପାଦକ ଶ୍ରୀ ପ୍ରମୋଦ କୁମାର ମହାନ୍ତି, ଓଡ଼ିଶା ଅମଲା ସଂଘ ର ଶ୍ରୀ ଶଶି ଭୂଷଣ ଦାସ ,ବି ରାମ ଗୋପାଲ୍ , ଅଭିରାମ ଦୋରା , ଶିଶିର ଗନ୍ତାୟତ , ଏମ୍ ଡି ଆସଲାମ୍ , ନୀଳାମ୍ବର ନାଏକ,ପି ଉଷା ପ୍ରମୁଖ ସମ୍ବର୍ଦ୍ଧିତ କରି ଶ୍ରୀ ରାଜେନ୍ଦ୍ର ପ୍ରସାଦ ସାହୁ ଙ୍କ ନେତୃତ୍ୱ ଆଗକୁ ମଧ୍ୟ ଦିଗ୍ ଦର୍ଶନ ଦେବ ଏଣୁ ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରିଛନ୍ତି।

# ବୋରିଗୁମ୍ମା ବ୍ଲକରେ ୩୩ ଜଣ ଶିକ୍ଷକ ଶିକ୍ଷୟତ୍ରୀ ନେଲେ ଅବସର

ଜୟପୁର , ୨୩/୦୯ (ନି.ପ୍ର): ବୋରିଗୁମ୍ମା ବ୍ଲକ ର ୩୩ ଜଣ ଶିକ୍ଷକ/ଶିକ୍ଷୟତ୍ରୀ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ତାଙ୍କୁ ବୋରିଗୁମ୍ମା ସଦର ସ୍ଥିତ ଏମ ଇ ସ୍କୁଲ ରେ ବୋରିଗୁମ୍ମା ପ୍ରାଥମିକ ଶିକ୍ଷ୍ୟକ ସଂଘ ତରଫରୁ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ସମ୍ବର୍ଦ୍ଧନା ସଭା ରେ ବୋରିଗୁମ୍ମା କ୍ଲଷ୍ଟର ସଭାପତି ମୃତ୍ୟୁଞ୍ଜୟ ପଣ୍ଡା ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲେ। ସମ୍ପାଦକ ଏନ. କାମେଶ୍ୱର ରାଓ ବିବରଣୀ ପାଠ କରିଥିଲେ। କୋଟପାଡ଼ ବିଧାୟକ ରୁପୁ ଭତ୍ରା ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଜୟପୁର ବିଧାୟକ ପ୍ରତିନିଧି ଅଶୋକ କୁମାର ଗନ୍ତାୟତ , ଜିଲ୍ଲା ପ୍ରାଥମିକ ସଂଘ ସଭାପତି ତ୍ରିନାଥ ହରିଜନ, ଗୋଷ୍ଠି ଶିକ୍ଷ୍ୟା ଶିକ୍ଷା ଅଧିକାରୀ ସଚିନ କୁମାର ମଲ୍ଲିକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷ୍ୟା ଅଧିକାରୀ ସୁବାଷ ମାଝୀ, ସଂଯୁକ୍ତା ପଣ୍ଡା, ନୀଳାଚଳ ହୋତା ପ୍ରମୁଖ ମଂଚସିଂନ ଥିଲେ । ଅବସର ପ୍ରାପ୍ତ ସିକ୍ଷକ ଙ୍କୁ ଉପଢୌକନ ତଥା ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ସହ ତାଙ୍କର ଅବସର ପରବର୍ତ୍ତୀ ଜୀବନ ସୁଖମୟ ଓ ନିରାମୟ ହେଉ ବୋଲି ସମସ୍ତେ ପ୍ରାର୍ଥନା କରିଥିଲେ। ଅବସରର ଶୁଭେଚ୍ଛା ଜଣାଇ ତାଙ୍କର ଶିକ୍ଷକତା କାଳର ଅନୁଭୂତି ତଥା ହସଖୁସିର ମୁହୂର୍ତ୍ତକୁ ପୁଣି ଥରେ ମନେପକାଇ ଏକ ଅଭୁଲା ପରିବେଶ ସୃଷ୍ଟି କରିଥିଲେ। ପରେ ବିଦ୍ୟାଳୟ ପରିସର ରେ ବିଧାୟକ ଙ୍କ ଦ୍ୱାରା ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା।ଏହି କାର୍ଯ୍ୟକ୍ରମରେ ବୋରିଗୁମ୍ମା ଓ କୁମୁଲି କ୍ଲଷ୍ଟରର ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

# ଭାରତକୁ ୨୯୭ଟି ପ୍ରାଚୀନ କଳାକୃତି ଫେରାଇ ଦେଇଛି ଯୁକ୍ତରାଷ୍ଟ୍ର ଆମେରିକା

ନୂଆଦିଲ୍ଲୀ , ୨୩/୦୯ (ନି.ପ୍ର): ଘନିଷ୍ଠ ଦ୍ୱିପାକ୍ଷିକ ସମ୍ପର୍କକୁ ଦୃଷ୍ଟିରେ ରଖି ଏବଂ ଅଧିକ ସାଂସ୍କୃତିକ ବୁଝାମଣାକୁ ବୃଦ୍ଧି କରିବା ପାଇଁ, ଆମେରିକାର ଷ୍ଟେଟସ୍ (ବୈଦେଶିକ) ବିଭାଗର ଶିକ୍ଷା ଏବଂ ସାଂସ୍କୃତିକ ବ୍ୟାପାର ବ୍ୟୁରୋ ଏବଂ ସଂସ୍କୃତି ମନ୍ତ୍ରଣାଳୟ ଅଧୀନରେ ଥିବା ଭାରତ ସରକାରଙ୍କ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ରାଷ୍ଟ୍ରପତି ବାଇଡେନ ଏବଂ ପ୍ରଧାନମନ୍ତ୍ରୀ ମୋଦୀ ସାଂସ୍କୃତିକ ଐତିହ୍ୟର ସୁରକ୍ଷା ପାଇଁ ସହଯୋଗ ବୃଦ୍ଧି କରିବାକୁ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ, ଯାହା ଜୁନ୍ ୨୦୨୩ ରେ ସେମାନଙ୍କର ବୈଠକ ପରେ ଜାରି ମିଳିତ ବିବୃତ୍ତିରେ ପରିଲକ୍ଷିତ ହୋଇଥିଲା, ତାହାକୁ ପୂରଣ କରିବା ନିମନ୍ତେ ଜୁଲାଇ ୨୦୨୪ ରେ ଏକ ସାଂସ୍କୃତିକ ସମ୍ପତ୍ତି ଚୁକ୍ତିନାମା ସ୍ୱାକ୍ଷର କରିଥିଲେ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଆମେରିକା ଗସ୍ତ ଅବସରରେ ଆମେରିକା ପକ୍ଷରୁ ଭାରତରୁ ଚୋରି ହୋଇଥିବା କିମ୍ବା ଚୋରା ଚାଲାଣ ହୋଇଥିବା ୨୯୭ ପୁରାତନ କଳାକୃତିକୁ ଫେରାଇ ଆଣିବା ସହଜ ହୋଇଥିଲା । ଏଗୁଡିକ ଖୁବ୍ ଶୀଘ୍ର ଭାରତକୁ ଅଣାଯିବ । ଏକ ସାଙ୍କେତିକ ହସ୍ତାନ୍ତର ସମୟରେ, ଡେଲାୱେରର ୱିଲମିଙ୍ଗଟନରେ ସେମାନଙ୍କର ଦ୍ୱିପାକ୍ଷିକ ବୈଠକ ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ରାଷ୍ଟ୍ରପତି ବାଇଡେନଙ୍କୁ କିଛି ଚୟନ କରାଯାଇଥିବା ସାମଗ୍ରୀ ଦେଖାଯାଇଥିଲା । ଏହି କଳାକୃତି ପ୍ରତ୍ୟାବର୍ତ୍ତନରେ ସମର୍ଥନ କରିଥିବାରୁ ପ୍ରଧାନମନ୍ତ୍ରୀ ମୋଦୀ ରାଷ୍ଟ୍ରପତି ବାଇଡେନଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସେ ଦର୍ଶାଇଛନ୍ତି ଯେ ଏହି କଳାକୃତିଗୁଡ଼ିକ କେବଳ ଭାରତର ଐତିହାସିକ ଓ ଭୌତିକ ସଂସ୍କୃତିର ଅଂଶ ନୁହେଁ, ବରଂ ଏହା ସଭ୍ୟତା ଏବଂ ଚେତନାର ମୂଳ ପ୍ରତୀକ ।ପୁରାତନ କଳାକୃତିଗୁଡିକ ଖ୍ରୀଷ୍ଟପୂର୍ବ ୨୦୦୦ ରୁ ଖ୍ରୀଷ୍ଟାବ୍ଦ ୧୯୦୦ ମଧ୍ୟରେ ପ୍ରାୟ ୪୦୦୦ ବର୍ଷ ସମୟ ଅବଧିର ଅଟେ ଏବଂ ଏହାର ଉତ୍ପତ୍ତି ଭାରତର ବିଭିନ୍ନ ସ୍ଥାନରେ ହୋଇଛି । ପୁରାତନ ସାମଗ୍ରୀଗୁଡିକ ମଧ୍ୟରେ ଅଧିକାଂଶ ପୂର୍ବ ଭାରତର ଟେରାକୋଟା କଳାକୃତି ହୋଇଥିବାବେଳେ ଅନ୍ୟଗୁଡିକ ପଥର, ଧାତୁ, କାଠ ଏବଂ ହାତୀ ଦାନ୍ତରେ ତିଆରି ଏବଂ ଏହା ଦେଶର ବିଭିନ୍ନ ଅଞ୍ଚଳ ସହିତ ସମ୍ବନ୍ଧିତ । ହସ୍ତାନ୍ତର କରାଯାଇଥିବା କେତେକ ଉଲ୍ଲେଖନୀୟ ପୁରାତନ କଳାକୃତିଗୁଡ଼ିକ ହେଉଛି :୧୦ - ୧୧ ଶତାବ୍ଦୀର ମଧ୍ୟ ଭାରତର ବାଲୁକା ପଥରରେ ନିର୍ମିତ ଅପସରା ;୧୫ - ୧୬ ଶତାବ୍ଦୀର ମଧ୍ୟ ଭାରତର ବ୍ରୋଞ୍ଜରେ ନିର୍ମିତ ଜୈନ ତୀର୍ଥଙ୍କର ;୩ -୪ ଶତାବ୍ଦୀର ପୂର୍ବ ଭାରତର ଟେରାକୋଟା ଫୁଲଦାନୀ ;ପ୍ରଥମ ଶତାବ୍ଦୀର ଦକ୍ଷିଣ ଭାରତ ସହିତ ସମ୍ବନ୍ଧିତ ପଥର ମୂର୍ତ୍ତି ;୧୭ - ୧୮ ଶତାବ୍ଦୀର ଦକ୍ଷିଣ ଭାରତର ବ୍ରୋଞ୍ଜରେ ନିର୍ମିତ ପ୍ରଭୁ ଗଣେଶ ;୧୫ - ୧୬ ଶତାବ୍ଦୀର ଉତ୍ତର ଭାରତର ବାଲୁକା ପଥରରେ ନିର୍ମିତ ଦଣ୍ଡାୟମାନ ହୋଇଥିବା ଭଗବାନ ବୁଦ୍ଧ ;୧୭ - ୧୮ ଶତାବ୍ଦୀର ପୂର୍ବ ଭାରତରୁ ବ୍ରୋଞ୍ଜରେ ନିର୍ମିତ ପ୍ରଭୁ ବିଷ୍ଣୁ ;ଖ୍ରୀଷ୍ଟପୂର୍ବ ୨୦୦୦ - ୧୮୦୦ର ଉତ୍ତର ଭାରତର ତମ୍ବାରେ ନିର୍ମିତ ମାନବରୂପୀ ଆକୃତି ;୧୭ - ୧୮ ଶତାବ୍ଦୀର ଦକ୍ଷିଣ ଭାରତର ବ୍ରୋଞ୍ଜରେ ନିର୍ମିତ ଭଗବାନ କୃଷ୍ଣ ,୧୩ - ୧୪ ଶତାବ୍ଦୀର ଦକ୍ଷିଣ ଭାରତର ଗ୍ରାନାଇଟରେ ନିର୍ମିତ ପ୍ରଭୁ କାର୍ତ୍ତିକେୟ ସାମ୍ପ୍ରତିକ ସମୟରେ, ସାଂସ୍କୃତିକ ସମ୍ପତ୍ତିର ପୁନରୁଦ୍ଧାର ଭାରତ - ଆମେରିକାର ସାଂସ୍କୃତିକ ବୁଝାମଣା ଏବଂ ଆଦାନପ୍ରଦାନର ଏକ ଗୁରୁତ୍ୱପୂର୍ଣ୍ଣ ଦିଗରେ ପରିଣତ ହୋଇଛି । ୨୦୧୬ ପରଠାରୁ, ଆମେରିକା ସରକାର ଚୋରାଚାଲାଣ କିମ୍ବା ଚୋରି ହୋଇଥିବା ବହୁ ସଂଖ୍ୟକ ପୁରାତନ ସାମଗ୍ରୀକୁ ଫେରାଇ ଆଣିବା ପ୍ରକ୍ରିୟାକୁ ସହଜ କରିଛନ୍ତି । ଜୁନ୍ ୨୦୧୬ରେ ପ୍ରଧାନମନ୍ତ୍ରୀଙ୍କ ଆମେରିକା ଗସ୍ତ ସମୟରେ ୧୦ ଟି ପ୍ରାଚୀନ କଳାକୃତି ଫେରସ୍ତ କରାଯାଇଥିଲା; ସେପଟ୍ଟେମ୍ବର ୨୦୨୧ ରେ ତାଙ୍କ ଗସ୍ତ ସମୟରେ ୧୫୭ ପ୍ରାଚୀନ କଳାକୃତି ଏବଂ ଗତ ବର୍ଷ ଜୁନରେ ତାଙ୍କ ଗସ୍ତ ସମୟରେ ଆହୁରି ୧୦୫ ପ୍ରାଚୀନ କଳାକୃତି ଫେରି ଆସିଥିଲା । ୨୦୧୬ ମସିହାରୁ ବର୍ତ୍ତମାନ ସୁଦ୍ଧା ଆମେରିକାରୁ ଭାରତକୁ ଫେରିଥିବା ମୋଟ ସାଂସ୍କୃତିକ କଳାକୃତି ସଂଖ୍ୟା ୫୭୮ ରେ ପହଞ୍ଚିଛି । ଏହା ହେଉଛି କୌଣସି ଦେଶ ଭାରତକୁ ଫେରାଇଥିବା ସର୍ବାଧିକ ସଂଖ୍ୟକ ସାଂସ୍କୃତିକ କଳାକୃତି ।

# ଜିଲ୍ଲାସ୍ତରୀୟ ବିକାଶ ମେଳା ଉଦ୍‌ଘାଟିତ

ଜୟପୁର , ୨୩/୦୯ (ନି.ପ୍ର): କୋରାପୁଟ ପୋଲିସ ପ୍ୟାରେଡ଼ ପଡ଼ିଆ ଠାରେ ଜିଲ୍ଲାସ୍ତରୀୟ ବିକାଶ ମେଳା ଉଦଘାଟିତ ହୋଇଯାଇଛି। କୋରାପୁଟ ଜିଲ୍ଲାପାଳ ଭି କୀର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ମେଳାରେ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ।କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ଼ ବିଧାୟକ ରୁପୁ ଭତ୍ରା,କୋରାପୁଟ ବ୍ଲକ ଅଧ୍ୟକ୍ଷା ନମିତା ମାଝୀ, କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ନାରାୟଣପାଟଣା ବ୍ଲକ ଅଧ୍ୟକ୍ଷ ଏନ. ତ୍ରିନାଥ, ଦକ୍ଷିଣ ପଶ୍ଚିମାଂଚଳ ଡିଆଇଜି ଚରଣ ସିଂ ମୀନା, ଜୟପୁର ଉପ ଜିଲ୍ଲାପାଳ ଏ ଶଶ୍ୟା ରେଡ୍ଡୀ, କୋରାପୁଟ ଏସପି ଅଭିନବ ସୋନକାର, ଅତିରିକ୍ତ ଜିଲ୍ଲାପାଳ ଅଲୋମଣି ସେଠୀ ଓ ଲଗ୍ନଜିତ ରାଉତ,ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦେବାଶିଷ ପଟ୍ଟନାୟକ, କୋରାପୁଟ ଉପ ଜିଲ୍ଲାପାଳ ବେଣୁଧର ଶବର ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ସୁଭଦ୍ରା ଯୋଜନା ୨ ଲକ୍ଷରୁ ଉର୍ଦ୍ଧ୍ୱ ପଞ୍ଜିକରଣ ହୋଇସାରିଛି ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଛନ୍ତି ।କୋରାପୁଟ ଜିଲ୍ଲାରେ ଯୋଗାଯୋଗର ସୁବିଧା ପାଇଁ ଭାରତ ମାଳା ପରିଯୋଜନାର କାର୍ଯ୍ୟ ଦୃତଗତିରେ ଆଗେଇ ଚାଲିଛି ବୋଲି ସେ କହିଛନ୍ତି ।ସେହିପରି ଜୟପୁର ଠାରୁ ନବରଙ୍ଗପୁର ଏବଂ ମାଲକାନଗିରି ରେଳପଥ ପାଇଁ ମଞ୍ଜୁରୀ ମିଳିଛି ବୋଲି ସେ କହିଥିଲେ ।ସ୍ୱଚ୍ଛ ଓ ବିକଶିତ କୋରାପୁଟ ଜିଲ୍ଲା ଗଠନ ପାଇଁ ସମସ୍ତଙ୍କର ସେ ସହଯୋଗ କାମନା କରିଥିଲେ । ଜିଲ୍ଲାସ୍ତରୀୟ ବିକାଶ ମେଳା ରାଜ୍ୟ ସରକାରଙ୍କ ଏକ ଅଭିନବ ପ୍ରୟାସ ବୋଲି କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ କହିଛନ୍ତି । ରାଜ୍ୟର ମୋହନ ସରକାର ଲୋକଙ୍କର ସରକାର ବୋଲି କୋଟପାଡ ବିଧାୟକ ରୂପୁ ଭତ୍ରା କହିବା ସହ ବିକଶିତ ଓଡ଼ିଶା ଗଠନ କରିବାକୁ ରାଜ୍ୟ ସରକାର ସଂକଳ୍ପ ନେଇଛନ୍ତି ବୋଲି ସେ କହିଛନ୍ତି ।ଡବଲ ଇଞ୍ଜିନ ସରକାରରେ ଡବଲ ବେନିଫିଟ ମିଳିବ ବୋଲି କୋରାପୁଟ ବିଧାୟକ ରଘୁରାମ ମାଛ କହିଛନ୍ତି । ସରକାର ଗଠନର ବହୁ କମ ସମୟ ମଧ୍ୟରେ ଜଗନ୍ନାଥ ମନ୍ଦିରର ଚାରି ଦ୍ୱାରା ଖୋଲିଥିଲେ।୧୦୦ ଦିନ ଭିତରେ ଲୋକଙ୍କ ଆଶା ଆକାଂକ୍ଷା ପୂରଣ କରିବା ପାଇଁ ପ୍ରଥମ କ୍ୟାବିନେଟ୍ ବୈଠକରେ ଜଗନ୍ନାଥ ମନ୍ଦିରର ଚାରି ଦ୍ୱାର ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ମନ୍ତ୍ରୀ ମାନେ ପୁରୀ ଯାତ୍ରା କରି ଚାରି ଦ୍ୱାର ଖୋଲାଯାଇଥିଲା ବୋଲି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉପସ୍ଥିତ ଜନସାଧାରଣ ଙ୍କ ନିକଟରେ ପ୍ରକାଶ କରିଥିଲେ । ମହିଳା ସଶକ୍ତିକରଣ ପାଇଁ ସୁଭଦ୍ରା ଯୋଜନା ମାଧ୍ୟମରେ ୫ ବର୍ଷରେ ମହିଳାଙ୍କୁ ୫୦ ହଜାର ଟଙ୍କା ମିଳିବ ବୋଲି ସେ କହିଛନ୍ତି ।ଏ ସରକାର ଲୋକଙ୍କର ସରକାର ତେଣୁ ୮୦ ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧ ହିତାଧିକାରୀ ମାନଙ୍କୁ ମାସକୁ ଭତ୍ତା ବାବଦରେ ୩୫୦୦ ଟଙ୍କାର ବ୍ୟବସ୍ଥା କରାଯାଇଛି ।ଶିକ୍ଷା ହେଉଛି ବିକାଶର ଚାବି କାଠି ।ଆଦିବାସୀ ପିଲାମାନେ ବିଭିନ୍ନ କାରଣରୁ ନବମ ଓ ଏକାଦଶ ନାମ ଲେଖାଇ ପାରୁ ନ ଥିବାରୁ ଡ୍ରପଆଉଟ ରେଟ ବୃଦ୍ଧି ପାଉଛି ।ତେଣୁ ରାଜ୍ୟ ସରକାର ମାଧବ ସିଂ ହାତ ଖର୍ଚ୍ଚ ମାଧ୍ୟମରେ ନବମ ଓ ଏକାଦଶ ଶ୍ରେଣୀରେ ନାମ ଲେଖାଇବା ପିଲା ମାନଙ୍କୁ ପ୍ରୋତ୍ସାହନ ରାଶି ୫ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ସେ କହିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ୯୧ ଟି ସ୍କୁଲକୁ ଅପଗ୍ରେଡ କରାଯାଇଥିବା ବେଳେ ଅନୁସୂଚୀତ ଜନଜାତି ଓ ଅନୁସୂଚିତ ଜାତି ବିଭାଗ ପକ୍ଷରୁ ୧୦୦ ଟି ହାଇସ୍କୁଲକୁ ଆପଗ୍ରେଡ କରାଯିବ ବୋଲି ସେ କହିଛନ୍ତି ।ପ୍ରତି ପଂଚାୟତରେ ଗୋଦାବରୀଶ ମଡେଲ ସ୍କୁଲ ନିର୍ମାଣ ହେବ ବୋଲି ସେ କହିଛନ୍ତି ।ଅଳ୍ପ ଦିନ ମଧ୍ୟରେ ୧୬ ହଜାରରୁ ଉର୍ଦ୍ଧ୍ୱ ଶିକ୍ଷକ ନିଯୁକ୍ତି ଦିଆଯିବ ।ଆଗାମୀ ଦିନରେ ୨୭ ହଜାର ଶିକ୍ଷକ ଦେବାର ନିଯୁକ୍ତି ଦେବାର ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି । ଅତିରିକ୍ତ ଜିଲ୍ଲାପାଳ ଲଗ୍ନଜିତ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ମନ୍ତ୍ରୀଙ୍କ ଦ୍ୱାରା ୩୦ ବିଭାଗ ଦ୍ୱାରା ସ୍ଥାପିତ ଉନ୍ନୟନମୂଳକ ଷ୍ଟଲର ଉଦଘାଟନ କରାଯାଇଥିଲା ।ଏହି ମେଳା ତିନି ଦିନ ପର୍ଯ୍ୟନ୍ତ ଚାଲିବ ବୋଲି ଜିଲ୍ଲାପାଳ କହିଛନ୍ତି ।

# ଯେତେ ଔଷଧ ଦେଲେ ବି ପିଲାର ଥଣ୍ଡା ଭଲ ହେଉନି କି... କରନ୍ତୁ ଏହି ଘରୋଇ ଚିକିତ୍ସା



ସାଧାରଣତଃ ଛୋଟ ପିଲାମାନଙ୍କୁ ଖାଇବାକୁ ଦେବା ସହଜ ନୁହେଁ। ଯେକୌଣସି ଜିନିଷ ହେଉ ପଛେ ସେମାନଙ୍କୁ ଖୁଆଇବା କଷ୍ଟକର। ପିଲାମାନେ ଏତେ ଶୀଘ୍ର କିଛି ଖାଇବାକୁ ପ୍ରସ୍ତୁତ ନୁହଁନ୍ତି। ଏହାସହିତ ବର୍ତ୍ତମାନର ପାଗ ମଧ୍ୟ ଏପରି ଯେ ପିଲାମାନେ ଶୀଘ୍ର ଅସୁସ୍ଥ ହୋଇପାରନ୍ତି। ଥଣ୍ଡା, କାଶ, ଗଳା ଯନ୍ତ୍ରଣା ଅତି ସାଧାରଣ କଥା। ଥରେ ପିଲାମାନଙ୍କୁ କାଶ ହେଲେ ଏହା ଅନେକ ଦିନ ପର୍ଯ୍ୟନ୍ତ ରହିଥାଏ।

ମୁଣ୍ଡରେ କିଛି ପଶେନି, ବୁଝାପଡେନି କେଉଁ ଔଷଧ ଦେଲେ ଶିଘ୍ର ଆରାମ ମିଳିବ। ଏଭଳି ପରିସ୍ଥିତିରେ ଅଧିକ ଔଷଧ ଏବଂ କଫ ସିରପ ଦେବା ପରିବର୍ତ୍ତେ, ଆପଣ ଘରୋଇ ଉପଚାର ସହିତ ପିଲାମାନଙ୍କର କାଶ ଏବଂ ଥଣ୍ଡାକୁ ଭଲ କରିପାରିବେ। ଘରୋଇ ଚିକିତ୍ସାରେ ଆପଣ ଜାଇଫଳକୁ ନେଇପାରିବେ। ଏଥିରେ ଏକ ମସଲା ଅଛି, ଯାହା ସେମାନଙ୍କର କାଶକୁ ଭଲ କରିପାରେ।

ଜାଇଫଳର ଉପକାର: ଜାଇଫଳ ଖାଲି ଖାଦ୍ୟର ସ୍ୱାଦ ବଢାଇ ନ ଥାଏ, ଏହା ଶରୀର ପାଇଁ ମଧ୍ୟ ବହୁତ ଲାଭଦାୟକ। ଏହାକୁ ଔଷଧ ତିଆରି ପାଇଁ ମଧ୍ୟ ବହୁଳ ଭାବରେ ବ୍ୟବହୃତ ହୁଏ। ଆପଣ ଜାଣନ୍ତି କି ଜାଇଫଳ ମଧ୍ୟ ପିଲାମାନଙ୍କ ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ।

ତେବେ ପିଲାକୁ ଯଦି କାଶ ହେଉଥାଏ ଏକ ଚାମଚ ଜାଇଫଳ ଖାଇବାକୁ ଦିଅନ୍ତୁ। ଏହାପରେ ସେମାନେ ଯଥା ଶିଘ୍ର କାଶ ଏବଂ ଥଣ୍ଡାରୁ ମୁକ୍ତି ପାଇଯିବେ। ଏହା ସେମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବଢାଇଥାଏ। ଯେତେବେଳେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ହୁଏ, ସେତେବେଳେ ଅନେକ ରୋଗ ଏବଂ ସଂକ୍ରମଣର ଆଶଙ୍କା ବଢିଯାଏ। ଏଭଳି ପରିସ୍ଥିତିରେ, ପିଲାମାନଙ୍କୁ ଏକ ଚାମଚ ଜାଇଫଳକୁ ଚଟେଇଦେଲେ ରୋଗ ପ୍ରତିରୋଧକ ଶକ୍ତି ଦୃଢ ହୋଇପାରେ। ଏହି ମସଲାରେ ହଜମକାରୀ ଏନ୍‌ଜାଇମ୍ ଥାଏ, ଯାହା ଶିଶୁର ହଜମ ପ୍ରକ୍ରିୟାକୁ ମଜବୁତ କରିଥାଏ। ପିଲାମାନେ ଅନେକ ସମୟରେ ପେଟ ଯନ୍ତ୍ରଣା ଏବଂ ଗ୍ୟାସ ସମସ୍ୟାରେ ପୀଡିତ ହୋଇଥାନ୍ତି। ଏକ ଚାମଚ ଜାଇଫଳ ପାଉଡରକୁ ମହୁରେ ମିଶାଇ ଏହାକୁ ଚାଟିବା ଦ୍ୱାରା ପେଟ ଯନ୍ତ୍ରଣା ଏବଂ ଗ୍ୟାସ ସମସ୍ୟାରୁ ମୁକ୍ତି ମିଳିଥାଏ। ବର୍ଷା ଏବଂ ଶୀତ ଋତୁରେ ମଧ୍ୟ ଆପଣ ପିଲାମାନଙ୍କୁ ଜାଇଫଳ ଦେଇପାରିବେ। ଯଦି ଏହି ଋତୁରେ ଥଣ୍ଡା ଏବଂ କାଶ ଅଛି, ତେବେ କିଛି ସୋରିଷ ତେଲରେ ଜାଇଫଳ ପାଉଡର ମିଶାନ୍ତୁ। ଏହାକୁ ସାମାନ୍ୟ ଗରମ କରନ୍ତୁ ଏବଂ ପିଲାମାନଙ୍କର ଛାତିରେ ମାଲିସ୍ କରନ୍ତୁ। ଥଣ୍ଡା ଏବଂ କାଶରୁ ଆରାମ ମିଳିବ। ଜାଇଫଳ ତେଲରେ ଥିବା ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଗୁଣ ମଧ୍ୟ ଲାଭଦାୟକ ହୋଇଥାଏ। ଯଦି ଶିଶୁର ଦାନ୍ତ ଉଠିବାରେ ବିଳମ୍ବ ହୁଏ ଜାଇଫଳ ଏବଂ ମିଶ୍ରୀକୁ ଗ୍ରାଇଣ୍ଡ କରି ଏକ ପାଉଡର ତିଆରି କରନ୍ତୁ। ଏହାକୁ କ୍ଷୀର କିମ୍ବା ପାଣିରେ ମିଶାଇ ପିଲାକୁ ଦିଅନ୍ତୁ। ଏହି କାରଣରୁ, ଦାନ୍ତ ଶୀଘ୍ର ଉଠିପାରେ। ଜାଇଫଳ ତେଲ ଦାନ୍ତ ଉଠିବା ସମୟର ଯନ୍ତ୍ରଣାକୁ ମଧ୍ୟ ହ୍ରାସ କରିବାରେ ସାହାଯ୍ୟ କରେ। ଆପଣ ଏହି ତେଲକୁ ଶିଶୁର ଚର୍ମରେ ମଧ୍ୟ ଲଗାଇ ପାରିବେ, ଏହା ଚର୍ମକୁ କୋମଳ ଏବଂ ଚିକ୍କଣ କରିପାରେ। ଜାଇଫଳରେ ଥିବା ଔଷଧୀୟ ଗୁଣ ମେଟାବୋଲିଜିମ୍‌କୁ ବଢାଇଥାଏ। ଏହାକୁ ଗ୍ରାଇଣ୍ଡ୍ କରି କ୍ଷୀରରେ ମିଶାଇ ପିଲାକୁ ଖାଇବାକୁ ଦିଅନ୍ତୁ, ହଜମ ଭଲ ହେବ। ଯେଉଁ ପିଲାମାନେ ଠିକ୍‌ରେ ଖାଦ୍ୟ ନ ଖାଉଥିବେ ସେମାନଙ୍କୁ ମଧ୍ୟ କ୍ଷୀରରେ ମିଶାଇ ଖାଇବାକୁ ଦେଇପାରିବେ। ଏହା ସେମାନଙ୍କର ଭୋକକୁ ବଢାଇଥାଏ।

# କେଉଁମାନଙ୍କ କ୍ଷେତ୍ରରେ ଭିଟାମିନ-ଡି ଅଭାବ ଅଧିକ ଦେଖାଯାଏ ?




ବିଭିନ୍ନ ଭିଟାମିନ ମଧ୍ୟରୁ ଭିଟାମିନ-ଡି ସ୍ୱାସ୍ଥ୍ୟ ପାଇଁ ଏକ ଜରୁରୀ ପୁଷ୍ଟିକର ଉପାଦାନ। ଏହା ଶରୀରକୁ ଶକ୍ତି ଯୋଗାଇବା ସହ ହାଡ଼କୁ ମଜବୁତ କରିଥାଏ।

ସୁସ୍ୱାସ୍ଥ୍ୟ ବଜାୟ ରହିବା ପାଇଁ ଭିଟାମିନ୍, ପ୍ରୋଟିନ ଓ ମିନେରାଲ୍ସ ନିହାତି ଆବଶ୍ୟକ। ବିଭିନ୍ନ ଭିଟାମିନ ମଧ୍ୟରୁ ଭିଟାମିନ-ଡି ସ୍ୱାସ୍ଥ୍ୟ ପାଇଁ ଏକ ଜରୁରୀ ପୁଷ୍ଟିକର ଉପାଦାନ। ଏହା ଶରୀରକୁ ଶକ୍ତି ଯୋଗାଇବା ସହ ହାଡ଼କୁ ମଜବୁତ କରିଥାଏ। କେଉଁମାନଙ୍କ କ୍ଷେତ୍ରରେ ଭିଟାମିନ-ଡି ଅଭାବ ଅଧିକ ଦେଖାଯାଏ, ଜାଣନ୍ତୁ...

ଗାଢ ଚର୍ମ ଥିବା ବ୍ୟକ୍ତି - ଯେଉଁମାନଙ୍କର ଚର୍ମ ରଙ୍ଗ ଗାଢ଼, ସେମାନଙ୍କ ଶରୀରରେ ଭିଟାମିନ୍-ଡିର ଅଭାବ ଦେଖାଯାଏ। ଏହାର କାରଣ ହେଉଛି ସେମାନଙ୍କ ଚର୍ମର ପ୍ରଥମ ସ୍ତରରେ ମେଲାନିନ ଥାଏ, ଯେଉଁଥିପାଇଁ ସେମାନେ ଅଧିକ ଭିଟାମିନ-ଡି ଆବଶ୍ୟକ କରନ୍ତି।

ନନଭେଜ୍ ଖାଉଥିବା ବ୍ୟକ୍ତି - ଯେଉଁମାନେ ଅଧିକ ନନଭେଜ୍ ଖାଆନ୍ତି, ସେମାନଙ୍କ ଶରୀରରେ ଭିଟାମିନ-ଡିର ଅଭାବ ଦେଖାଦିଏ। ଶରୀରକୁ ନନଭେଜରୁ ପ୍ରଚୁର ପ୍ରୋଟିନ୍ ମିଳିଥାଏ କିନ୍ତୁ ଭିଟାମିନ-ଡିର ଅଭାବ ରହିଯାଏ। ଭିଟାମିନ-ଡି ପାଇଁ ଯଥାସମ୍ଭବ ପନିପରିବା, ଫଳ ଏବଂ ଦୁଗ୍ଧ ଜାତୀୟ ଖାଦ୍ୟ ଖାଇବା ଉଚିତ୍।

ଡେସ୍କରେ ବସି କାମ କରୁଥିବା ଲୋକ - ଆଜିକାଲି, ବନ୍ଦ ଏସି ଅଫିସରେ ୯ ଘଣ୍ଟା କାମ କରୁଥିବା ଲୋକଙ୍କ ଶରୀରରେ ଭିଟାମିନ-ଡିର ଅଭାବ ଦେଖାଦେଉଛି। ଯେଉଁମାନେ ସକାଳ ଶିଫ୍ଟରେ କାମ କରନ୍ତି ଏବଂ ଯେଉଁମାନେ ବିଳମ୍ବିତ ରାତିରେ କିମ୍ବା ସନ୍ଧ୍ୟା ଶିଫ୍ଟରେ କାମ କରି ସକାଳେ ଶୀଘ୍ର ଉଠିପାରନ୍ତି ନାହିଁ, ସେମାନେ ମଧ୍ୟ ସକାଳର ସୂର୍ଯ୍ୟ କିରଣ ପାଇପାରନ୍ତି ନାହିଁ। ଏପରି ପରିସ୍ଥିତିରେ ଶରୀରରେ ଭିଟାମିନ-ଡି ହ୍ରାସ ପାଇବା ଆରମ୍ଭ କରେ।

୫୦ ବର୍ଷରୁ ଅଧିକ ଲୋକ - ବୟସ ବଢିଲେ ଅନେକ ପ୍ରକାର ରୋଗ ମାଡ଼ିବସେ। ବୟସ ବଢିବା ସହିତ ଶରୀରରେ ଭିଟାମିନ୍, ପ୍ରୋଟିନ୍ ଏବଂ କ୍ୟାଲସିୟମ୍ କମିବା ଆରମ୍ଭ କରେ। ୫୦ ବର୍ଷରୁ ଉର୍ଦ୍ଧ୍ୱ ଲୋକେ ଏଥିରେ ଶିକାର ହୁଅନ୍ତି।




# ସାବଧାନ: ତ୍ୱଚାକୁ ନଷ୍ଟ କରିଦେବ ଏହି ସବୁ ପାନୀୟ



ଆମେ ଦୈନନ୍ଦିନ ଜୀବନରେ ଏମିତି ଗୁଡ଼ାଏ ଖାଦ୍ୟ ଖାଇଥାଉ ଯାହାକି ଶରୀର ପାଇଁ ଖୁବ୍ କ୍ଷତିକାରକ ହୋଇଥାଏ। ଏମିତି ଅନେକ ଖାଦ୍ୟ ରହିଛି ଯାହା ଆମର ତ୍ୱଚାକୁ ରୁକ୍ଷ କରିଥାଏ। ଖାଦ୍ୟ ଖାଇବା ନେଇ ସତର୍କତା ଅବଲମ୍ବନ କଲେ ଆମେ କିଛି ମାତ୍ରାରେ ଆମ ତ୍ୱଚାର ଚମକ ବଜାୟ ରଖିପାରିବା।

ଅନେକ ଲୋକ ଭାବନ୍ତି ଜୁସ୍ ପିଇବା ଦ୍ୱାରା ତ୍ୱଚାର ଚମକ ବଢ଼ିଥାଏ। ଚମରେ ଉଜ୍ଜ୍ୱଳତା ଆସିଥାଏ। ମାତ୍ର ମନେ ରଖନ୍ତୁ ସିଧା ଫଳକୁ ରସ କରି ପିଇଲେ ଲାଭପ୍ରଦ ହୋଇଥାଏ। ମାତ୍ର ବଜାରରେ ଯେଉଁ ପ୍ୟାକେଟ ଜୁସ୍ ସବୁ ମିଳୁଛି ସେଥିରେ ଅତିରିକ୍ତ ପରିମାଣର ମିଠା ଭାଗ ରହିଥିବା ହେତୁ ତାହା ତ୍ୱଚା ପାଇଁ ହିତକାରକ ହୋଇନଥାଏ।

ସେହିପରି ଗାଈ ଛେନା ଅତ୍ୟନ୍ତ ସ୍ୱାଦିଷ୍ଟ ହୋଇଥିବାରୁ ତାହାକୁ ଲୋକେ ବିଭିନ୍ନ ଖାଦ୍ୟରେ ଖାଇଥାନ୍ତି। ମାତ୍ର ମନେ ରଖନ୍ତୁ ଏଥିରେ ତୈଳ ଭାଗ ରହୁଥିବା ହେତୁ ଏହା ବ୍ରଣର ବାହାରିବାର ପ୍ରମୁଖ କାରଣ ପାଲଟିଥାଏ।

କଫି ଶରୀର ପାଇଁ ଅନେକ ଭଲ ହୋଇଥାଏ। ମାତ୍ର ଅତ୍ୟଧିକ କଫି ପିଇବା ଦ୍ୱାରା ଶରୀରୁ ଜଳ ଅଂଶ ହ୍ରାସ ପାଇଥାଏ। ଫଳରେ ତ୍ୱଚା ଉପରେ କୁପ୍ରଭାବ ପକାଇଥାଏ।

ଆପଣ ଯେତେ ବି ସ୍ୱାସ୍ଥ୍ୟକର ଖାଦ୍ୟ ଖାଆନ୍ତୁ ପଛେ ଯଦି ଆପଣ ବାରମ୍ବାର ଥଣ୍ଡା ପାନୀୟ ପିଉଛନ୍ତି ତେବେ ଏହା ତାହାର ପ୍ରଭାବ କମ୍ କରିଥାଏ। ସେହିପରି ମଦ୍ୟପାନ ରୁକ୍ଷ ତ୍ୱଚାର କାରଣ ହୋଇଥାଏ। ଏହା ଆପଣ ଜାଣିଥିବେ ନିଶ୍ଚୟ। ଆପଣ ନିଜ ଶରୀରର ଯେତେ ବି ଯତ୍ନ ନିଅନ୍ତୁ ପଛେ ଯଦି ଆଲ୍‌କହଲ ନେଉଛନ୍ତି ତେବେ ସବୁ ବୃଥା।



# ଭାରି ବିପଦ ନକଲି ବନ୍ଧୁ; ଏମାନଙ୍କୁ ଚିହ୍ନିବାର ୬ଟି ଉପାୟ



**ପ୍ରାୟ ଲୋକ ସତ ଏବଂ ମିଛ ବନ୍ଧୁମାନଙ୍କ ମଧ୍ୟରେ ପାର୍ଥକ୍ୟ ଜାଣିପାରନ୍ତି ନାହିଁ। ସେମାନଙ୍କ ମନରେ ଲୁଚି ରହିଥିବା ଖରାପ ଭାବନାକୁ ଅନୁଭବ କରିପାରନ୍ତି ନାହିଁ। ତେବେ ଆପଣ ସତ ଓ ମିଛ ବନ୍ଧୁ କିପରି ଜାଣିବେ ସେଥିପାଇଁ ଏହି ୬ଟି ଉପାୟ ଜାଣି ନିଅନ୍ତୁ।**

ଆଜିକାଲି ଦୁନିଆରେ ପ୍ରକୃତ ବନ୍ଧୁଟିଏ ପାଇବା କଷ୍ଟକର। ଜଣେ ପ୍ରକୃତ ବନ୍ଧୁ ହେଉଛି ଯିଏ କେବଳ ସୁଖରେ ନୁହେଁ ବରଂ ଦୁଃଖରେ ପାଖରେ ଠିଆହୁଏ। ପ୍ରକୃତ ବନ୍ଧୁ କେବେ ଦେଖେଇ ହୁଏ ନାହିଁ କି ବାହାନା କରେ ନାହିଁ। ସେ ବାହାରୁ ଗୋଟିଏ ଆଉ ଭିତରେ ଅନ୍ୟ କିଛି ହୁଏ ନାହିଁ। ପ୍ରାୟ ଲୋକ ସତ ଏବଂ ମିଛ ବନ୍ଧୁମାନଙ୍କ ମଧ୍ୟରେ ପାର୍ଥକ୍ୟ ଜାଣିପାରନ୍ତି ନାହିଁ। ସେମାନଙ୍କ ମନରେ ଲୁଚି ରହିଥିବା ଖରାପ ଭାବନାକୁ ଅନୁଭବ କରିପାରନ୍ତି ନାହିଁ।

ନକଲି ବନ୍ଧୁ ବା ଫେକ୍ ଫ୍ରେଣ୍ଡ୍ ସେହିମାନେ ହୋଇଥାନ୍ତି, ଯେଉଁମାନେ ଆପଣଙ୍କର ଯତ୍ନ ନେବାର ଦେଖେଇ ହୁଅନ୍ତି, କିନ୍ତୁ ପ୍ରକୃତରେ ସେମାନେ ଆପଣଙ୍କର ହୀତର ଧ୍ୟାନ ଦିଅନ୍ତି ନାହିଁ। ଫେକ୍ ଫ୍ରେଣ୍ଡ୍‌ଙ୍କୁ ମିଛ ବନ୍ଧୁ ମଧ୍ୟ କୁହାଯାଏ।

ଏହିପରି ବନ୍ଧୁମାନେ କେବଳ ସେପର୍ଯ୍ୟନ୍ତ ଆପଣଙ୍କ ସହ ରହିବେ ଯେପର୍ଯ୍ୟନ୍ତ ସେମାନେ ଆପଣଙ୍କଠାରୁ କିଛି ଲାଭ ପାଉଥିବେ। ତେବେ ଆପଣ ସତ ଓ ମିଛ ବନ୍ଧୁ କିପରି ଜାଣିବେ ସେଥିପାଇଁ ଏହି ୬ଟି ଉପାୟ ଜାଣି ନିଅନ୍ତୁ।

**ଠିକ ସମୟରେ ସମର୍ଥନ କରନ୍ତି ନାହିଁ:**

ପ୍ରକୃତ ବନ୍ଧୁମାନେ ଭାବପ୍ରବଣ ଏବଂ ସକରାତ୍ମକ ଭାବେ ସମର୍ଥନ କରିଥାନ୍ତି। କିଛି ଅନୁସନ୍ଧାନରୁ ଜଣାପଡିଛି ଯେ ଯେଉଁମାନଙ୍କ ଜୀବନରେ ଭଲ ବନ୍ଧୁ ଥାଆନ୍ତି ସେମାନେ କଦାପି ଚାପର ସମ୍ମୁଖୀନ ହୁଅନ୍ତି ନାହିଁ। ଏହି କାରଣରୁ, ମାନସିକ ଏବଂ ଶାରୀରିକ ସ୍ୱାସ୍ଥ୍ୟ ଭଲ ରହିଥାଏ। ନକଲି କିମ୍ବା ଦେଖାଣିଆ ବନ୍ଧୁମାନଙ୍କ ଉପରେ ବିଶ୍ୱାସ କରିବା କଷ୍ଟସାଧ୍ୟ ହୋଇପାରେ, କାରଣ ଯେତେବେଳେ ଆପଣ ପ୍ରକୃତରେ ସେମାନଙ୍କୁ ଆବଶ୍ୟକ କରନ୍ତି, ସେତେବେଳେ ସେମାନେ ସମର୍ଥନ, ସମବେଦନା କିମ୍ବା ବିଶ୍ୱସ୍ତତା ଦେଖାନ୍ତି ନାହିଁ।

**ଆବଶ୍ୟକ ବେଳେ ଦେଖା ଦିଅନ୍ତି ନାହିଁ:**

ନକଲି ବନ୍ଧୁମାନେ ସେତେବେଳେ ପାଖରେ ମିଳନ୍ତି ଯେତେବେଳେ ସେମାନଙ୍କର କିଛି ଜିନିଷର ଆବଶ୍ୟକତା ପଡେ। କିନ୍ତୁ ଯେତେବେଳେ ଆପଣଙ୍କର କିଛି ଆବଶ୍ୟକ ପଡେ ସେମାନେ ଦେଖାଦିଅନ୍ତି ନାହିଁ। ଏହି ସମୟରେ ସେମାନେ ବିଭିନ୍ନ ପ୍ରକାର ବାହାନା ଦେଖାନ୍ତି। ଯଦି ଆପଣଙ୍କର କୌଣସି ବନ୍ଧୁ ଏମିତି କରୁଛନ୍ତି ତେବେ ସେମାନଙ୍କ ଠାରୁ ଦୂରେଇ ରହିବା ଭଲ।

**ଏକପାଖିଆ ବ୍ୟବହାର:**

ନକଲି ବନ୍ଧୁମାନଙ୍କ ସହିତ ସମ୍ପର୍କ ସର୍ବଦା ଏକପାଖିଆ ମନେହୁଏ। ଉଦାହରଣ ସ୍ୱରୂପ, ଯେତେବେଳେ ଆପଣ ନିଜ ସାଙ୍ଗମାନଙ୍କ ସହିତ କଥା ହେଉଥିବେ, ସେମାନେ କେବଳ ନିଜ ବିଷୟରେ କହୁଥିବେ। ସେମାନଙ୍କ ଜୀବନରେ ଯାହା ଘଟୁଛି ତାହା ଶେୟାର କରୁଥିବେ। ନିଜର ମତାମତ ଦେବା ଜାରି ରଖୁଥିବେ। ଆପଣଙ୍କ ସହିତ ଯାହା ଘଟୁଛି ସେଥିରେ ସେମାନେ ଆଗ୍ରହ ଦେଖାଉ ନଥିବେ। ଏପରି ବନ୍ଧୁମାନଙ୍କଠାରୁ ଦୂରରେ ରହିବା ଆପଣଙ୍କ ପାଇଁ ଭଲ, ଯେଉଁମାନଙ୍କ ଆଚରଣ ଏଭଳି ଏକପାଖିଆ ଦେଖାଯାଏ।

**ଅବିଶ୍ୱସନୀୟତା:**

ନକଲି ବନ୍ଧୁମାନେ ଅବିଶ୍ୱସନୀୟ ହୋଇପାରନ୍ତି। ସେମାନେ ଦେଇଥିବା ପ୍ରତିଶ୍ରୁତି ପାଳନ କରନ୍ତି ନାହିଁ। ଏପରି ପରିସ୍ଥିତିରେ, ସେମାନଙ୍କୁ କୌଣସି କ୍ଷେତ୍ରରେ ବି ବିଶ୍ୱାସ କରିବା କଷ୍ଟକର ହୋଇପାରେ। ସେମାନେ ଆପଣଙ୍କୁ ସାହାଯ୍ୟ କରିବାକୁ ପ୍ରତିଜ୍ଞା କରିପାରନ୍ତି, କିନ୍ତୁ ଶେଷ ମୁହୂର୍ତ୍ତରେ ଆପଣଙ୍କୁ ଛାଡି ପଳାଇପାରନ୍ତି।

**ବିଶ୍ୱାସଘାତକତା:**

ନକଲି ବନ୍ଧୁମାନେ ଆପଣଙ୍କ ପ୍ରତି କେବେ ବି ବିଶ୍ୱସ୍ତ ହୋଇପାରିବେ ନାହିଁ। ସେମାନେ ଆପଣଙ୍କର ସମସ୍ତ ରହସ୍ୟ ଅନ୍ୟମାନଙ୍କ ସହିତ ମଧ୍ୟ ଶେୟାର କରିପାରନ୍ତି। ସେମାନେ ଆପଣଙ୍କ ପଛରେ ଖରାପ କଥା କହିପାରନ୍ତି କିମ୍ବା ତୁମ ବିଷୟରେ ଗୁଜବ ବିସ୍ତାର କରିପାରନ୍ତି।

**ଅସମ୍ମାନ:**

ଯେକୌଣସି ସମୟରେ, ଯେକୌଣସି ପରିସ୍ଥିତିରେ ନକଲି ବନ୍ଧୁମାନେ ଆପଣଙ୍କୁ ଅନ୍ୟମାନଙ୍କ ସାମ୍ନାରେ ମିଥ୍ୟାବାଦୀ ପ୍ରମାଣ କରି ତୁମକୁ ଅସମ୍ମାନ କରିପାରନ୍ତି। ଏମାନେ ଆପଣଙ୍କୁ ଅପମାନ କିମ୍ବା ପରିହାସ ମଧ୍ୟ କରିପାରନ୍ତି।

**ଈର୍ଷା:**

ଏହିପରି ବନ୍ଧୁମାନେ ତୁମର ସଫଳତା ଏବଂ ଉପଲବ୍ଧିକୁ ବିପଦ ବୋଲି ଅନୁଭବ କରନ୍ତି। ସେମାନେ ଆପଣଙ୍କ ଅଗ୍ରଗତି ପାଇଁ ଈର୍ଷା ଅନୁଭବ କରନ୍ତି। ଆପଣଙ୍କର ସଫଳତାର ମଜ୍ଜା ନେବା ପରିବର୍ତ୍ତେ, ସେମାନେ ତୁମକୁ ନିଚା କରିବାକୁ ଚେଷ୍ଟା କରନ୍ତି କିମ୍ବା ଆପଣଙ୍କ ସହିତ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଚେଷ୍ଟା କରନ୍ତି। ଯଥାଶୀଘ୍ର ଏହିପରି ଲୋକମାନଙ୍କଠାରୁ ନିଜକୁ ଦୂରେଇ ରଖିବା ଭଲ।



# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୪ ସେପ୍ଟେମ୍ବର ୨୦୨୪, ମଙ୍ଗଳବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଖଦ୍ୟ ନିରାପତ୍ତା ଓ ସବୁଜ ସାର

ମନୁଷ୍ୟ ବା ପ୍ରାଣୀ ପ୍ରତ୍ୟକ୍ଷ ବା ପରୋକ୍ଷରେ ଉଦ୍ଭିଦ ଉପରେ ନିର୍ଭର କରନ୍ତି। ଯେ କୌଣସି ଫସଲ ପାଇଁ ଯବକ୍ଷାରଯାନ, ପଟାସ ଓ ଫସଫରସ ସହିତ ଲୌହ, ଦସ୍ତା, ମଲିବଡେନମ ଆଦି ଅନେକ ଆଣୁ ସାର ଆବଶ୍ୟକ ରହିଛି। କେବଳ ରାସାୟନିକ ସାର ବ୍ୟବହାର ଦ୍ୱାରା ମାଟିର ଜଳ ଧାରଣ ଶକ୍ତି କମିବା ସହିତ ଉତ୍ପାଦନ ଶକ୍ତି ମଧ୍ୟ ହ୍ରାସ ପାଉଛି। ମାଟି ଟାଣ ହେବା ସହିତ ତାହାର ମୂଳ ଉର୍ବରତା ନଷ୍ଟ ହୋଇଯାଉଛି। ଏହାଦ୍ୱାରା କୃଷି ଉତ୍ପାଦନ ମଧ୍ୟ ହ୍ରାସ ପାଉଛି। ଖାଦ୍ୟ ନିରାପତ୍ତା ବିପନ୍ନ ହେଉଛି। ଏହା ବଦଳରେ ଯଦି ଆମେ ସବୁଜ ସାର ପ୍ରୟୋଗ ଉପରେ ଅଧିକ ଉଦ୍ୟମ କରିବା ତେବେ ଫସଲ ଅମଳ ଭଲ ହେବା ସହିତ ଖାଦ୍ୟ ନିରାପତ୍ତା ସୁରକ୍ଷିତ ହୋଇପାରିବ। ରାସାୟନିକ ସାର ଉଦ୍‌ଭାବନ ପୂର୍ବରୁ ଆମ ଦେଶର ଚାଷୀମାନେ ଗୋବର ଖତ ବ୍ୟବହାର କରୁଥିଲେ ଯାହାକି ବର୍ଷ ସାରା ମାଟିର ଉର୍ବରତା ରକ୍ଷା କରିବା ସହିତ ହାଲକା ରଖିବାରେ ସହାୟତା କରୁଥିଲା। ମାଟିରେ ଜଳୀୟ ଅଂଶ ରହୁଥିବାରୁ ଅଙ୍କୁରୋଦ୍‌ଗମ ହେବା ପାଇଁ ସହାୟକ ହେଉଥିଲା। ବିଶେଷ କରି ଧାନ, ଆଖୁ, ଆଳୁ, ଗହମ ଆଦି ଫସଲ ଓ ପନିପରିବା ଚାଷ ପାଇଁ ରାସାୟନିକ ସାର ସହିତ କମ୍ପୋଷ୍ଟ ଖତ, ଗୋବର ଖତ, ସବୁଜ ସାର ଦେବା ଉଚିତ୍। ଏହି କଥାକୁ ଆମ ଦେଶର ଚାଷୀଭାଇମାନେ ପ୍ରାୟ ଜାଣି ନ ଥିବାରୁ ଚାଷ ପାଇଁ କେବଳ ରାସାୟନିକ ସାର, ବିଶେଷକରି, ଯବକ୍ଷାରଯାନ ସାର ବହୁଳ ଭାବରେ ବ୍ୟବହାର କରନ୍ତି। ଆଜିକାଲି ପର୍ଯ୍ୟାପ୍ତ ପରିମାଣରେ ପ୍ରାକୃତିକ ଖତ ନ ମିଳୁଥିବାରୁ ମାଟିର ଉର୍ବରତାକୁ ରକ୍ଷା କରିବା ପାଇଁ କୃଷିବିଜ୍ଞାନୀମାନେ ସବୁଜ ସାର ବ୍ୟବହାର ଉପରେ ଅଧିକ ଧ୍ୟାନ ଦେଉଛନ୍ତି। ଏ ବିଷୟରେ ଚାଷୀମାନଙ୍କୁ ମଧ୍ୟ ବୁଝାଉଛନ୍ତି। ଖାଲ ଜମିରେ ଧନିଚା ଓ ଢିପ ଜମିରେ ଛଣି, ବରଗୁଡ଼ି ଜାତୀୟ ଫସଲ ଚାଷ କରି ତାକୁ ହଳ କରି ଜମିରେ ମିଶାଇ ଦେଲେ ତାହା ସବୁଜ ସାରରେ ପରିଣତ ହୋଇଯାଏ। ଏହି ଜାତୀୟ ଗଛର ମୂଳରେ ଏକପ୍ରକାର ଜୀବାଣୁ ଥାଆନ୍ତି, ଯେଉଁମାନେ କି ବାୟୁମଣ୍ଡଳରୁ ଯବକ୍ଷାରଯାନ ସଂଗ୍ରହ କରି ମାଟିରେ ମିଶାଇ ଥାଆନ୍ତି। ଏହାଛଡ଼ା ମାଟିରେ ଦାନା ଗଠନ ଓ ଉତ୍ତାପ ଧାରଣ ଶକ୍ତିର ବିକାଶ, ମାଟି ଭିତରେ ଥିବା ଅନେକ ଜୀବାଣୁଙ୍କୁ କ୍ରିୟାଶୀଳ କରାଇଥାଏ। ତେଣୁ ସରକାରୀ ସ୍ତରରେ ଆମ ଚାଷୀ ଭାଇମାନଙ୍କୁ ଯଦି ଏହି ସବୁଜ ସାରର ଉପଯୋଗିତା ଓ ଫସଲ ଅମଳ ଉପରେ ଏହାର ପ୍ରଭାବ ଇତ୍ୟାଦିକୁ ବିଭିନ୍ନ ବ୍ଲକ ସ୍ତରରେ ଆଲୋଚନାଚକ୍ର, ପ୍ରଦର୍ଶନୀ ମାଧ୍ୟମରେ ଅବଗତ କରାଯାଇ ପାରନ୍ତା, ତେବେ ସେମାନେ ଏହାର ସୁଫଳ ପାଇପାରନ୍ତେ। ଧାନ ଚାଷ ପୂର୍ବରୁ ଜମିରେ ଧଣିଚା ବୁଣି ତା'କୁ ହଳ କରି ମାଟିରେ ମିଶାଇ ତା'ପରେ ଧାନ ରୁଇଁବା ଦରକାର। ଏହାଦ୍ୱାରା ମାଟିରେ ଯବକ୍ଷାରଯାନ ବୃଦ୍ଧି ପାଇବା ସହିତ ଅନ୍ୟ ଆଣୁ ସାର ମଧ୍ୟ ମିଳିଥାଏ। ଯେଉଁ ଚାଷୀ ଭାଇମାନେ ପନିପରିବା ଚାଷ କରିଛନ୍ତି ସେମାନେ ମଧ୍ୟ ପ୍ରଥମେ ଛନି, ବରଗୁଡ଼ି ଚାଷ କରି ତା'କୁ ହଳ କରି ମାଟିରେ ମିଶାଇ ଦେଲେ ମାଟିର ଉର୍ବରତା ଯଥେଷ୍ଟ ପରିମାଣରେ ବୃଦ୍ଧି ପାଇବ ଏବଂ ଅଧିକ ଉତ୍ପାଦନ ସମ୍ଭବ ହେବ। ଆମ କୃଷି ବିଭାଗ, ଉଦ୍ୟାନ-କୃଷି ବିଭାଗ ପକ୍ଷରୁ ପ୍ରତି ଗାଁରେ ଚାଷୀମାନଙ୍କୁ ସବୁଜ ସାର ପାଇଁ ଉତ୍ସାହିତ କରିବା ସହିତ କିପରି ଉତ୍କୃଷ୍ଟ ସବୁଜ ସାର ମିଳି ପାରିବ ତା'ର ବ୍ୟବସ୍ଥା କରି ଉତ୍କୃଷ୍ଟ ଧରଣର ବିହନ ଓ ଔଷଧ ଆଦି ସୁଲଭ ମୂଲ୍ୟରେ ଯୋଗାଇ ଦେଲେ ଚାଷୀମାନେ ଅଧିକ ଉପକୃତ ହୁଅନ୍ତେ। ଏହାଫଳରେ ଆମ ଚାଷୀ ଭାଇମାନେ ଅଧିକ ସ୍ୱାବଲମ୍ବୀ ହୋଇପାରିବେ। ବାଲିଆ, ଖାରି ଓ ଲୁଣିଆ ମାଟିକୁ ସବୁଜ ସାର ପ୍ରୟୋଗ କରି ଉନ୍ନତ ମାନର କରାଯାଇ ଚାଷ କଲେ ଭଲ ଫସଲ ହେବ। ଦୁଇଟି ମୁଖ୍ୟ ଫସଲ ମଧ୍ୟବର୍ତ୍ତୀ ସମୟ ମଧ୍ୟରେ ଯଦି ସୁବିଧା ରହିଛି, ତେବେ ମୁଗ, ବିରି କିମ୍ବା କୋଳଥ ଫସଲକୁ ଏକ ମାସ ବଢ଼ାଇବା ପରେ ତା'କୁ ହଳ କରି ମାଟିରେ ମିଶାଇ ସବୁଜ ସାର କରାଯାଇ ପାରିବ। ନାନା ପ୍ରକାରର ପଚାଶଢ଼ାରୁ ହିଁ ଖତ ତିଆରି ହେଉଥିବାରୁ ଏଥିରେ ଗଛ ପାଇଁ ଖାଦ୍ୟ ପରିମାଣ ଅଧିକ ଥାଏ। ସାଧାରଣତଃ ଚାଷୀମାନେ ଖତକୁ ଜମିର ଗୋଟିଏ କୋଣରେ ବା ସାରା ଜମିରେ ଠା ଠା କରି ପକାଇ ରଖନ୍ତି। ଏହାଦ୍ୱାରା ଖତର ସମସ୍ତ ଗୁଣ ସୂର୍ଯ୍ୟାଲୋକରେ ନଷ୍ଟ ହୋଇଯାଏ। ତେଣୁ ଖତକୁ ଜମିରେ ଅନେକ ଦିନ ଧରି ପକାଇ ନ ରଖି ତା'କୁ ତୁରନ୍ତ ଜମିରେ ହଳ କରି ମିଶାଇ ଦେବା ଉଚିତ୍। ରାସାୟନିକ ସାର ଅପେକ୍ଷା ଯଦି ଆମେ ବହୁଳ ପରିମାଣରେ ସବୁଜ ସାର ବ୍ୟବହାର କରିବା ପାଇଁ ଆନ୍ତରିକ ଉଦ୍ୟମ କରିବା ତେବେ ଫସଲ ଅମଳ ବୃଦ୍ଧି ସହିତ ଜମିର ଉର୍ବରତା ବଜାୟ ରହିପାରିବ।

## ଦେବତା, ପିତୃପୁରୁଷ ଏବଂ ବଂଶପ୍ରତି ଶ୍ରଦ୍ଧା

### ଡାକ୍ତର ବିଚିତ୍ରାନନ୍ଦ ଆଚାର୍ଯ୍ୟ



ହିନ୍ଦୁ ଧର୍ମ ଏବଂ ବୈଦିକ ମାନ୍ୟତା ଅନୁଯାୟୀ ପୁତ୍ରର ପୁତ୍ରତ୍ୱ ସେତେବେଳେ ସାର୍ଥକ ହୁଏ, ଯେତେବେଳେ ସେ ଜୀବିତାବସ୍ଥାରେ ଥିବା ପିତା ମାତାଙ୍କର ସେବା ପରେ ଏବଂ ସେମାନଙ୍କ ମୃତ୍ୟୁପରେ ଶ୍ରାଦ୍ଧବାର୍ଷିକ ଏବଂ ମହାଳୟାରେ ସେମାନଙ୍କୁ ବିଧିବଦ୍ଧ ଶ୍ରାଦ୍ଧ ପ୍ରଦାନ କରେ । ଆଶ୍ୱିନ ମାସର କୃଷ୍ଣପକ୍ଷ ପ୍ରତିପଦାରୁ ଅମାବାସ୍ୟା ପର୍ଯ୍ୟନ୍ତ ଦିନକୁ ପିତୃପକ୍ଷ ବା ମହାଳୟା ପକ୍ଷ କୁହାଯାଏ । ତାମିଲନାଡୁରେ ଏହାକୁ ଆଦି ଅମାବସାଇ, କେରଳରେ କରିକଡ଼ା ବାବୁବଲି ଏବଂ ମହାରାଷ୍ଟ୍ରରେ ପିତୃପନ୍ଧରବଡ଼ା କୁହାଯାଏ । ଶ୍ରାଦ୍ଧର ଅର୍ଥ ଦେବତା, ପିତୃପୁରୁଷ ଏବଂ ବଂଶ ପ୍ରତି ଶ୍ରଦ୍ଧା ପ୍ରକଟ କରିବା । ବିଶ୍ୱାସ କରାଯାଏ ଯେଉଁମାନେ ନିଜ ଶରୀର ଛାଡ଼ି ଚାଲିଯାଆନ୍ତି ସେମାନେ ଯେଉଁ ଲୋକରେ ଥିଲେ ବି, ଯେଉଁ ରୂପରେ ବି ଶ୍ରାଦ୍ଧପକ୍ଷରେ ନିଶ୍ଚେ ପୃଥିବୀକୁ ଆସନ୍ତି । ତେଣୁ ସେମାନଙ୍କ ତୃପ୍ତି ପାଇଁ ଶ୍ରଦ୍ଧା ସହ ଯେଉଁ ଶୁଭ ସଂକଳ୍ପ ଏବଂ ତର୍ପଣ କରାଯାଏ ତାହାକୁ ଶ୍ରଦ୍ଧା କୁହାଯାଏ । ହିନ୍ଦୁ ମାନ୍ୟତା ଅନୁଯାୟୀ ପିଣ୍ଡଦାନ ମୋକ୍ଷ ପ୍ରାପ୍ତି ପାଇଁ ଏକ ସହଜ ଏବଂ ସରଳ ମାର୍ଗ । ଏମିତି ଦେଶରେ ଅନେକ ସ୍ଥାନରେ ପିଣ୍ଡଦାନ କରାଯାଏ । ତେବେ ବିହାରର ଗୟାରେ ପିଣ୍ଡଦାନ ଖୁବ୍ ମହତ୍ତ୍ୱପୂର୍ଣ୍ଣ । ବିଶ୍ୱାସ କରାଯାଏ ଭଗବାନ ଶ୍ରୀରାମ ଏବଂ ମା'ସୀତା ରାଜା ଦଶରଥଙ୍କ ଆତ୍ମାର ଶାନ୍ତି ପାଇଁ ଗୟାରେ ପିଣ୍ଡଦାନ କରିଥିଲେ । ଗୟାକୁ ବିଷ୍ଣୁଙ୍କ ନଗର କୁହାଯାଏ । ଏହାକୁ ମୋକ୍ଷର ଭୂମି ମଧ୍ୟ କୁହାଯାଏ । ବିଷ୍ଣୁ ପୁରାଣ ଏବଂ ବାୟୁ ପୁରାଣରେ ଏହାର ଉଲ୍ଲେଖ ଅଛି । ବିଷ୍ଣୁ ପୁରାଣ ଅନୁଯାୟୀ ଗୟାରେ ପିଣ୍ଡଦାନ କଲେ ପୂର୍ବଜଙ୍କ ଆତ୍ମା ମୋକ୍ଷ ପ୍ରାପ୍ତି କରେ ଏବଂ ସେମାନେ ସ୍ୱର୍ଗରେ ବାସ କରନ୍ତି । ବିଶ୍ୱାସ କରାଯାଏ ସ୍ୱୟଂ ବିଷ୍ଣୁ ଏଠାରେ ପିତୃଦେବତା ଭାବରେ ଉପସ୍ଥିତ । ତେଣୁ ଏହାକୁ ପିତୃତୀର୍ଥ ମଧ୍ୟ କୁହାଯାଏ । ଗୟାରେ ଥିବା ପଣ୍ଡିତମାନେ କୁହନ୍ତି, ଫଲ୍‌ଗୁ ନଦୀର ତଟରେ ପିଣ୍ଡ ଦାନ ନକଲେ ଏହା ଅସଂପୂର୍ଣ୍ଣ ରହିଯାଏ । କିମ୍ବଦନ୍ତୀ ଅନୁଯାୟୀ ଭସ୍ମାସୁରର ବଂଶଜ ଗୟାସୁର କଠିନ ତପସ୍ୟା କରି ବ୍ରହ୍ମାଙ୍କୁ ସନ୍ତୁଷ୍ଟ କରି ବର ମାଗିନେଇଥିଲେ ଯେ, ତାର ଶରୀର ଦେବତାମାନଙ୍କ ପରି ପବିତ୍ର ହୋଇଯିବ ଏବଂ ତାକୁ ଦର୍ଶନ କରିବା ମାତ୍ରେ ଲୋକମାନେ ପାପମୁକ୍ତ ହୋଇଯିବେ । ଏହି ବର ମିଳିବା ପରେ ସ୍ୱର୍ଗର ଜନସଂଖ୍ୟା ବଢ଼ିବାରେ ଲାଗିଲା ଏବଂ ସବୁକିଛି ପ୍ରକୃତିର ନିୟମ ବିପରୀତରେ ଚାଲିଲା । ଲୋକମାନେ ବିନା ଭୟରେ ପାପ କଲେ ଏବଂ ଗୟାସୁରକୁ ଦର୍ଶନ କରି ପାପମୁକ୍ତ ହେଲେ । ଏଥିରୁ ରକ୍ଷା ପାଇବା ପାଇଁ ଦେବତାମାନେ ଗୟାସୁରଙ୍କୁ ଯଜ୍ଞ ପାଇଁ ପବିତ୍ର ଭୂମି ମାଗିଲେ । ଗୟାସୁର ନିଜ ଶରୀର ଦେବତାମାନଙ୍କ ଯଜ୍ଞ ପାଇଁ ଦେଇଦେଲା । ଯଜ୍ଞଭୂମି ଭାବରେ ବ୍ୟବହୃତ ଦେବା ପାଇଁ ଗୟାସୁର ଭୂମିରେ ଶୋଇଲା ଏବଂ ତାର ଶରୀର ପାଞ୍ଚକୋଶ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଗଲା । ପରବର୍ତ୍ତୀ ସମୟରେ ଏହି ପାଞ୍ଚକୋଶ ସ୍ଥାନକୁ କୁହାଗଲା ଗୟା । ଯଜ୍ଞରେ ପୋଡ଼ିବା ପରେ ମଧ୍ୟ ଗୟାସୁର ମନରୁ ଲୋକମାନଙ୍କୁ ପାପମୁକ୍ତ କରିବାର ଇଚ୍ଛା ଲୋପ ପାଇଲା ନାହିଁ । ସେ ଦେବତାମାନଙ୍କୁ ବର ମାଗିଲା । ଏହି ସ୍ଥାନରେ ଲୋକଙ୍କୁ ମୋକ୍ଷ ଦେବ । ଯେଉଁ ବ୍ୟକ୍ତି ଏଠାରେ କାହାର ଶ୍ରାଦ୍ଧ ପାଇଁ ପିଣ୍ଡଦାନ କରିବେ ତାଙ୍କୁ ମୁକ୍ତି ମିଳିବ । ଏହି କାରଣରୁ ଆଜିବି ଲୋକମାନେ ପିତୃପୁରୁଷଙ୍କ ଆତ୍ମାକୁ ମୁକ୍ତି ଦେବା ପାଇଁ ଗୟାରେ ପିଣ୍ଡଦାନ କରନ୍ତି ।

ଶାସ୍ତ୍ରରେ ପିତୃପୁରୁଷଙ୍କ ସ୍ଥାନ ଖୁବ୍ ଉଚ୍ଚରେ ବୋଲି ବର୍ଣ୍ଣନା କରାଯାଇଛି । ସେ ଚନ୍ଦ୍ରମା ଠାରୁ ଦୂରରେ ଏବଂ ଦେବତାଙ୍କ ଠାରୁ ଉଚ୍ଚ ସ୍ଥାନରେ ରୁହନ୍ତି ବୋଲି ଶାସ୍ତ୍ରରେ ବର୍ଣ୍ଣନା ରହିଛି । ପିତୃପୁରୁଷଙ୍କ ମଧ୍ୟରେ ମୃତ ପୂର୍ବଜ ଯଥା - ବାପା- ମା, ଜେଜେବାପା - ଜେଜେମା, ଅଜା-ଆଇଙ୍କ ସମେତ ସବୁ ପୂର୍ବଜ ସାମିଲ । ପରଲୋକଗତ ଗୁରୁ ଏବଂ ଆଚାର୍ଯ୍ୟ ମଧ୍ୟ ପିତୃପୁରୁଷଙ୍କ ମଧ୍ୟରେ ସାମିଲ । ଦେଶରେ ଶ୍ରାଦ୍ଧ ପାଇଁ ହରିଦ୍ୱାର, ଗଙ୍ଗାସାଗର, ପୁରୀ, କୁରୁକ୍ଷେତ୍ର, ଚିତ୍ରକୁଟ, ପୁଷ୍କର, ବଦ୍ରିନାଥ ସମେତ ୫୫ଟି ସ୍ଥାନର ବିଶେଷତ୍ୱ ମହତ୍ତ୍ୱ ରହିଛି ବୋଲି ଶାସ୍ତ୍ରରେ ବର୍ଣ୍ଣନା ରହିଛି । ତେବେ ଗୟା ଏସବୁ ସ୍ଥାନର ଶୀର୍ଷରେ ରହିଛି । ଗରୁଡ଼ ପୁରାଣରେ କୁହାଯାଇଛି ପିତୃପୁରୁଷଙ୍କୁ ପିଣ୍ଡଦାନ ପାଇଁ ଘରୁ ବାହାରିବା ପରେ ଗୟାରେ ପହଞ୍ଚିବା ପର୍ଯ୍ୟନ୍ତ ପ୍ରତ୍ୟେକ ପଦକ୍ଷେପ ପିତୃପୁରୁଷଙ୍କ ସ୍ୱର୍ଗାରୋହଣ ପାଇଁ ଗୋଟିଏ ଗୋଟିଏ ସିଢ଼ି ସଦୃଶ । ହିନ୍ଦୁ ପୁରାଣ ଅନୁଯାୟୀ ପିତୃପୁରୁଷଙ୍କ ତିନିପିଢ଼ି ପିତୃଲୋକରେ ରୁହନ୍ତି । ଏହା ପୃଥ୍ୱୀଲୋକ ଓ ଦେବଲୋକ ମଧ୍ୟରେ ଅଛି । ଏହି ଲୋକର ଅଧିଶ୍ୱର ମୃତ୍ୟୁଦେବତା ଯମ । ତୃତୀୟ ପିଢ଼ି ପରେ ଚତୁର୍ଥ ପିଢ଼ିର ବଂଶଜ ପିତୃଲୋକରେ ପହଞ୍ଚିଲେ ପ୍ରଥମ ପିଢ଼ିର ପୂର୍ବଜ ସ୍ୱର୍ଗକୁ ଚାଲିଯାନ୍ତି । ତେଣୁ ସେମାନଙ୍କ ପାଇଁ ପିଣ୍ଡ ଦେବା ଆବଶ୍ୟକ ହୁଏନି । ତେଣୁ ପିତୃଲୋକରେ ଥିବା ଆମ ପୂର୍ବଜଙ୍କ ତିନିପିଢ଼ି ପାଇଁ ପିତୃପକ୍ଷରେ ଶ୍ରାଦ୍ଧ ଦିଆଯାଏ । ହିନ୍ଦୁପୁରାଣ ଅନୁଯାୟୀ ଆଶ୍ୱିନ ମାସରେ ପିତୃପକ୍ଷ ଆରମ୍ଭରେ ସୂର୍ଯ୍ୟ କନ୍ୟା ରାଶିରେ ପ୍ରବେଶ କରନ୍ତି । ଏହି ସମୟରେ ପିତୃପୁରୁଷଙ୍କ ଆତ୍ମାମାନେ ପିତୃଲୋକ ଛାଡ଼ି ନିଜ ବଂଶଜଙ୍କ ଘରକୁ ଯାଆନ୍ତି । ସୂର୍ଯ୍ୟ ବିଛା ରାଶିକୁ ଆସିଲେ ସେମାନେ ପୁଣି ପିତୃଲୋକକୁ ଫେରନ୍ତି । କିମ୍ବଦନ୍ତୀ କୁହେ ମହାଭାରତ ଯୁଦ୍ଧ ପରେ ଯେତେବେଳେ ମହାଦାନୀ କର୍ଣ୍ଣଙ୍କ ଆତ୍ମା ପିତୃଲୋକକୁ ଗଲା ସେଠାରେ ତାଙ୍କୁ ସୁନା ଗହଣା ଆଦି ଖାଇବାକୁ ଦିଆଗଲା । ଖାଦ୍ୟ ନପାଇ କର୍ଣ୍ଣ ଏହାର ରହସ୍ୟ ଯମଙ୍କୁ ପଚାରିଲେ । ଯମ କହିଲେ - ଆପଣ ଜୀବନଯାକ ଟଙ୍କା, ସୁନା, ରୂପା ଆଦି ଦାନ କରିଛନ୍ତି । କିନ୍ତୁ ପୂର୍ବଜମାନଙ୍କ ପାଇଁ ଶ୍ରାଦ୍ଧ କରି ସେମାନଙ୍କ ଉଦ୍ଦେଶ୍ୟରେ ଖାଦ୍ୟ ଦାନ କରିନାହାନ୍ତି । କର୍ଣ୍ଣ କହିଲେ - ମୁଁ ମୋ ପୂର୍ବଜଙ୍କ ବିଷୟରେ ଜାଣିନି ତେଣୁ ସେମାନଙ୍କ ସ୍ମୃତିରେ ଶ୍ରାଦ୍ଧ କରିପାରିନି । ଏହାପରେ ଯମ ତାଙ୍କୁ ପୃଥ୍ୱୀଲୋକୁ ପନ୍ଦର ଦିନ ଫେରି ଶ୍ରାଦ୍ଧ କରିବାକୁ କହିଲେ । ଏ ସମୟ ଥିଲା ପିତୃପକ୍ଷ ।


+ବିଭବ, ଆଚାର୍ଯ୍ୟ କଲୋନୀ,
ବାଲିଗୁଡ଼ା, କନ୍ଧମାଳ,
ମୋ: ୯୪୩୭୨୪୨୩୧୭


## ପିତୃପକ୍ଷ : ପିତୃ ପୁରୁଷଙ୍କ ପ୍ରତି ଶ୍ରଦ୍ଧା ଅଭିବ୍ୟକ୍ତି

### ଉମେଶ ଚନ୍ଦ୍ର ପାତ୍ର



ପିତୃପୁରୁଷଙ୍କ ପ୍ରତି ଶ୍ରଦ୍ଧା ବ୍ୟକ୍ତ କରିବା ଏବଂ ପିତୃଋଣରୁ ମୁକ୍ତି ପାଇବାର ପର୍ବ ପିତୃପକ୍ଷ ଆରମ୍ଭ ହୋଇଯାଇଛି । କିନ୍ତୁ ପୂର୍ଣ୍ଣିମା ଦିନଠାରୁ ହିଁ ମହାଳୟା ଶ୍ରାଦ୍ଧକର୍ମ ଆରମ୍ଭ ହୋଇଛି । ବର୍ଷର ଯେ କୌଣସି ପୂର୍ଣ୍ଣମୀ ତିଥିରେ ଦେହାନ୍ତ ହୋଇଥିବା ପିତୃପୁରୁଷଙ୍କ ଶ୍ରାଦ୍ଧ ଭାଦ୍ରବ ମାସ ପୂର୍ଣ୍ଣମୀରେ ହିଁ କରାଯାଏ । କାରଣ ଆଶ୍ୱିନ ମାସ କୃଷ୍ଣପକ୍ଷରେ ପଡୁଥିବା ପିତୃପକ୍ଷରେ ପୂର୍ଣ୍ଣିମା ତିଥି ନଥାଏ । ତେବେ ଧର୍ମସିନ୍ଧୁର ସିଦ୍ଧାନ୍ତ ଅନୁଯାୟୀ ପିତୃପକ୍ଷର ପୂର୍ଣ୍ଣିମା ଶ୍ରାଦ୍ଧ ପିତୃ ବିସର୍ଜନୀ ଅମାବାସ୍ୟାରେ ମଧ୍ୟ କରାଯାଇପାରେ । ଏଥର ଅମାବାସ୍ୟା ଅକ୍ଟୋବର ୪ ତାରିଖରେ ପଡୁଛି । ବିଦ୍ୱାନମାନଙ୍କ ମତରେ ପ୍ରତ୍ୟେକ ମଣିଷ ପାଇଁ ତିନିପ୍ରକାର ଋଣ ଥାଏ - ଦେବ, ଋଷି ଏବଂ ପିତୃ । ଏ ମଧ୍ୟରୁ ଶ୍ରଦ୍ଧା ଦ୍ୱାରା ପିତୃଋଣ ପରିଶୋଧ କରାଯାଏ । ଯେଉଁ ବ୍ୟକ୍ତିଙ୍କର ଯେଉଁ ତିଥିରେ ମୃତ୍ୟୁ ଘଟିଥିଲା ତାଙ୍କୁ ସେହି ତିଥିରେ ଶ୍ରାଦ୍ଧ ଦେବା ନିମନ୍ତେ ଶାସ୍ତ୍ରରେ ନିର୍ଦ୍ଦେଶ ରହିଛି । ପୁରାଣର କାହାଣୀ ଅନୁଯାୟୀ ମନୁସ୍ମୃତି ବ୍ରହ୍ମ ବୈବର୍ତ୍ତ ପୁରାଣ ଓ ଗରୁଡ଼ ପୁରାଣ ପରି ପ୍ରମୁଖ ଶାସ୍ତ୍ର ଅନୁଯାୟୀ ପରଲୋକଗତ ବ୍ୟକ୍ତିଙ୍କ ପରିବାରରେ ଜ୍ୟେଷ୍ଠପୁତ୍ର ବା କନିଷ୍ଠପୁତ୍ର ଶ୍ରାଦ୍ଧ ଦେଇପାରିବେ । ପୁତ୍ର ନଥିଲେ ଭଣଜା, ପୁତୁରା, ନାତି ବା ଶିଷ୍ୟ ତିଳତର୍ପଣ ଓ ପିଣ୍ଡ ଦାନ କରିପାରିବେ । ଏପରି ଅନେକ ବ୍ୟକ୍ତି ଯେଉଁମାନେ ସନ୍ତାନହୀନ ଥାଆନ୍ତି ସେପରି ପୂର୍ବଜଙ୍କ ପାଇଁ ଭାଇ, ଭଣଜା, ପୁତୁରା ବା ପରିବାରର ପୁରୁଷ ସଦସ୍ୟ ପିତୃପକ୍ଷରେ ବ୍ରତ ରଖି ପିଣ୍ଡଦାନ କରିପାରିବେ । ଧର୍ମସିନ୍ଧୁ ସମତେ ମନୁସ୍ମୃତି ବା ଗରୁଡ଼ ପୁରାଣରେ ମହିଳାମାନେ ପିଣ୍ଡ ଦାନ କରିପାରିବେ ବୋଲି କୁହାଯାଇଛି ମାତ୍ର ଏହା ଅନ୍ତିମ ବିକଳ୍ପ । ବିଧବା ପତ୍ନୀ ସନ୍ତାନହୀନ ଥିଲେ ପତିଙ୍କ ନାମରେ ଶ୍ରାଦ୍ଧ ସଂକଳ୍ପ ରଖି ବ୍ରାହ୍ମଣଙ୍କ ଦ୍ୱାରା ପିଣ୍ଡଦାନ କରାଇପାରିବେ ସେମିତି ଯେଉଁ ପୂର୍ବଜଙ୍କ ବଂଶରେ କେବଳ ଝିଅ ଅଛନ୍ତି ସେମାନେ ମଧ୍ୟ ସଂକଳ୍ପ କରି ବ୍ରାହ୍ମଣ ଦ୍ୱାରା ପିଣ୍ଡଦାନ କରାଇପାରିବେ । ଧର୍ମଶାସ୍ତ୍ରରେ କୁହାଯାଇଛି, ପିତୃପୁରୁଷକୁ ପିଣ୍ଡଦାନ କରୁଥିବା ପୁରୁଷ ଦୀର୍ଘାୟୁ ହେବା ସହ ସନ୍ତାନ, ଯଶ, ଶାନ୍ତି, ବଳ, ଲକ୍ଷ୍ମୀ, ଗୋଧନ ଆଦି ପ୍ରାପ୍ତି କରନ୍ତି । ପିତୃପୁରୁଷଙ୍କ ଆଶାଥାଏ ଆମର ପୁଅ ନାତି ଆମକୁ ପିଣ୍ଡଦାନ କରି ସନ୍ତୁଷ୍ଟ କରିବେ । ଏହି ଆଶାରେ ସେମାନେ ପିତୃଲୋକରୁ ପୃଥିବୀଲୋକକୁ ଆସନ୍ତି । ତେଣୁ ପ୍ରତ୍ୟେକ ହିନ୍ଦୁ ଗୃହସ୍ଥ ପିତୃପକ୍ଷରେ ଶ୍ରାଦ୍ଧ କରନ୍ତି । ପ୍ରତ୍ୟେକ ଧର୍ମର ଆଧାର ଶ୍ରଦ୍ଧା । ପ୍ରତି ଧର୍ମରେ ପିତୃପୁରୁଷଙ୍କ ପ୍ରତି ସମ୍ମାନ ଏବଂ ଶ୍ରଦ୍ଧାକୁ ଗୁରୁତ୍ୱ ଦିଆଯାଏ । ସନାତନ ଧର୍ମରେ ଶ୍ରଦ୍ଧା ପ୍ରକଟ କରିବାର ଧାର୍ମିକ କର୍ମ ଶ୍ରାଦ୍ଧ । ଶ୍ରାଦ୍ଧକୁ ପିତୃଯଜ୍ଞ ମଧ୍ୟ କୁହାଯାଏ । ଶାସ୍ତ୍ରରେ ଆଶ୍ୱୀନ ମାସ ପ୍ରତିପଦା ଠାରୁ ଆରମ୍ଭ କରି ଅମାବାସ୍ୟା ପର୍ଯ୍ୟନ୍ତ ଭିନ୍ନ ଭିନ୍ନ ଦିନରେ ପିଣ୍ଡଦାନ କରିବାର ଭିନ୍ନ ଭିନ୍ନ ଫଳ ମିଳିଥାଏ । ଏହାକୁ ମହାଳୟା ଶ୍ରାଦ୍ଧ ମଧ୍ୟ କୁହାଯାଏ । 'ମହ'ର ଅର୍ଥ ଉତ୍ସବର ଦିନ ଏବଂ 'ଆଳୟ'ର ଅର୍ଥ ନିବାସ, ଅର୍ଥାତ କୃଷ୍ଣପକ୍ଷ ହିଁ ପୂର୍ବଜଙ୍କ ନିବାସ । ତେଣୁ ସେମାନଙ୍କ ତୃପ୍ତି ପାଇଁ ଶ୍ରାଦ୍ଧ କରାଯାଏ ।

ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତେଲ, କୁଶ ତଥା ଜଳ ଅର୍ପଣ ସହ ଦାନ ଧର୍ମକୁ ପୁରାଣ କଥାରେ ଶ୍ରାଦ୍ଧ କୁହାଯାଏ । କଥା ହେଉଛି ପିତୃପୁରୁଷଙ୍କ ପ୍ରତି ଶ୍ରଦ୍ଧା ହିଁ ଶ୍ରାଦ୍ଧର ମୁଖ୍ୟଭାବ । ଅର୍ଥାତ୍ ଶ୍ରାଦ୍ଧ ହେଉଛି ନିଜ ପୂର୍ବପୁରୁଷଙ୍କ ପ୍ରତି ଶ୍ରଦ୍ଧା ସୃଷ୍ଟି କରିବା । ଏହି ପିତୃପକ୍ଷ ସମୟରେ କୌଣସି ମାଙ୍ଗଳିକ କାର୍ଯ୍ୟର ବିଧାନ ନଥାଏ । ଏପରିକି ଏହି ସମୟରେ ନୂଆ ଆସବାସ ପତ୍ର ସହ କୌଣସି ସ୍ଥାବର ଓ ଅସ୍ଥାବର ସମ୍ପତ୍ତି କିଣନ୍ତି ନାହିଁ । ଲୋକବିଶ୍ୱାସ ରହିଛି ଯେ ଏହା ହେଉଛି ଏକ ଶୋକର ସମୟ ବା ଅଶୁଭ ସମୟ । କିନ୍ତୁ ବିଦ୍ୱାନ ମାନଙ୍କ ମତ ଭିନ୍ନ । ସେମାନଙ୍କ କହିବା ଅନୁଯାୟୀ ପିତୃପକ୍ଷରେ ଅନ୍ୟ ଶୁଭ ଦିନ ପରି ସବୁ କାମ କରିହେବ ବରଂ ପିତୃପକ୍ଷରେ ନିଜର ପରଲୋକଗତ ବଂଶଜଙ୍କ ଦିବ୍ୟାଶୀର୍ବାଦ ରହୁଥିବାରୁ ଏହି ଦିନ ଅନ୍ୟ ଦିନ ତୁଳନାରେ ଅଧିକ ଶୁଭ । ଶାସ୍ତ୍ର ବିଧାନକୁ ଉଲ୍ଲେଖ କରି ସେମାନେ କୁହନ୍ତି ଯେ ଯଦି ସଠିକ୍ ଭାବରେ ଅର୍ପଣ, ତର୍ପଣ ସହ ପୂଜା ନୈବେଦ୍ୟ ସମର୍ପିତ ହୋଇଥାଏ ତେବେ ଏହାର ଫଳ ମିଳିଥାଏ । ଶ୍ରାଦ୍ଧର ମହତ୍ତ୍ୱକୁ ବୁଝିବା ପାଇଁ ଆମ୍ଭମାନଙ୍କୁ ଭାରତୀୟ ଉତ୍ସବର ପ୍ରାଚୀନ ପରମ୍ପରାକୁ ବୁଝିବାକୁ ହୋଇଥାଏ । ଶ୍ରାଦ୍ଧ ପାଇଁ ଆମ ସାମାଜିକ ଜନଜୀବନର ଏକ ଉତ୍ସବ ଶୃଙ୍ଖଳା ଭାବେ ଏହାକୁ ବିଚାର କରାଯାଏ । ଦେବଶୟନୀ ଏକାଦଶୀରୁ ଆରମ୍ଭ ହୋଇଥିବା ଭାରତୀୟ ମନିଷୀମାନଙ୍କ ପ୍ରଣୀତ ଏହି ଶୃଙ୍ଖଳର ଉତ୍ସବ । ଯାହାକି ଶେଷ ହୁଏ ଦେବପ୍ରମୋଦିନୀ ଏକାଦଶୀରେ । ଏହି ଚାରିମାସକୁ ନିଷ୍ଠା, ପବିତ୍ରତା, ସଂକଳ୍ପ ଓ ଭକ୍ତିର ଉତ୍ସବର ଦିବ୍ୟ ମୁହୂର୍ତ୍ତ ଭାବେ ବିଚାର କରାଯାଏ । ବର୍ଷାର ଏହି ଚାରିମାସକୁ ଚର୍ତୁମାସ କୁହାଯାଇଥାଏ । ଏହି ସମୟରେ ଚାଷବାସ ହୋଇନଥାଏ, ଉତ୍ସବର ମୁହୂର୍ତ୍ତ ହୋଇଥିବାରୁ ସବୁ କାମ ବନ୍ଦ ହୋଇଥାଏ । ଏହି ପୂଜାରେ ସର୍ବପ୍ରଥମେ ଗଣେଶଙ୍କୁ ଆବାହନ କରାଯାଏ । ଯାହାକି ଏହି ଉତ୍ସବର ଦ୍ୱିତୀୟ ପର୍ବରେ ଗଣେଶ ପୂଜା ପଡ଼ିଥାଏ । ଗଣେଶଙ୍କ ପରେ ଯଜ୍ଞରେ ପିତୃପୁରୁଷଙ୍କୁ ଆବାହାନ କରାଯାଏ ଏହାପରେ ପଡ଼ିଥାଏ ପିତୃପକ୍ଷ । ବିଚାର କରାଯାଏ ପିତୃପକ୍ଷରେ ନିଜ ପୂର୍ବଜଙ୍କ ସ୍ମରଣ କରାଯାଉଥିବାରୁ ତେଣୁ ଦୁଃଖାବିବୃତ୍ତ ମୁହୂର୍ତ୍ତ ଓ ତାଙ୍କ ଅନୁପସ୍ଥିତି ପାଇଁ କୌଣସି ଶୁଭକାର୍ଯ୍ୟ କରାଯାଏ ନାହିଁ । ଆଉ ଯେଉଁମାନେ ପୂର୍ବଜଙ୍କୁ ସଂପୂର୍ଣ୍ଣ ଶ୍ରଦ୍ଧାର ସହ ପବିତ୍ର ଓ ସମର୍ପିତ ହୃଦୟରେ ପିଣ୍ଡ ପ୍ରଦାନ କରିଥାନ୍ତି ବା ଶ୍ରାଦ୍ଧ, ତର୍ପଣ ଓ ଧାନଧର୍ମ କରିଥାନ୍ତି ସେମାନଙ୍କ ସହିତ ପିତୃପୁରୁଷଙ୍କ ଆଶୀର୍ବାଦ ରହିଥାଏ ।


+ସହ-ପ୍ରତିରତ୍ନିକ ଓ ପ୍ରଫେସର,
ହେପାଟୋଲୋଜି ବିଭାଗ,
ବଡ଼ମେଡ଼ିକାଲ, କଟକ,
ମୋ: ୯୪୩୭୦୫୧୯୫୭


## ଜାତୀୟ ସେବା ଯୋଜନା ଦିବସ

### ଅଲେଖ ଚନ୍ଦ୍ର ସାମଲ

ଆଜି ଜାତୀୟ ସେବା ଯୋଜନା ଦିବସ ବା ନ୍ୟାସନାଲ ସର୍ଭିସ୍ ସ୍କିମ୍ ଡେ । ପ୍ରତିବର୍ଷ ସେପ୍ଟେମ୍ବର ୨୪ ତାରିଖକୁ ସମଗ୍ର ଭାରତବର୍ଷରେ ଜାତୀୟ ସେବା ଯୋଜନା ଦିବସ ଭାବେ ପାଳନ କରାଯାଉଛି । ଦେଶର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା ଅର୍ଥନୀତିରେ ସେବା ଯୋଜନାର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି । ବିଶେଷକରି ଏହି ସେବା ଯୋଜନାର ଯୋଗଦାନର ଗୁରୁ ଦାୟିତ୍ୱ ନ୍ୟସ୍ତ ହୋଇଛି ଯୁବବର୍ଗଙ୍କ ଉପରେ । ଜାତିର ଜନକ ସମସ୍ତଙ୍କ ନମସ୍ୟ ମହାତ୍ମା ଗାନ୍ଧୀଙ୍କ ଏହି ସ୍ୱପ୍ନଟି ଥିଲା ଯେ ଶିକ୍ଷା ସହ ସମାଜ ସେବା ସଂଯୋଗ ହେଉ । ଯାହାଦ୍ୱାରା ଏହି ଦେଶର ବା ସମାଜର ଅଗଣିତ ଛାତ୍ରଛାତ୍ରୀ ସମାଜର ବିଭିନ୍ନ ବାସ୍ତବ ସମସ୍ୟାସହ ଅଙ୍ଗାଙ୍ଗୀଭାବେ ଜଡ଼ିତ ହୋଇ ସେମାନଙ୍କ ଭିତରେ ରହିଥିବା ଶିକ୍ଷାଭିମାନ ସ୍ୱତଃ ଦୂରୀଭୂତ ହୋଇ ସେମାନେ ଆମ ଦେଶର ବିଭିନ୍ନ କ୍ରାନ୍ତିକାରୀ ଯୋଜନାରେ ନିଜର ଅବଦାନ ରଖିବାକୁ ସକ୍ଷମ ହେବେ । ମହାତ୍ମା ଗାନ୍ଧୀଙ୍କ ଯୁଗାନ୍ତକାରୀ ଦୂରଦୃଷ୍ଟିର ପରିକଳ୍ପନାକୁ ପରବର୍ତ୍ତୀ ସମୟରେ ସରକାର ଗଭୀର ସମ୍ମାନବୋଧତାର ସହିତ ସ୍ୱାଧୀନତା ପରେ ବିଭିନ୍ନ କମିଟି ଓ କମିଶନ ଗଠନ କରି ଏହି ଯୋଜନାକୁ ଚୂଡ଼ାନ୍ତ ରୂପରେଖ ଦେବାକୁ ସକ୍ଷମ ହୋଇଥିଲେ । ଏହି କ୍ରମରେ ସବୁଠାରୁ ପରିଚିତ ଓ ଚର୍ଚ୍ଚିତ ଦେଶମୁଖ କମିଟି ଓ କୋଠରୀ କମିଶନ ରିପୋର୍ଟ ଆଧାରରେ ପ୍ରସ୍ତୁତ ଚିଠାକୁ ସର୍ବଭାରତୀୟ କୁଳପତି ସମ୍ମିଳନୀରେ ସ୍ୱାଗତ କରାଗଲା । ଶେଷରେ ଚତୁର୍ଥ ପଞ୍ଚବାର୍ଷିକ ଯୋଜନାର ଅନୁଦାନ କ୍ରମେ ମହାତ୍ମାଗାନ୍ଧୀଙ୍କ ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ୧୯୬୯ ମସିହା ସେପ୍ଟେମ୍ବର ୨୪ ତାରିଖରେ ଏହି ଯୋଜନାର ଶୁଭାରମ୍ଭ ହେଲା । ଜାତୀୟ ସେବା ଯୋଜନା ଆଜି ଯୁଗନ୍ତ ବିସ୍ତାରୀ କେବଳ ଭାରତର ବଡ଼ ବଡ଼ ଶିକ୍ଷାୟତନ ବା ଶିକ୍ଷା ପ୍ରତିଷ୍ଠାନ ନୁହେଁ ବରଂ ସହରାଞ୍ଚଳ ହେଉ ବା ଗ୍ରାମାଞ୍ଚଳ ବିଭିନ୍ନ ମହାବିଦ୍ୟାଳୟ ଓ ବିଦ୍ୟାଳୟରେ ଏହା ସମସ୍ତଙ୍କ ଦ୍ୱାରା ଲୋକାଦୃତ ହେଲାଣି । କେନ୍ଦ୍ର ସରକାରଙ୍କ ସହିତ ରାଜ୍ୟ ସରକାର ନିଜ ସହଯୋଗ ରକ୍ଷା କରି ଏହି ଜାତୀୟ ସେବା ଯୋଜନା ଅନ୍ତର୍ଗତ ସ୍କିମରେ ପ୍ରଚୁର ଅନୁଦାନର ସହଯୋଗ ଦେଇ ଏହାକୁ ପ୍ରୋତ୍ସାହିତ କରୁଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଛାତ୍ର ଓ ଯୁବବର୍ଗଙ୍କ ସହିତ ତାଳ ଦେଇ ଆଜିର ଝିଅମାନେ ଏହି କଲ୍ୟାଣକାରୀ ଯୋଜନାରେ ବି ନିଜକୁ ସାମିଲ କଲେଣି । ଜାତୀୟ ପ୍ରଗତିରେ ଏହି ସେବା ଯୋଜନାର ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଭୂମିକାକୁ ତଥା ଏହାର ଗୁରୁତ୍ୱକୁ ଉପଲବ୍ଧି କରି ଏହା ବେଶ୍ ବ୍ୟାପକ ହୋଇଛି । ପ୍ରତିବର୍ଷ ଆଜିର ଦିନରେ ଭାରତର ଶିକ୍ଷାୟତନ ସହ ବିଭିନ୍ନ ସେବା ଅନୁଷ୍ଠାନରେ ଏହି ଦିବସକୁ ସ୍ମରଣୀୟ କରିବା ପାଇଁ ବିଭିନ୍ନ ସେବା କାର୍ଯ୍ୟକ୍ରମ ସହ ଯୁବବର୍ଗଙ୍କ ପ୍ରତିଭାକୁ ବିକଶିତ କରିବା ପାଇଁ ନୂଆ ନୂଆ ପ୍ରୋଜେକ୍ଟ ହାତକୁ ନିଆଯାଉଛି । ବର୍ତ୍ତମାନର କେନ୍ଦ୍ର ସରକାରଙ୍କ ଜନଧନ ଯୋଜନା ଏକ ଗୁରୁତ୍ୱପୂର୍ଣ୍ଣ ସେବା ଯୋଜନାର ଅନ୍ୟତମ କଲ୍ୟାଣକାରୀ ଚିନ୍ତନ କୁହାଯାଇପାରେ । ମହାତ୍ମା ଗାନ୍ଧୀଙ୍କ ପରିକଳ୍ପିତ ଏହି ଜାତୀୟ ସେବା ଯୋଜନାରେ ଆଜି ପୃଥିବୀର ବିଭିନ୍ନ ବଡ଼ ବଡ଼ ଶିକ୍ଷାୟତନ ଓ ସେବା ପ୍ରତିଷ୍ଠାନ ମାନେ ଅନେକ ସହଯୋଗ ପ୍ରଦାନ କରି ଏହାର ଗୁରୁତ୍ୱକୁ ଉପଲବ୍ଧି କରିବା ସହ ଭାରତରୁ ଏହି ବିଶେଷ ଫଳପ୍ରସୂ ଯୋଜନାକୁ ନିଜ ନିଜ ଶିକ୍ଷାୟତନରେ ବିଦ୍ୟାର୍ଥୀମାନଙ୍କ ଭିତରେ ଉପଲବ୍ଧି କରାଇବା ପାଇଁ ସେମାନଙ୍କ ପ୍ରତିନିଧି ମଣ୍ଡଳ ମାନଙ୍କୁ ନିୟମିତ ବ୍ୟବଧାନରେ ଭାରତ ପଠାଉଛନ୍ତି । ଜାତୀୟ ସେବା ଯୋଜନା ଅନ୍ତର୍ଗତ ଅନେକ ସେବା କାର୍ଯ୍ୟକ୍ରମ ବା ବିଶେଷକରି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବିପନ୍ନଙ୍କ ପାଖରେ ସହଯୋଗ ଓ ସହାନୁଭୂତିର ହାତ ନେଇ ପହଞ୍ଚିବା ପାଇଁ ଯେଉଁ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି ତାହା ନିଶ୍ଚିତ ଭାବରେ ଅନ୍ୟ ସମସ୍ତଙ୍କ ପାଇଁ ପ୍ରେରଣାଦାୟକ ।


(ଅବଶିଷ୍ଟାଂଶ ପୃଷ୍ଠା ୭ରେ)





### ଶରତେ ହସୁଛି ମହୀ...

**ରାମଚନ୍ଦ୍ର ବେହେରା**

ବରଷା ଯାଇଛି ଶରତ ଆସିଛି
ହସୁଛି ସବୁଜ ମହୀ
ଶୁଭ୍ର କାଶତଣ୍ଡୀ ଦୋଳି ଖେଳୁଅଛି
ପବନରେ ଗୀତ ଗାଇ
କିସୁନ୍ଦର ତା'ର ଶୀରି
ଗାଆଁ ନଈପଠା ଗହୀର ହୁଡାରେ
ଡାକୁଅଛି ହାତ ଠାରି।

ନିଶି ଆଗମନେ ପରାଣ ଲୁଟୁଛି
ଗଂଗଶିଉଳିର ବାସ
ପ୍ରଭାତ ସୁନେଲୀ କିରଣେ ଦିଶୁଛି
ଟଗର ତରାଟ ହସ
ଦୁର୍ବାଦଳ ମଥା ପରେ
ଶିଶିର ହସୁଛି ହିରା ରୂପ ନେଇ
ଶରତ ପ୍ରାତଃ କାଳରେ।

ତଡାଗର ଜଳ ଦିଶେ ନିରିମଳ
କୁମୁଦ କମଳ ଭରି
ଶୁଭ୍ର ମେଘଖଣ୍ଡ ଆକାଶ ବୁକୁରେ
ଖେଳୁଅଛି ଲୁଚକାଳି
ହସୁଛି ଗହୀର କ୍ଷେତ
ଶସ୍ୟ ସମ୍ଭାରକୁ ଦେଖି ଚଷାପୁଅ
ସରାଗେ ଗାଉଛି ଗୀତ।

ପୂଣ୍ୟ ଶରତରେ ନାନା ଓଷା ବ୍ରତ
ପାଳନ୍ତି ଶ୍ରଦ୍ଧାଳୁ ଜନେ
ସତ୍ୟ ନ୍ୟାୟ ଧର୍ମ ନୀତି ଆପଣାଇ
ଭକ୍ତିଭାବ ଜାଗେ ପ୍ରାଣେ
ଜହ୍ନିଫୁଲ ମନଲୋଭା
ଗୋଧୂଳି ସମୟେ ତା'ଲାବଣ୍ୟ ରୂପ
ବଢାଏ ପ୍ରକୃତି ଶୋଭା।

ଶୁଭ୍ର ଜୋଛନାରେ ହସିଉଠେ ଶଶି
ହୃଦୟକୁ ଯାଏ ଛୁଇଁ
ଜଗତ ଜନନୀ ମାତା କାତ୍ୟାୟିନୀ
ଆସିବେ ମରତ ଭୂଇଁ
ଢାଳିବେ କରୁଣା ବାରି
ଧର୍ମର ବିଜୟ ଅଧର୍ମର ନାଶ
ପରାଣରେ ଯିବ ଭରି।


+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୫୩୪୬


### ମୁଁ ତୁମ ମନେ ନଥାଏ

**ନିରଞ୍ଜନ ସାହୁ**

ଶରତ କାଳୀନ ସମୟ ଆସିଲେ
ପାଗ ତ ବଦଳି ଯାଏ
ତୁମେ ସେହିପରି ବଦଳି ଯାଇକି
ମୁହଁ ମୋଡ଼ିଦିଅ ହାଏ ।

ବରଷା ଯେପରି ଦୂରେଇ ଯାଇକି
ଚାଲିଯାଏ କେଉଁ ଦେଶ
ତୁମେ ସେହିପରି ମୋ ଠାରୁ ଦୂରେଇ
ସାଜ ବିଦେଶିନୀ ବେଶ
ଶରତକାଳୀନ ଚାନ୍ଦ ପରି ତୁମ
ଶ୍ରୀମୁଖଟି ଶୋଭାପାଏ ।

ଶରତକାଳୀନ ସୁନୀଳ ଆକାଶେ
ଧଳା ମେଘଖଣ୍ଡ ଭାସେ
ମୋ ମନ ଆକାଶେ ତୁମ ପ୍ରତିଛବି
ଅତୀତରୁ ଭାସି ଆସେ
ଶରତକାଳୀନ ଦେବୀ ମେଢ଼ ପରି
ତୁମେ ପରା ଦେବୀଟାଏ ।

ଶରତ କାଳରେ ସୁଷମା ମଣ୍ଡିତା
ଆମ ଏ ପ୍ରକୃତି ରାଣୀ
ସୁଷମା ପଣରେ ତୁମ ପାଶେ ଫିକା
ପ୍ରକୃତିର ରୂପ , ଠାଣି
ଶରତରେ କଇଁ ଜହ୍ନକୁ ଝୁରଇ
ମୁଁ ତୁମ ମନେ ନଥାଏ ।


+ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ-୭୫୯୦୧୬
ମୋ : ୯୯୩୮୭୪୧୫୮୩


### ଧର୍ମ

**ନଳିନୀ କାନ୍ତ ପାଢ଼ୀ**

ଅଫିମ ନିଶା ପରି ନିଶା
ଜୀବନ ଧାରାର କଥା କହେ।

ତା ନାମରେ ରଚାହୁଏ
ଈର୍ଷା, ଦ୍ୱେଷ ଓ ଘୃଣା
ନିଜକୁ ଈଶ୍ୱର ଠାରୁ
ବଡ଼ କରେଇବାର ସ୍ପର୍ଦ୍ଧା।

କୁହତ, ଏ ଜଗତରେ
ବଡ଼ କିଏ ?

ଜାତିଜାତି ଭିତରେ
ଅହଂକାର, ତା ନାମରେ ହିଂସା ।
ବିଶ୍ୱ ମୋର ମୋର କହି
ବଂଶ ବଢ଼ା ଧାରା ।

ଆଉ ନାହିଁ ରହିବାକୁ ଜାଗା,
ନାହିଁ ଖାଇବାକୁ ଖାଦ୍ୟ,
ନାହିଁ ସହିବାକୁ ଛାତି ।

ସବୁଠି ଜଂଜାଳର ଯନ୍ତ୍ରଣା
ଅଫିମ ନିଶା ପରି ନିଶା ।

କିଏ ବୁଝୁଛି ମାନବିକତାର ମନ୍ତ୍ର
ମଣିଷ ମଣିଷ ଭିତରେ
ଶତ୍ରୁତାର ମଞ୍ଜିବୁଣା
ଖଳ, ସୁବିଧାବାଦୀର କଳା କୌଶଳ ।

ଶିକ୍ଷା ଅଶିକ୍ଷା ପାଲଟି
ନର୍କରେ କରିଛି ଘର ।


+ଗୋଶାଣୀବିନ୍ଧା, ଜଗାଇ,
ପ୍ରତାପପୁର, ବାଲେଶ୍ୱର ୭୫୬୦୮୩
ମୋ ୯୭୭୭୫୧୪୫୭୬


### କେମିତି ଜୀବନ

**ଓଟେରି ସେଲଭାକୁମାର**

ଜୀବନର ସବୁ ପ୍ରଶ୍ନ
ଉତ୍ତର ଖୋଜୁଛନ୍ତି
ଯଦି କୌଣସି ପ୍ରତିକ୍ରିୟା ପ୍ରାପ୍ତ ହୁଏ ନାହିଁ
ଏହା ଏକ ପ୍ରଶ୍ନ ପାଲଟିଯାଏ
କ'ଣ କରିବେ ?
କେବଳ ଗୋଟିଏ କଥା ନିଶ୍ଚିତ
ବଞ୍ଚିବା ଏକ ପ୍ରଶ୍ନ ନୁହେଁ
କୌଣସି ଉତ୍ତର ନାହିଁ
ଏହାର ବିପରୀତ...
ଏହା ରୋଚକ...
ଯେକୌଣସି ଜିନିଷ ଖେଳାନ୍ତୁ
କେବଳ ଆମ ଜୀବନ
କିଛି ବି ପ୍ରସ୍ତୁତ କର...
ତା'ଠାରୁ ଭଲ ହୁଅନ୍ତୁ
ଜୀବନ ସହ ଚାଲିଯାଆନ୍ତୁ
ଅଧିକ ବୁଝାପଡୁଛି
ତୁମ ସହିତ ଧରାପଡ଼ନ୍ତୁ।


+୨୫/୧୩, ସାନ୍ନିଆପ୍ପା ସାହି,
ଓଟେରି,ଚେନ୍ନାଇ - ୬୦୦୦୧୨
ତାମିଲନାଡୁ

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର,
୨୪ ସେପ୍ଟେମ୍ବର ୨୦୨୪, ମଙ୍ଗଳବାର


## ସମୟର ଆହ୍ୱାନ
### ରତ୍ନାକର ରାଉତ



ସଭ୍ୟ ସମାଜରେ ଅସଭ୍ୟମାନେ
ଆସନ୍ତି କୁଆଡୁ
ସେମାନେ ଥାଆନ୍ତି କେଉଁଠି ?
ସଭିଙ୍କ ଭିତରେ ହିଁ ସେମାନେ ଥାଆନ୍ତି
ଦେଖାଯାଏ ସେମାନେ ନିଜ ପରିବାର ସହିତ
ହିଁ ରହନ୍ତି
ତାଙ୍କରି ମଧ୍ୟ ପିଲାଛୁଆ, ବାପାମାଆ,
ଭାଇ ଭଉଣୀ, ବଂଧୁ ବାଂଧବ ସାହି ପଡ଼ିଶା
ଅଛନ୍ତି
ମାତ୍ର ସେମାନଙ୍କ ଭଲ କାହାକୁ ଦେଖାଯାଏନି
କାରଣ, ସେମାନେ ନିଜ ଲୋକ
ସଂପର୍କ ଆଢୁଆଳରେ ପଶୁତ୍ୱ ଲୁଚିଯାଏ
ଦେଖିଲେ ଶୁଣିଲେ ମଧ୍ୟ ସେମାନଙ୍କ କୁକର୍ମ
ଅବିଶ୍ୱାସ କରାଯାଏ
ନା ଏପରି ହୋଇ ନଥିବ
ମିଥ୍ୟା ଆରୋପ ଲଗାଯାଇଥିବ
କେବେ କେବେ ଅପକର୍ମ ସଂପର୍କରେ ଜାଣିବି
ତାହାକୁ ଅଣଦେଖା କରାଯାଏ
ଏହା ପଛରେ ଅର୍ଥ, ସ୍ୱାର୍ଥ ଓ ସଂପର୍କ ଛପିଥାଏ
ଆପେ ଫିଟିଲେ ବାପର ନାଆଁ ବିଚାର
ଗୁରୁତ୍ୱପାଏ
ଘର ବୁଡ଼ି ପାଣି ଆଣ୍ଠୁଏ ହେଲେ ସୁଦ୍ଧା
ନିଜ ଆଣ୍ଠୁ ଅଣ୍ଟା ନ ବୁଡ଼ିଲା ଯାଏଁ ଚେତା
ପଶେନି
ଦୁଷ୍ଟ ଦୁରାଚାରୀଙ୍କୁ ଫଳତଃ ପ୍ରଶ୍ରୟ ମିଳେ
ଏକଥା ସତ୍ୟ ଯେଉଁମାନେ ଅସଭ୍ୟ, ଅଭଦ୍ର
ସେମାନେ ଅପରାଧୀ
ମାତ୍ର ଯେଉଁମାନେ ତଥାକଥିତ ସଭ୍ୟ,
ଭଲଲୋକ
ଅପରାଧ ଦେଖି ଅଦେଖା କରନ୍ତି
ମଉନ ରହିବାକୁ ଶ୍ରେୟ ମଣନ୍ତି
ସେମାନେ ଏ ସଂସାରରେ ସବୁଠାରୁ ବଡ଼
ଦୋଷୀ,
ପ୍ରରୋଚକ, ବଡ଼ ଅପରାଧୀ
କଳଙ୍କିତ ଚରିତ୍ର ଓ କୁତ୍ସିତ କଦାକାର ବ୍ୟକ୍ତିତ୍ୱ
ସେମାନେ ହିଁ ଏସବୁ ଅସଭ୍ୟତାକୁ ଦେଇ
ଥାଆନ୍ତି
ନିରବ ପ୍ରୋତ୍ସାହନ ଓ ସମର୍ଥନ
ସେହି ଚତୁର ସିଆଣା ସୁବିଧାବାଦୀ ମାନଙ୍କୁ
ଦୂରୁ ଜୁହାର, ସଦାକାଳେ ସାବଧାନ
ସେମାନଙ୍କୁ ଚିହ୍ନି ପାରିଲେ
ଜାଣିପାରିଲେ ତାଙ୍କ ଅସଲ ରୂପ ଓ ଚରିତ୍ର
ମନକୁ ଆପଣାଛାଏଁ ସାବାଡ଼ ହୋଇଯିବେ
ଦିନ କେଇଟାରେ
ଯେତେ ସବୁ ଅସଭ୍ୟ, ଅଭଦ୍ର, ଅପରାଧୀ ଓ
ସଇତାନ
ପରଦାପଛରେ ସେହି ଖଳନାୟକ ମାନଙ୍କୁ
ଚିହ୍ନି ରଖିବା ସଂପ୍ରତି ସମୟର ସବୁଠୁ ବଡ଼
ଆହ୍ୱାନ
କଦାଚିତ ପାସୋରି ଯିବା ଉଚିତ ନୁହେଁ
ସମାଜରେ ଜିଉଁଥିବା ଯେ କୌଣସି ମଣିଷ
ନିଜ ନିକଟ ଲୋକଙ୍କଠାରୁ
ସବୁବେଳେ ଗୁରୁତର ଆହ୍ୱାନରେ ହୋଇଥାଏ
ସମ୍ମୁଖୀନ ।

## ହୃଦୟ
### ସୁଧୀର ମେହେର



ତୁ
ଘଡିଏ ନୀରବି ଗଲେ,
ସ୍ଥାଣୁ ପାଲଟି ଯାଏ ମୋର ଚାରିପାଖର
କୋଳାହଳମୟ ଦୁନିଆ,
ଯେମିତି ଅଟକି ଯାଇଛି ମୋ ହୃତପିଣ୍ଡ
ଏବେ କିଛି ଘଟିଯିବ ପରା !

ଜାଣିଚି,
ଏ ଦୁନିଆ ଖୁବ୍ ସ୍ୱର୍ଥପର
ତୁ ବି ଦିନେ ଭୁଲିଯିବୁ-ଏ ଭାବ ଦିଆ ନିଆ,
ଗହଳ ଛାଇ ଦେଖି
ପୁଣିଥରେ ଗଢି ନେବୁ ତୋ'ର
ନିଜସ୍ୱ ଦୁନିଆ ।।

ତଥାପି,ଏ ହୃଦୟ ସବୁ ଜାଣି ବି ଅଜଣା
କେଜାଣି,
କେଉଁ ଉପାଦାନରେ ଗଢା
ଯେଉଁଠି ଛୁଇଁଲା,ସେଇଠି ଅଟକି ଗଲା
ଆଗ ପଛ ଭାବିବାକୁ ସମୟ କାହିଁ ଯେ !
ହୃଦୟ କରି ପାରେ କି କେବେ ଭଲମନ୍ଦର
ବିଚାର ?

ବଡ ଅଜବ ଏ ହୃଦୟ !
ନିଜକୁ ତିଳ ତିଳ କରି
ନିଃଶେଷ କରି ଦେଇ ପାରେ
କାହାର ତିଳେ ମାତ୍ର ବିଶ୍ୱାସରେ,
ନିଜକୁ ଫାସି ଖୁଣ୍ଟରେ ବି ଝୁଲେଇ
ଦେଇପାରେ
କାହାର ପଦିଏ ମିଠା କଥାରେ....
କାଚ ପରି ରୁନ୍ ଝୁନ୍ ହୋଇ
ଭାଙ୍ଗି ଯାଏ ପୁଣି
ତିଳ ମାତ୍ର ଆଘାତରେ ।

ଏ ହୃଦୟକୁ କିଏ ତିଆରିଲା ସତେ !
ଯୋଡିଲା ନାହିଁ କିଆଁ
ହୃଦୟରୁ ମସ୍ତିଷ୍କକୁ ଚେତନାର ତାରଟିଏ,
ଯିଏ ଜଣେଇ ଦେଉଥା'ନ୍ତା ଭଲ ମନ୍ଦ/ଭୂତ
ଭବିଷ୍ୟତ
କିଛି ଗୋଟେ ଘଟିବାର ପୂର୍ବ ମୁହୂର୍ତ୍ତରେ !!


♥ ଟିଟୈଗୁଡା, ଜୁନାଗଡ଼,
କଳାହାଣ୍ଡି, ପିନ୍-୭୬୬୦୧୪
ମୋ:୯୫୮୩୫୮୮୮୮୭


## ମୋବାଇଲ ନିଶା
### ଡ. ଦୀପ୍ତିମୟୀ ବେହେରା



ଘରକାମେ ଆଉ
ଲାଗୁନାହିଁ ମନ
ଧାଇଁ ଆସେ
ମୋବାଇଲ ପାଶେ
ହୋଇ ଉଚ୍ଛନ୍ନ ।

ହ୍ୱାଟ୍ସଆପ୍ ସହ ଭିଡ଼ିଓକଲିଂ
ଟିକ୍ ଟକ୍ ବନେଇଲି
ଫେସବୁକରେ
ନୂଆ ସାଙ୍ଗ କରି
ଆହୁରି ମଜି ରହିଲି ।

ଏସବୁ ଦେଖି
ପତିଦେବ ମୋର
ନ କହି ନ କହି
ଦିଅନ୍ତି ପଦିଏ କହି
ଦାନ୍ତ ଦେଖେଇ

ଦିଏ ମୁଁ ହସି
କହନ୍ତି ଅଛୁ ତୁ
ଭାରି ଫୁଲେଇ ।

ଫୁଲେଇ ସହ
ଶୁଣିବାକୁ ମିଳେ
ନଟଖଟି ଚୁଲ୍ ବୁଲି
ତାଙ୍କୁ କାଳେ ମୁଁ
ରଖିଛି ପଟେଇ
କୁହନ୍ତି ଏକଥା ଡେଲି ।

ଆଉ ବେଳକେ
ମୋବାଇଲ୍ ନିଶା ଦେଖି ମୋର
ପତିଦେବ ଆସି କରନ୍ତି ଲଢେଇ
ରାଗି ପାଚି ଚିଡି
କୁହନ୍ତି ମୋତେ
ମୋବାଇଲକୁ ଦେବି କି ବାଡ଼େଇ ।

ମୋବାଇଲ୍ ପାଇଁ
ଦୁହିଁଙ୍କ ମଧ୍ୟେ
ହୁଅଇ ପାଲାଯୁଦ୍ଧ
ଧାଇଁ ଆସନ୍ତି ପଡ଼ିଶାଲୋକ
ଦେଖନ୍ତି ସତେକି
ମହାଭାରତ ।

ଯିଏ ଯାହା କହୁ ପଛକେ
ଛାଡ଼ି ପାରିବିନି
ମୋବାଇଲ୍ ନିଶା କି ଫୋନ୍ କଣ୍ଟାକ୍ଟ
ନ ହେବ ମୋତେ ଆଉ
ବିପି କି ହାର୍ଟ ଆଟାକ୍ ।


♥ଅଧ୍ୟାପିକା,
ମହାପୁରୁଷ ଅଚ୍ୟୁତାନନ୍ଦ ମହାବିଦ୍ୟାଳୟ,
କଟକ
ମୋ: ୭୫୦୪୮୭୭୫୧୭


## ଶାଶ୍ୱତ ସ୍ନେହ ସମ୍ମୋହନେ
### ସୁଜିତ୍ କୁମାର ମିଶ୍ର



ମାଆ ମାଆ ବୋଲି ଯେବେ ଡାକିଦିଏ
କୁଣ୍ଢେମୋଟ ଛାତି ତୋର
ସେହି ସମ୍ବୋଧନେ ଅପୂର୍ବ ମହକ
ମୋହେ ହୃଦ ପ୍ରାଣ ମୋର ।

ସତ ସାଥୀଟିଏ ମାଆ ତୁ ଜୀବନେ
ସୁଖେ ଅବା ଦୁଃଖେ ହେଉ,
ପୁତ୍ର ମୁଖେ ପୁଳେ ହସ ଦେଖିବାକୁ
ପାରାବାରେ ତୋର ଢେଉ ।

କପାଳ ପାଇଁ ମୋ କଷଣ ସହୁ ତୁ
ଏନ୍ତୁଡିଠୁ ଶେଷକୁଇ,
ତଥାପି ତୁ କିନ୍ତୁ ତୁଠର ପଥର
ବାତ୍ସଲ୍ୟରେ ବୁଡ଼ିଯାଇ ।

ଦଣ୍ଡେ ନ ଦେଖିଲେ ମନଦାଣ୍ଡ ତୋର
ଦୁଃଖ ଝରି ଜଳମଗ୍ନ,
ଚାହିଁ ରହିଥାଉ ଚାତକ ପରି ମା
ମୋ ପାଇଁ ତୋ ମନ ଭଗ୍ନ ।

ଯେବେ ଦେହେ ମୋର କଣ୍ଟା ଫୋଡିହୁଏ
ତୋ ଦେହରୁ ଝରେ ରକ୍ତ
ଆହା କି ଶାଶ୍ୱତ ଅନାବିଳ ପ୍ରେମ
ପ୍ରାପତେ ମୁଁ ଭାଗ୍ୟବନ୍ତ ।

ମାଆ ତୋର ମନ ଉଚ୍ଚ ପରବତ
ହୃଦ ସ୍ନିଗ୍ଧ ପାରାବାର
ତେଣୁ ତୋ ପଣତ ପୁଅ ପାଇଁ ନିତ୍ୟ
ଅମାପ ସ୍ନେହ ମନ୍ଦିର ।।

ସତ୍ୟ,ଦୟା,କ୍ଷମା ନିତି ଝରୁଥାଏ
ତୋ ପଣତ ଝରଣାରୁ
ସେଇ ଝରଣାରୁ ସନ୍ତାନ ଗାଧୋଇ
ପାଲଟ ?ଇ ମହାମେରୁ ।

ତୁ ସକଳ ତୀର୍ଥ ଆନନ୍ଦର ଧାମ
କାଶୀ, ବାରାଣସୀ, ପୁରୀ
ତୋ ଚରଣ ସେବା ଧ୍ରୁବ ମୋ ଜୀବନେ
ପୂଣ୍ୟ ତଟିନୀର ତରୀ ।

ନିରାଶା ପଥରେ ନଇଁ ଚାଲୁଥିଲେ
ସାଜିବି ମୁଁ ଆଶାବାଡି
ଚନ୍ଦ୍ରର ଆଲୋକ ତୋ ଆଖିରେ ଭରି
ଅନ୍ଧକାର ଦେବି ତଡି ?।

ତୋ ମନେ ଭରିବି ମିଠା କଳରବ
ମଠଟିଏ ଘରେ କରି
ସେଇ ମଠ ହେବ ସାଧନାର ପୀଠ
ଶ୍ରଦ୍ଧାର ମୋ ସ୍ୱର୍ଗପୁରୀ ।

ତୋର ଗଢା ହାତେ ତୋ ଲୁହ ପୋଛିବି
ଝରେ ଯଦି କେଉଁ ?ଦିନ,
ତୋ ଶାଶ୍ୱତ ସ୍ନେହ ସମ୍ମୋହନେ ସିନା
ଉଦ୍ଭାସିତ ଏ ଜୀବନ ।

ଆପଣା ଆୟୁଷ ସହ ସନ୍ଧି କରି
ମୋର ଆୟୁଷେ ତୋ ଚିତ୍ତ,
ତେଣୁ ମାଆ ତୋର ପୂଣ୍ୟ ଚରଣରେ
କୋଟି କୋଟି ଦଣ୍ଡବତ ।


♥ ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
(ମୋ) ୭୬୮୩୮୬୭୭୪୨


## ଆମ ଲୋକକଳା ଆମ ଗୌରବ
### ପୂଜା ସା



କଳା ସଂସ୍କୃତିର ଭାତହାଣ୍ଡି ଏଇ
କଳାହାଣ୍ଡି କଳା ଭୂଇଁ
ଲୋକକଳା ତାର ଜାଣିଛି ସଂସାର
କେତେ ବା କହିବି ମୁହିଁ ।
ରଣବାଦ୍ୟ ଥିଲା ଗଣବାଦ୍ୟ ହେଲା
ଘୁମୁରା ଆମ ଗୌରବ
ଆମ ନାଚ ଗୀତ ଛୁଟାଇ ଚାଲିଛି
ହର୍ଷ ଉଲ୍ଲାସ ସୌରଭ ।
ରସରକେଲି ଓ ଡାଲଖାଇ ତାନ
କାନକୁ ସୁଭଇ ଯେବେ
ଜୀର୍ଣ୍ଣ ଜୀବନରେ ଯୌବନ ସଞ୍ଚାର
ନୃତ୍ୟେ ହୁଅଇ ତେବେ ।
ଆମ ଲୋକଗୀତ ପ୍ରେମର ସଙ୍ଗୀତ
ବାଙ୍ଗିରୀ ଚୁଟ୍ କୁ ଚୁଟା
ଶୁଣିଲା ମାତ୍ରକେ ଶ୍ରୋତାର ଗାତ୍ରରେ
ଆଣିଦିଏ ନୃତ୍ୟ ଛଟା ।
ମାଆ ସମଲେଇ ମାଣିକେଶ୍ୱରୀଙ୍କ
ଜଣାଣ ଶ୍ରବଣ କରି
ଅଶାନ୍ତି ହୃଦୟ ଲଭଇ ପ୍ରଶାନ୍ତି
ନାଶେ ପାପ ବିଭବରୀ ।
ପାଲା ହେଉ ଅବା ଦାସକାଠି କଳା
ଅଥବା ସେ ଗୀତିନାଟ୍ୟ
ଆମ ପ୍ରବୀଣତା ଆମ ନିପୁଣତା
ସଭିଙ୍କୁ କରେ ଉଚ୍ଚାଟ ।
ଆମ ଲୋକକଳା ଆମର ଗୌରବ
ରଖିବା ତାର ସମ୍ମାନ
ବିଶ୍ୱ ଦରବାରରେ ସକଳ କ୍ଷେତ୍ରରେ
ବଢ଼ାଇବା ତାର ମାନ ।


♥ଦେପୁର, ଭବାନିପାଟଣା (କଳାହାଣ୍ଡି)


## ଲୁହ ଦେଖି ବୁଝିଗଲି
### ନୀଳମଣି ଚାନ୍ଦ



ଲୁହ ଦେଖି ବୁଝିଗଲି ତୁମ ଦୁଃଖ କେତେ
ସାଗର ସମ ଗଭୀର ରହିଥିଲା ସତେ।

ଦୁଃଖ ଲେଖେ ଦିନଲିପି ନିରିଜନେ ବସି
ସୁଖ ଛାଡ଼ି ଯିବା ଦିନୁ ପାରୁନି ସେ ହସି
ଅମାନିଆ ବୁଝେନାହିଁ ବୁଝେଇଲେ ଯେତେ।

କେବେ ସିଏ ହୋଇଯାଏ ଶିରାବଣ ବର୍ଷା
ସୁଖ ଦେଖି କରେନାହିଁ କାହିଁ କେବେ ଈର୍ଷା
ଅନୁଭୂତି କାଣିଚାଏ ଦିଏନି ସେ ମୋତେ।

ଲୁହ ଭିଜା ଚିଠି ଏବେ ସତେ କି ଅତୀତ
ବାହୁଥିଲା ଦିନେ ଯିଏ ହତାଶା ବୋଇତ
ପୋଛୁଥିଲି ପୋଛୁଥିବି ସେ ଲୁହକୁ ହାତେ।


♥ ମନ୍ତ୍ର ମାନୋର,ଗୋଠପାଟଣା
ଭୁବନେଶ୍ୱର, ମୋ:୯୫୮୩୨୦୨୩୫୭


## ଜୀବନ ଗୀତ
### ବିଜୟ କୁମାର ପଣ୍ଡା



ଦୁଃଖ ପରେ ସୁଖ ହସ ପରେ ଲୁହ
ବିଧାତା ଗଢ଼ି ଦେଇଛି
ପାଖେ ଯାହା ଅଛି ତା' ମୁଲ ନବୁଝି ମଣିଷ
ମରୀଚିକା ପଛେ ଧାଇଁଛି ।
କେତେ ଯେ ପାଇଲ କେତେ ହରାଇଲ
ସେ ହିସାବ ଆରପାରିରେ
ଏ ପାରିରେ ଖାଲି କର୍ମ ଆଉ କର୍ମ
ପ୍ରାଣ ଥିବା ଯାଏଁ ପିଣ୍ଡରେ ।
ଖୋଳପା ଭିତରୁ ବାହାରି ଦେଖ'
ଜୀବନ କେଡ଼େ ସୁନ୍ଦର
ସାହାଯ୍ୟର ହାତ ବଢ଼େଇ ଦେଖ
ଉପରବାଲା ବି କେଡ଼େ ଉଦାର ।


ସମ୍ପାଦକ - 'କନକ ଲତା'
ଭର୍ଥୁର୍, ବାଙ୍ଗାଲୋର,
♥ମୋ:୯୭୩୯୫୯୧୮୧୬


## ନାୟିକା
### ଦୀପ୍ତି ମିଶ୍ର



ଥରେ ପାହାଡ ସହ ବନ୍ଧୁତା କଲି,
ଯେମିତି କରିଥିଲି ଫୁଲ ସହ...ଜହ୍ନ ସହ,
ଯେମିତି କରିଥିଲି ନଦୀ ସହ...
ଆକାଶ ସହ,
ଦୂର ପାହାଡର ସୁନ୍ଦରତାରେ
ମୁଗ୍ଧ ଆତୁରିତ ମନ
ପ୍ରବଳ ଭାବାବେଗରେ
ବାନ୍ଧି ହୋଇଗଲା ତା ପ୍ରେମରେ ।

ପାହାଡ଼ ମୋ ସହ ହସୁଥିଲା...
କିନ୍ତୁ ସେ ହସରେ ନ ଥିଲା ଆବେଗ
ନ ଥିଲା ସ୍ୱଚ୍ଛତା,
ମୋ ସହ ବସୁଥିଲା
କିନ୍ତୁ ତହିଁରେ ନ ଥିଲା ତଲ୍ଲୀନତା ଭାବ...

ଭାବିଥିଲା ସେ ମୋତେ
ନୈରାଶ୍ୟର ବାଲିଘରେ ପୋତିଦେବ
ଚିରଦିନ ପାଇଁ....
ହେଲେ ମୁଁ କଣ କଲି ନା,
ସପନର ଦୋଳିରେ ଉଡିଯାଇ
ବସିଗଲି ପାହାଡ଼ର ଶିଖରରେ ।

ବାସ୍, ଏବେ ମୁଁ ଦେଖି ପାରୁଛି
ମୋ ଚାରିପାଖ.....
ପ୍ରୀତିର କୃଷ୍ଣଚୂଡ଼ା
ମେଲାଇ ବସିଛି ତାର ରଙ୍ଗର ପାଖୁଡ଼ା,
ବିଛାଡି ଦେଇ ମିଠା ମିଠା
ଆବେଗ ଭରା ଗନ୍ଧ,
ଅରତୁରେ ବି ଋତୁର କାହାଣୀ....
ଆଉ ମୁଁ ସାଜିଛି ସେଇ କାହାଣୀର
ମୁଗ୍ଧା ନାୟିକା ।


♥ ବାରିପଦା
ମୋ - ୯୪୩୮୪୦୪୩୦୮


## କେମିତି କହିବି ?
### ଶିଶିର କୁମାର ପଣ୍ଡା



କେମିତି କହିବି ଭଲପାଏ ବୋଲି
ତମେତ ହେଲଣି ବାହା
କେମିତି କହିବି ତମ-ମୋ ଜୀବନେ
ଘଟିଥିଲା ଯାହା ଯାହା ?
କେମିତି କହିବି ମତେ ନ ଦେଖୁଲେ
ପାଗଳୀ ପରାୟ ହୁଅ
କେମିତି କହିବି ସେଦିନର କଥା
ମତେ ଯାହାସବୁ କୁହ ?
କେମିତି କହିବି କେତେ ଜହ୍ନରାତି
ଦେଇଛ କାଟି ମୋ ସାଥେ
କେମିତି କହିବି ତୁମର ଅଳି ମୁଁ
ଚାନ୍ଦ ବି ଦେଇଛି ହାତେ ?
କେମିତି କହିବି ସାଗର ବେଳାରେ
ତମେ ମୋ କୋଳରେ ଶୋଇ
କେମିତି କହିବି ସେଇ ରାତିକଥା
ଏକାକାର ଥିଲେ ହୋଇ ?
କେମିତି କହିବି ଭୁଲିନି ତୁମକୁ
ପ୍ରତାରଣା ପରେ ପରେ
କେମିତି କହିବି ଜୀବନକୁ ମୋର
ଫେରିବାକୁ ଆଉ ଥରେ ?


♥କୁଆଁସ, ମେରଦା କାଟିଆ, ଯାଜପୁର
ମୋ: ୮୯୮୧୭୩୭୨୨୮


## ରାତ୍ରି
### ବିଜୟଲକ୍ଷ୍ମୀ ପାଣିଗ୍ରାହି



ରାତ୍ରି ଗୋ ତୁମେ କୃଷ୍ଣ କାଳୀମାର
ଗାଢ଼ବର୍ଣ୍ଣା ଅଭିବ୍ୟକ୍ତି
ସମାହିତ ସବୁ ରଙ୍ଗ ତୁମ କୋଳେ
କଳ୍ପନାର କଳ୍ପଗୀତି।
ଶୀତଳ ଜ୍ୟୋସ୍ନାର ପ୍ରୀତି।
ସପନ ଦୋଳିରେ ଝୁଲଇ ଠିକଣା
ତୁମେ ଅସରାଏ ସ୍ମୃତି।
ରାତ୍ରି ଗୋ ତୁମେ ସଦା ଗର୍ଭବତୀ
ନୂତନ ରବି ପ୍ରକାଶେ
ନୂଆ ସକାଳର ସମ୍ଭାବନା ଯେତେ
ଆସେ ତୁମରି ଆଭାସେ।
ଜଡ଼ରୁ ଜୀବନ ହସେ।
ଦିବ୍ୟ ଆଲୋକରେ ଆଲୋକିତ ଧରା
ତୁମରି ଆୟୁଷ ଶେଷେ।
ରାତ୍ରି ତୁମେ ପରା ଜୀବନ ସଂଗ୍ରାମେ
ବିଶ୍ରାମର ପାନ୍ଥଶାଳା
ଦଧିଚିର ତ୍ୟାଗ ତୁମ ଅନୁରାଗ
ସାରାଦେହ ତୁମ ଜ୍ୱାଳା।
ନରକରେ କରି ଲୀଳା।
ଜଗତ ଉଦ୍ଧାରି ନିଜେ ଲୁକାୟିତ
ଧନ୍ୟ ତୁମର ଖେଳା।


♥ଶିକ୍ଷୟିତ୍ରୀ
ଜୟପୁର କୋରାପୁଟ
ମୋ-୮୨୪୯୪୫୦୦୫୦


## ଅନାହତ ସମ୍ପର୍କ
### କ୍ଷଣ ପ୍ରଭା ମହାନ୍ତି

ଏବେ ଏବେ ଆମେ ସବୁ
ଏକୁଟିଆ ରହିବା ପ୍ରତିଶ୍ରୁତି ରେ
ଅଟକି ଯାଇଚୁ, କେଜାଣି କାହିଁକି
ଏ ଜିଦିଟା ସମସ୍ତଙ୍କୁ କବଳିତ
କରିଚି ।
ଜେଜେବାପା ଚାଲିଯିବାର
ଢେର୍ ବର୍ଷ ହେଇ ସାରିଲାଣି
ଆମ ସେ ବାରିପଟ ଜମି ଖଣ୍ଡକର
ଏଯାଏଁ ଭାଗ ଛିଡୁ ନି ।
କେତେ କିଏ ରଖିଲା ଗଲା
ବେଳକୁ କାହା ପାଇଁ ?

ଦୁଇ ଖଣ୍ଡ କସ୍ତା ଲୁଗାରେ
ସରିଗଲା ମୋ ବୋଉର ଆୟୁଷ,
ଶାଗ, ମୁଗରେ ବୁଝି ଯାଉଥିବା
ମନକୁ ଗ୍ରାସ କଲାଣି ଗ୍ରାସ କଲାଣି
ପ୍ରତିହିଂସା ର ବିଷ ।

ରୋଜ ଗାରିଆ ପୁଅ କାନ୍ଧ ରେ ଆଉ
ରଖି ହଉ ନି ଦାୟିତ୍ୱର ବୋଝ ।
ହେଲେ .... କେଜାଣି ବାପା କେମିତି
ଘର କଥା ବୁଝି ବନ୍ଧୁ ଶଙ୍କୁଳି
ପରବ ପାଇଁ ହେଉଥିଲେ ସଜ।
ଆମର ସେ ବଖରା ଏ ମାଟିଘରେ
ଅଭାବର ଚାରି କାନ୍ଥ ଭିତରେ ବି
ବୁଝି ହେଉଥିଲା ସମ୍ପର୍କର ପରିଭାଷା
ହେଲେ ଏବେ କଂକ୍ରିଟର ଛାତ ତଳେ
ଜଡେଇ ଧରିଚି ମୋହ ଗ୍ରସ୍ତ ମଣିଷ
ମାନଙ୍କର ଜୀବନ ଜିଇଁବାର ନିଶା।

ନିଜ ପାଇଁ ନିଜେ ଗୋଟେ ପ୍ରଶ୍ନ ହେଇ
ସାରିଚୁ ଏବେ ଏବେ ଆମେ ସବୁ,
ଏକୁଟିଆ ରହିବାର ପ୍ରତିଶ୍ରୁତି ରେ
ଅଟକି ଯାଇଚୁ ।


♥ନୀଳାଦ୍ରି ନଗର
ଖଣ୍ଡଗିରି

# ଓଡ଼ିଶା ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତଙ୍କର ଏସ୍‌ସିବି କଲେଜ ଓ ଉତ୍କଳ ବିଶ୍ୱବିଦ୍ୟାଳୟ ପରିଦର୍ଶନ

ଭୁବନେଶ୍ୱର, ୨୩/୦୯ (ନି.ପ୍ର): ଓଡ଼ିଶା ରାଜ୍ୟ ଦିବ୍ୟାଙ୍ଗ ଆୟୁକ୍ତ ଶ୍ରୀମତୀ ବ୍ରତତୀ ହରିଚନ୍ଦନ କଟକସ୍ଥିତ ଏସସିବି ମେଡିକାଲ କଲେଜ ଓ ଉତ୍କଳ ବିଶ୍ୱବିଦ୍ୟାଳୟ (ବାଣୀବିହାର) ପରିଦର୍ଶନ କରି ଦିବ୍ୟାଙ୍ଗ ବିଦ୍ୟାର୍ଥୀମାନଙ୍କ ସହ ଆଲୋଚନା କରିଛନ୍ତି । ଏଥି ସହ ଦିବ୍ୟାଙ୍ଗ ବିଦ୍ୟାର୍ଥୀମାନଙ୍କ କଲ୍ୟାଣ ଦୃଷ୍ଟିରୁ ଭିନ୍ନକ୍ଷମ ଅଧିକାର ଆଇନ ୨୦୧୬ର ସଫଳ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱ ଦେବାକୁ ଉଭୟ ଅନୁଷ୍ଠାନର କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଛନ୍ତି ।

ଏସ୍‌ସିବି ମେଡ଼ିକାଲ କଲେଜ ଯାଇ ଆୟୁକ୍ତ ଶ୍ରୀମତୀ ହରିଚନ୍ଦନ ପରିସର ପରିଦର୍ଶନ କରିଥିଲେ । ଛାତ୍ରଛାତ୍ରୀମାନଙ୍କ ସହିତ ଆଲୋଚନା କରିଥିଲେ । ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କ ଅଭିଯୋଗ/ସମସ୍ୟାର ସମାଧାନ ନିମନ୍ତେ ସ୍ୱତନ୍ତ୍ର ପ୍ରକୋଷ୍ଠ ଖୋଲିବା ଉପରେ ସେ ଗୁରୁତ୍ୱ ଦେଇଥିଲେ । ଶ୍ରେଣୀ କକ୍ଷ, ଛାତାବାସୀ, ପାଠାଗାର, ପ୍ରଶାସନିକ ଭବନ, ପାଠାଗାର, ସମ୍ମିଳନୀ କକ୍ଷ ବହିର୍ବିଭାଗ, ପାଥୋଲାବ୍ ଏବଂ କଲେଜର ଅନ୍ୟ ସମସ୍ତ ଗୃହ/ସ୍ଥାନରେ ହ୍ୱିଲ୍ ଚେୟାର, ର୍ୟାମ୍ପସ୍, ଶୌଚାଳୟ ଆଦିର ସୁବିଧା ଉପଲବ୍ଧ କରାଇବା ନିମନ୍ତେ ସେ କଲେଜ୍ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ । ନାମଲେଖା ସମୟରେ ଦିବ୍ୟାଙ୍ଗମାନଙ୍କ ପାଇଁ ଥିବା ସଂରକ୍ଷଣ ନିୟମର ସଠିକ୍ ଅନୁପାଳନ ସହ ନାମଲେଖା ଫି ଓ ମେସ୍ ଚାର୍ଜ ଛାଡ଼୍, ଦିବ୍ୟାଙ୍ଗ କର୍ମଚାରୀମାନଙ୍କ ପାଇଁ ଯାତାୟତ ଭତ୍ତା ଆଦି ବିଷୟରେ ମଧ ଶ୍ରୀମତୀ ହରିଚନ୍ଦନ କଲେଜ୍ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ । ଦିବ୍ୟାଙ୍ଗ ପ୍ରାର୍ଥୀଙ୍କ ପାଇଁ ଆବେଦନର ସର୍ବାଧିକ ବୟସ କୋହଳ କରିବା ଏବଂ ଲିଖିତ ପରୀକ୍ଷା ସମୟରେ ସ୍କ୍ରାଇବ୍ ବ୍ୟବସ୍ଥା ସହ ଅଧିକ ସମୟ ଦେବା ଓ ବୃତ୍ତି ସାଙ୍ଗକୁ ଅନ୍ୟ ସୁବିଧାର ଅନୁପାଳନ ନେଇ ସେ କଲେଜ୍ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ଆଲୋଚନା ସମୟରେ ମେଡ଼ିକାଲ କଲେଜର ଡିନ୍ ତଥା ସୁପରିଟେଣ୍ଡେଣ୍ଟ ଡା. ଏଲ୍.ଏନ୍ ଦାସ, ପ୍ରଶାସନିକ ଅଧିକାରୀ ଶ୍ରୀ ଅବିନାଶ ରାଉତ, ଆକାଉଣ୍ଟସ୍ ଅଫିସର, କଟକ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

ସେହିପରି ଆୟୁକ୍ତ ଶ୍ରୀମତୀ ହରିଚନ୍ଦନ ବାଣୀବିହାରସ୍ଥିତ ଉତ୍କଳ ବିଶ୍ୱବିଦ୍ୟାଳୟରେ ପହଞ୍ଚି ଉପସ୍ଥିତ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ସହ ମିଳିତ ହୋଇଥିଲେ । ଭିନ୍ନକ୍ଷମ ଅଧିକାର ଆଇନ ୨୦୧୬ର ସଫଳ କାର୍ଯ୍ୟାନ୍ୱୟନ ସାଙ୍ଗକୁ ଶିକ୍ଷାନୁଷ୍ଠାନରେ ଦିବ୍ୟାଙ୍ଗ ବିଦ୍ୟାର୍ଥୀମାନଙ୍କ ପାଇଁ ନିର୍ଦ୍ଧାରିତ ସମସ୍ତ ସୁବିଧା ଉପଲବ୍ଧ କରିବା ଉପରେ ସେ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ବିଶ୍ୱବିଦ୍ୟାଳୟରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ତଥା କର୍ମଚାରୀମାନଙ୍କୁ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ସୁବିଧାସୁଯୋଗ ପ୍ରଦାନରେ କୌଣସି ଅବହେଳା ନ କରିବା ପାଇଁ ଆୟୁକ୍ତ ପରାମର୍ଶ ଦେଇଥିଲେ । ଦିବ୍ୟାଙ୍କ ବିଦ୍ୟାର୍ଥୀଙ୍କ ଅଭିଯୋଗ ଓ ସମସ୍ୟାର ସମାଧାନ ପାଇଁ ସ୍ୱତନ୍ତ୍ର ପ୍ରକୋଷ୍ଠ ଖୋଲିବାକୁ କହିବା ସହିତ ବିଶ୍ୱବିଦ୍ୟାଳୟରେ ଦିବ୍ୟାଙ୍ଗ ଅନୁକୂଳ ପରିସର ଓ ବାତାବରଣ ସୃଷ୍ଟି ଉପରେ ସେ ଗୁରୁତ୍ୱ ଦେଇଥିଲେ । ବୈଠକରେ ଆୟୁକ୍ତଙ୍କ କାର୍ଯ୍ୟାଳୟର ଓଏସ୍‌ଡ଼ି, ବିଶ୍ୱବିଦ୍ୟାଳୟର ବଭିନ୍ନ ଅଧିକାରୀଙ୍କ ସମେତ ଖୋର୍ଦ୍ଧା ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଏନ୍‌ଏସ୍‌ଏସ୍ ବ୍ୟୁରୋର ପ୍ରଥମ ପରାମର୍ଶଦାତା କମିଟି ବୈଠକ

ଜୟପୁର, ୨୩/୦୯ (ନି.ପ୍ର): ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ବ୍ୟୁରୋର ପ୍ରଥମ ପରାମର୍ଶଦାତା କମିଟି ବୈଠକ ସ୍ୱତନ୍ତ୍ର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା କୁଳପତିଙ୍କ ଅଧକ୍ଷତାରେ ବିଶ୍ୱବିଦ୍ୟାଳୟ ସଭାଗୃହ ରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଅଧିବେସନରେ ଭାରତ ସରକାରଙ୍କ ଜାତୀୟ ସେବା ଯୋଜନା ଆଂଚଳିକ ନିର୍ଦ୍ଦେଶକ ସୁଶ୍ରୀ ସରୀତା ପଟେଲଙ୍କ ସମେତ ସଦସ୍ୟ ଭାବରେ ବିଶ୍ୱବିଦ୍ୟାଳୟର କୁଳସଚିବ ଶ୍ରୀ ରଞ୍ଜନ ପ୍ରଧାନ,, ପିଜି କାଉନସିଲ ଅଧକ୍ଷ ଡଃ ପ୍ରଶାନ୍ତ କୁମାର ପାତ୍ର, କଣ୍ଟ୍ରୋଲର ଅଫ୍ ଫାଇନାନ୍ସ ଶ୍ରୀ ସଚିନ୍ କୁମାର ନାୟକ, ନବରଙ୍ଗପୁର ଓ କୋରାପୁଟ ଜିଲ୍ଲାର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଯଥାକ୍ରମେ ଶ୍ରୀ ବିନୋଦ ବିହାରୀ ପ୍ରଧାନ, ସୁଶାନ୍ତ କୁମାର ବେହେରା, କୋରାପୁଟ ସରକାରୀ ମହାବିଦ୍ୟାଳୟର ଅଧକ୍ଷ ଡ଼. ଦୀପକ ପଟ୍ଟନାୟକ, କିଟ୍ ବିଶ୍ୱବିଦ୍ୟାଳୟର ଡ଼ ସ୍ମୃତି ରଞ୍ଜନ ଦାଶ, ସମାଜସେବୀ ରାମନାଥ ସାହୁ, କାର୍ଯ୍ୟକ୍ରମ ଅଧିକାରୀ ଡ଼ଃ. ଅରୁଣ ରାଜ, ମଞ୍ଜୁଲତା କହଁର, ସ୍ୱେଚ୍ଛାସେବୀ ଉର୍ମିଳା ଜାନୀ, ପ୍ରଦ୍ୟୁଶ କୁମାର ଦାଶ, ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ବ୍ୟୁରୋର କାର୍ଯ୍ୟକ୍ରମ ସଂଯୋଜକ ଡ଼ଃ. ମନୋରଞ୍ଜନ ପ୍ରଧାନ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ସ୍ୱାଗତ ଭାଷଣ ସହ ବ୍ୟୁରୋ ସମ୍ବନ୍ଧରେ ବିବରଣୀ ପ୍ରଦାନ କରିଥିଲେ।ତାପରେ ଆଂଚଳିକ ନିର୍ଦ୍ଦେଶକା ସୁଶ୍ରୀ ସରୀତା ପଟେଲ ନିଜର ଅଭିଭାଷଣ ସହ ଜାତୀୟ ସେବା ଯୋଜନାକୁ ସର୍ବବ୍ୟାପୀ କରିବା ପାଇଁ ବିଭିନ୍ନ ପଦକ୍ଷେପ ନେବା ପାଇଁ ପରାମର୍ଶ ଦେଇଥିଲେ। ଓଏସ୍ ଡି ପ୍ରଫେସର ଦେବୀ ପ୍ରସାଦ ମିଶ୍ର ଜାତୀୟ ସେବା ଯୋଜନା ଜାତୀୟ ସ୍ତରରେ କିପରି ସୁନାମ ଅର୍ଜନ କରିପାରିବ ସେଥିପାଇଁ ସମସ୍ତ ପ୍ରକାର ପଦକ୍ଷେପ ନେବାପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ମତବ୍ୟକ୍ତ କରିଥିଲେ। ତାପରେ ବର୍ଷ ୨୦୨୪-୨୫ ପାଇଁ ବାର୍ଷିକ ଯୋଜନା ପ୍ରସ୍ତୁତି କରାଯାଇଥିଲା। ବୈଠକରେ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ବ୍ୟୁରୋ ଅଧିନସ୍ଥ ଏକ ଚାଳିଶିଟି କଲେଜର ୫୩ଟି ୟୁନିଟକୁ ସ୍ୱୀକୃତି ପ୍ରଦାନ କରାଯିବା ସହ ବାର୍ଷିକ ଆର୍ଥିକ ଅଟକଳ, ନୂତନ ୟୁନିଟ୍ ଖୋଲାଯିବା, କାର୍ଯ୍ୟ କରୁଥିବା ୟୁନିଟ୍ ଗୁଡ଼ିକର ସୁପରିଚାଳନା, ବୃକ୍ଷ ରୋପଣ, ରକ୍ତଦାନ ଶିବିର, ଡିଜିଟାଲ ସାକ୍ଷରତା, ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ, ପୋଷଣ ଅଭିଯାନ, ସେବାକାର୍ଯ୍ୟ ଆଦି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ବିସ୍ତୃତ ଯୋଜନା ପ୍ରସ୍ତୁତ ହୋଇଥିଲା। ବର୍ତ୍ତମାନ ଯାଏଁ ବ୍ୟୁରୋ ପାଇଁ ଆସିଥିବା ଆର୍ଥିକ ଅନୁଦାନ ବିଷୟରେ ଆଲୋଚନା ହେବା ସହ କାର୍ଯ୍ୟକ୍ରମ ଅଧିକାରୀ ମାନଙ୍କ ପ୍ରଶିକ୍ଷଣ, ସ୍ୱେଚ୍ଛାସେବୀ ମାନଙ୍କ ଦକ୍ଷତା ବିକାଶ, ଆର୍ଥିକ ପରିଚାଳନା ସମ୍ବନ୍ଧରେ ପ୍ରଶିକ୍ଷଣ, ଆଦି ଅନେକ ଗଠନମୂଳକ ପଦକ୍ଷେପ ମାଧ୍ୟମରେ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ବ୍ୟୁରୋକୁ କ୍ରିୟାଶୀଳ, ସୁଦୃଢ଼ ଓ ସୁଦକ୍ଷ କରିବା ପାଇଁ ପଦକ୍ଷେପ ନିଆଯାଇଥିଲା। ଆଂଚଳିକ ନିର୍ଦ୍ଦେଶକାଙ୍କୁ ଉପଢୌକନ ଓ ସ୍ମୃତି ଫଳକ ଦେଇ ସମ୍ମାନିତ କରାଯାଇଥିଲା। କୋରାପୁଟ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ସୁଶାନ୍ତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିବା ବେଳେ କାର୍ଯ୍ୟକ୍ରମ ସଂଯୋଜକ ଡ଼ ମନୋରଞ୍ଜନ ପ୍ରଧାନଙ୍କ ସାଙ୍ଗଠନିକ କୁଶଳତାକୁ ପ୍ରଶଂସା କରାଯାଇଥିଲା। ତାପରେ ସମସ୍ତ ସଦସ୍ୟଙ୍କ ପାଇଁ ଆୟୋଜିତ ମଧ୍ୟାହ୍ନ ଭୋଜନରେ ଅନୌପଚାରିକ ଭାବରେ ଅନେକ ବିଷୟ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମ ସଂଯୋଜକ ଡ଼. ପ୍ରଧାନ ସମସ୍ତ ଉପସ୍ଥିତ ସଦସ୍ୟସଦସ୍ୟାଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ଜାତୀୟ ସେବା ଯୋଜନାକୁ ସର୍ବବ୍ୟାପୀ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

# ଧନୁପାଲି ଦୁର୍ଗାପୂଜା ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ ଚିତ୍ରାଙ୍କନ ପ୍ରତିଯୋଗିତା

ସମ୍ବଲପୁର, ୨୩/୦୯ (ନି.ପ୍ର): ଚଳିତ ବର୍ଷ ଧନୁପାଲି ସାର୍ବଜନୀନ ଦୁର୍ଗାପୂଜା ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ ଅବସରରେ ଧନୁପାଲି ଦୁର୍ଗାପୂଜା କମିଟି ଆୟୋଜିତ ସ୍ଥାନୀୟ ଶ୍ରୀ ଗଣେଶ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ବିଦ୍ୟାଳୟ ତଥା ମହାବିଦ୍ୟାଳୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବର ଚେୟାରମେନ୍ ଅକ୍ଷୟ ମହାନ୍ତି, ଭାଇସ ଚେୟାରମେନ୍ ଉପେନ୍ଦ୍ର ମାଝୀ, ସଭାପତି ନରେନ୍ଦ୍ର ପ୍ରକାଶ ରାୟଗୁରୁ, ଉପସଭାପତି ଅନୀଲ କୁମାର ମିଶ୍ର, ସଂପାଦକ ପ୍ରମୋଦ କୁମାର ମହାପାତ୍ର, କୋଷାଧକ୍ଷ ସୁଶାନ୍ତ ପାଢ଼ୀ ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ । ପ୍ରତିଯୋଗିତାରେ ସମ୍ବଲପୁର ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟରୁ ପ୍ରାୟ ୬ ଶହରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରି ଜୁଗାର, ନଡ଼ିଆ, ମାଁ ସମଲେଶ୍ୱରୀ, ମନ୍ଦାର ଫୁଲ, ମାଁ ଦୁର୍ଗା, ଦୁର୍ଗାପୂଜାର ତୋରଣ, ଦୁର୍ଗାପୂଜା, ବିସର୍ଜନ ପ୍ରଭୃତି ବିଷୟବସ୍ତୁ ଉପରେ ସୁନ୍ଦର ଚିତ୍ର ସବୁ ଅଙ୍କନ କରିଥିଲେ । କାର୍ଯ୍ୟକ୍ରମକୁ ଧନୁପାଲି ଦୁର୍ଗାପୂଜା କମିଟିର । ସାଂସ୍କୃତିକ ସମ୍ପାଦକ ଅଶୋକ ପଟ୍ଟନାୟକ ପରିଚାଳନା କରିଥିବା ବେଳେ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

# ସ୍ୱାସ୍ଥ୍ୟ ହିଁ ସମ୍ପଦ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପକ୍ଷରୁ ମାଗଣା ଅଣ ସଂକ୍ରମଣ ସ୍ୱାସ୍ଥ୍ୟ ଶିବିର

ବଲାଙ୍ଗିର, ୨୩/୦୯ (ନି.ପ୍ର): ଆୟୁଷ୍ମାନ ଆରୋଗ୍ୟ ମନ୍ଦିର (ସହରାଂଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ) ଶାସ୍ତ୍ରୀ ନଗର ପକ୍ଷରୁ ଶାସ୍ତ୍ରୀ ନଗର ପ୍ରହରୀ ମଣ୍ଡପ ଠାରେ ସ୍ଥାନୀୟ ଯୁବ ସ୍ୱେଚ୍ଛାସେବୀ ମାନଙ୍କ ସହାୟତାରେ ଆଜି ଏକ ଅଣ ସଂକ୍ରମଣ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ସର୍ବମୋଟ୍ ଏକଶହ ସତୁରି (୧୭୦)ରୁ ଉର୍ଦ୍ଧ୍ୱ ବିଭିନ୍ନ ବର୍ଗ ର ରୋଗୀ ଯଥା ଉଚ୍ଚ ରକ୍ତ ଚାପ, ମଧୁମେହ, କେନସର, ଥାଇରଡ଼ ଜନିତ ରୋଗ ର ଚିକିତ୍ସା ଓ ପରାମର୍ଶ ଇତ୍ୟାଦି ର ସୁବିଧା ପାଇପାରିଥିଲେ । ରୋଗୀ ମାନେ ନିଜକୁ ଚିକିତ୍ସା ତଥା ସ୍ୱାସ୍ଥ୍ୟ ପରୀକ୍ଷା କରାଇ ଏଭଳି ସ୍ୱାସ୍ଥ୍ୟ ଶିବିର ଆହୁରି ଅନେକ କରିବା ପାଇଁ ବଲାଙ୍ଗିର ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଅନୁରୋଧ କରିଥିଲେ । ଏହି ସ୍ୱାସ୍ଥ୍ୟ ଶିବିରରେ ବଲାଙ୍ଗିର ଦାଇତ୍ୱରେ ଥିବା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା ଦିବ୍ୟକିଶୋର ପତିଙ୍କ ପରାମର୍ଶ କ୍ରମେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅତିରିକ୍ତ ମ୍ୟାନେଜର ରାମାନୁଜ ପଣ୍ଡା, ନେସନାଲ ପିସ ୟୁନିସନ ତଥା ସହରାଂଚଳ ସ୍ୱାସ୍ଥ୍ୟ କେନ୍ଦ୍ର ନିର୍ଦ୍ଦେଶକ ଓ ଚେୟାରମ୍ୟାନ ଶ୍ରୀ ସତ୍ୟ ରଞ୍ଜନ ମିଶ୍ର ଓ ରବି ରଞ୍ଜନ ପୂଜାରୀ, ସ୍ୱାସ୍ଥ୍ୟ କେନ୍ଦ୍ର ର ମେଡିକାଲ ଅଫିସର ଡ଼ା ସତ୍ୟ ନାରାୟଣ ସାହୁ,ଡ଼ା ଅଙ୍କିତ ପଣ୍ଡା, ଡ଼ା ଅର୍ଜିତ ମହାନ୍ତି,ଏହି ଶିବିରକୁ ଏକ ସଫଳ ଚିକିତ୍ସା ଶିବିର ବୋଲି ଓ ସ୍ୱାସ୍ଥ୍ୟ ହିଁ ସମ୍ପଦ ଏହି ବିଷୟ ବସ୍ତୁ ଉପରେ ମତବ୍ୟକ୍ତ କରିଥିଲେ କ୍ଷଉପରୋକ୍ତ ସହରାଂଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଇପ୍ସିତା ମହାନ୍ତି (ଫିଜିଓଥରାପିଷ୍ଟ) ନମ୍ରତା ମିଶ୍ର (ନିଉଟ୍ରିସନାଲିଷ୍ଟ ) ଖୁସିରାମ ସୁନା, ରୋନି ବରଗତି, ଜୁଲି ତାଣ୍ଡି, ଅସିତ ଆନନ୍ଦ, ବିରୁପାକ୍ଷ ଥନାପତି, ବିପିନ ବିହାରୀ ସେଟ, ଅଞ୍ଜଳି ନାଗ, ନିକୁଞ୍ଜ ପଟେଲ, ଦୀପାଞ୍ଜଳି ଖମାରି ଆଶା ଦିଦି, ମଣିଭଦ୍ର ବେହେରା,ଇତ୍ୟାଦି ସଭ୍ୟ ସଭ୍ୟା ଯୋଗଦାନ କରି ସ୍ୱାସ୍ଥ୍ୟ ଶିବିରକୁ ପରିଚାଳନା କରାଇଥିବା ବେଳେ ସାମାଜିକ କର୍ମୀ ସୁଶୋଭିତା ଗୁରୁ ସଭ୍ୟଗଣ ଓ ଅନ୍ୟ ସ୍ଥାନୀୟ ଯୁବକ ସଂଘ ସଭ୍ୟ ଗଣ ଗଙ୍ଗାଧର ମାଝୀ, ରାଧେଶ୍ୟାମ ବିଶି,ଶ୍ରୀ ଚମ୍ପେ ଦୋରା, ଦେବାଶିଷ ଲେଙ୍କା ଇତ୍ୟାଦି ଏହି ଶିବିର କୁ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।

# ଡାକ୍ତର ହେବେ ସ୍ୱାଭିମାନ ଅଂଚଳର ସୁନା ଝିଅ ଅଙ୍କିତା

ମାଲକାନଗିରି, ୨୩/୦୯ (ନି.ପ୍ର): ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଂଚଳର ସୁନା ଝିଅ ଅଙ୍କିତା ବେହେରା। ଚିତ୍ରକୋଣ୍ଡା ବ୍ଲକ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଆଜିବି ପଛୁଆ ଏଭଳି କ୍ଷେତ୍ରରେ ଅଙ୍କିତା ଡାକ୍ତରୀ ପାଇବା ଆଶ୍ଚର୍ଯ୍ୟ ଓ ଖୁସିର କଥା। ସେ ଅଲ ଇଣ୍ଡିଆ ନିଟ ରେଙ୍କ୯୫୪୨୧ ଏବଂ ଷ୍ଟେଟ ରେଙ୍କ ରେ ୨୭୬୫ ପାଇଛନ୍ତି। ବର୍ତ୍ତମାନ ସେ ଦ୍ୱିତୀୟ ସିଲେକ୍ସନ ହୋଇ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଡାକ୍ତରୀରେ ପାଠ ପଢିବେ। ଅକ୍ଲାନ୍ତ ପରିଶ୍ରମ କରି ସେ ଏପରି କୃତିତ୍ୱ ହାସଲ କରିଛନ୍ତି। ରବୀନ୍ଦ୍ର କୁମାର ବେହେରା ଓ ଶ୍ରୀମତୀ ସୁମତି ବେହେରାଙ୍କ ତୃତୀୟ କନ୍ୟା ଅଙ୍କିତା । ବାପା ଶିକ୍ଷକ ଓ ମାଆ ଗୃହଣୀ। ଅଙ୍କିତା ପ୍ରାଥମିକ ଶିକ୍ଷା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଥମରୁ ପଂଚମ ଯାଏଁ ପଢିଥିଲେ। ନବୋଦୟରେ ଷଷ୍ଠରୁ ଯୁକ୍ତ ଦୁଇ ଯାଏଁ ପଢିଥିଲେ। ତାପରେ ଦ୍ୱିତୀୟ ଥରରେ ନିଟ ରେ କୃତିତ୍ୱ ହାସଲ କରିଛନ୍ତି।ଅଙ୍କିତା ପ୍ରଥମେ ମାନବ ସେବା ତତସହିତ ସ୍ୱାସ୍ଥ୍ୟ କ୍ଷେତ୍ରରେ ଆମର ଅଂଚଳରେ ବିଶେଷ ସୁବିଧା ନଥିବାରୁ ଡାକ୍ତରୀ ହେବାକୁ ଇଚ୍ଛା ଜାଗ୍ରତ ହୋଇଥିଲା ବୋଲି କହିଛନ୍ତି। ଅଙ୍କିତା ବେହେରାଙ୍କ ସଫଳତା ପାଇଁ ପରିବାର ଠାରୁ ଆରମ୍ଭ କରି ସମଗ୍ର ସ୍ୱାଭିମାନ ଅଂଚଳରେ ଖୁସିର ଲହର ଖେଳି ଯାଇଛି।

# ଖାଦ୍ୟ ଅନ୍ୱେଷଣରେ ସହର ମୁହାଁ ଅଜଗର

ମାଲକାନଗିରି, ୨୩/୦୯ (ନି.ପ୍ର): ମାଲକାନଗିରି ସହରର ଇଣ୍ଡେନ ଗ୍ୟାସ ଡିପୋ ନିକଟରେ ଥିବା ଏକ ଟ୍ରକ୍ ଭିତରୁ ବିରାଟ ଅଜଗର ଉଦ୍ଧାର ହୋଇଛି। ଜଙ୍ଗଲରେ ଖାଦ୍ୟର ଅଭାବ ଯୋଗୁଁ ଖାଦ୍ୟ ଅନ୍ୱେଷଣରେ ସହର ଭିତରେ ପଶି ଆସୁଛନ୍ତି ଅଜଗର। ସ୍ଥାନୀୟ ଲୋକେ ଅଜଗରକୁ ଦେଖି ଭୟଭୀତ ହୋଇଯାଇଥିଲେ। ତୁରନ୍ତ ସ୍ନେକ ହେଲ୍ପ ଲାଇନକୁ ଖବର ଦେଇଥିଲେ। ପରେ ସ୍ନେକ ହେଲ୍ପ ଲାଇନର ସଦସ୍ୟ ବି.ବିଭୁତି ଭୂଷଣ ଓ ଶରତ ନାୟକ ଘଟଣାସ୍ଥଳରେ ପହଂଚି ଅଜଗରକୁ ଉଦ୍ଧାର କରିଥିଲେ। ପରେ ବନବିଭାଗକୁ ସାପଟିକୁ ହସ୍ତାନ୍ତର କରିଥିଲେ।ସେହିପରି ଏମଭି ୪୩ ଗ୍ରାମରୁ ଗୋଟିଏ ଏବଂ ମାଲକାନଗିରି ସହର ଭିତରୁ ଗୋଟିଏ ନାଗସାପ ଉଦ୍ଧାର କରି ବନ ବିଭାଗକୁ ହସ୍ତାନ୍ତର କରାଯାଇଛି। ବନବିଭାଗ ପକ୍ଷରୁ ସମସ୍ତ ସାପଗୁଡ଼ିକର ସ୍ୱାସ୍ଥ୍ୟବସ୍ଥା ପରୀକ୍ଷା କରେଇବା ପରେ ନିକଟସ୍ଥ ଜଙ୍ଗଲରେ ସାପ ୩ଟିକୁ ଛାଡ଼ି ଦେଇଥିବା ଜଣାପଡ଼ିଛି। ଅଜଗର ସାପଟିର ଓଜନ ୧୦ ରୁ ୧୨ କିଲୋ ଭିତରେ ଥିବାବେଳେ ୯ ଫୁଟ ଲମ୍ବା ରହିଛି। ଡିଏଫଓ ପ୍ରତାପ କତାପାଲି ଏବଂ ଏସିଏଫ ମୁନଶୁନ ଖେମୁଡୁଙ୍କ ଉପସ୍ଥିତିରେ ସାପ ଗୁଡ଼ିକୁ ଜଙ୍ଗଲରେ ଛଡ଼ା ଯାଇଥିବା ଜଣାପଡିଛି। ପ୍ରତିବର୍ଷ ବର୍ଷା ଦିନେ ଅଜଗର ଖାଦ୍ୟ ଅନ୍ୱେଷଣରେ ଗାଁ ଓ ସହର ମୁହାଁ ହୋଇଥାନ୍ତି। ଚଳିତ ବର୍ଷ ମଧ ଜିଲ୍ଲାର ବିଭିନ୍ନ ଜାଗାରେ ଅଜଗର ପଶି କୁକୁଡ଼ା ଖାଇବାର ନଜିର ରହିଛି। ଆଜି ସୁଦ୍ଧା ୧୦୦ରୁ ଉର୍ଦ୍ଧ୍ୱ ଅଜଗର ଗାଁ ଓ ସହର ମୁହାଁ ହୋଇସାରିଲେଣି। କିନ୍ତୁ, କୌଣସି ଲୋକଙ୍କ ଉପରେ ଆକ୍ରମଣ କରିଥିବା ନଜିର ନାହିଁ। ତେବେ ବିଭିନ୍ନ ସମୟରେ ଛୋଟ ଛୋଟ ପିଲାଙ୍କୁ ନେଇ ଲୋକେ ଭୟଭୀତ ରହିଥାନ୍ତି।

# ଜିଲ୍ଲା ସ୍ତରୀୟ ଅଧିକାରୀଙ୍କୁ ଦଶହରା ଭେଟି ପ୍ରଦାନ ନିମନ୍ତେ ଅନୁରୋଧ କଲା ସଂଘ

ଜୟପୁର, ୨୩/୦୯ (ନି.ପ୍ର): ଓଡ଼ିଶା ଅମଲା ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଜୟପୁର ଯାଦବ ଭବନ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଶଶୀ ଭୂଷଣ ଦାଶ ସଭାପତି ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖାଙ୍କ ଆହ୍ୱାନ କ୍ରମେ ବିଭିନ୍ନ ବିଭାଗରେ କାର୍ଯ୍ୟରତ ଅମଲା ମାନେ ଯୋଗଦାନ କରିଥିଲେ । ବୈଠକରେ ଜିଲ୍ଲା ସ୍ତରୀୟ ଅମଲା ମାନଙ୍କ ନ୍ୟାର୍ଯ୍ୟ ଦାବି ଉପରେ ସମସ୍ତ ଅମଲା ସେମାନଙ୍କ ମତାମତ ପ୍ରଦାନ କରିଥିଲେ ଏଥିରେ ମୁଖ୍ୟତଃ ଅମଲା ମାନେ ପଦନ୍ନତି ପାଇବାରୁ ବଂଚିତ ହେଉଥିବା ନେଇ ସମସ୍ତ ଅମଲା ଅସନ୍ତୋଷ ବ୍ୟକ୍ତ କରିଥିଲେ । ବିଗତ ଦୁଇ ମାସ ମଧ୍ୟରେ ରାଜସ୍ୱ ବିଭାଗ ର ଅଧିକାରୀ ମାନେ ୩ ଥର ଅମଲା ମାନଙ୍କ ପଦନ୍ନତି ଦେଇଥିବା ବେଳେ ଅନ୍ୟ ବିଭାଗର ଅଧିକାରୀ ମାନଙ୍କ କ୍ଷେତ୍ରରେ ଏହା ଶିତଳ ପଡ଼ିଯାଇଥିବାକୁ ନେଇ ବିଭିନ୍ନ ବିଭାଗର ଅମଲା ମାନେ ପ୍ରଶ୍ନ ଉଠାଇଥିଲେ । ବିଶେଷ କରି ଶିକ୍ଷା ବିଭାଗର ଅମଲା ମାନେ ଦୀର୍ଘ ଦିନ ଧରି ପଦନ୍ନତି ପାଇବାରୁ ବଂଚିତ ହୋଇଛନ୍ତି ସେମାନେ ଗୋଟିଏ ପଦବୀ ଦୀର୍ଘ ୨୭ ରୁ ୨୮ ବର୍ଷ ରହିବା ପରେ ଯେତେବେଳେ ପଦବୀ ଗୁଡିକ ଖାଲି ହେଲା ଆଉ ସେମାନେ ପଦନ୍ନତି ପାଇବା ପାଇଁ ଯୋଗ୍ୟ ହେଲେ ସେହି ସମୟରେ ମଧ ତାଙ୍କର ପଦନ୍ନତି ଦେବା ରେ ବିଳମ୍ବ ହେଉଥିବା କିଛି ଅମଲା ପ୍ରଶ୍ନ କରିଥିବା ସହିତ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଦରକାର ସ୍ଥଳେ ପଦନ୍ନତି ଦେବା ବଦଳରେ କର୍ମାନ୍ତର ପ୍ରେରଣ ( ଡେପୁଟସନ) ହେଉଥିବା କିଛି ଅମଲା ପ୍ରକାଶ କରିଥିଲେ, ଶ୍ରୀ ଦାଶ୍ ସଭାପତି ଏ ନେଇ ବାରମ୍ବାର ଅଧିକାରୀଙ୍କୁ ଚିଠି ଲେଖିବା ସହିତ ରାଜ୍ୟ ସଂଘ ମଧ ପତ୍ର ମାଧମରେ ଅଧିକାରୀ ଙ୍କ ଦୃଷ୍ଟି ଆକର୍ଷଣ କରିଥିବା କଥା ପ୍ରକାଶ କରିଥିଲେ । ସମସ୍ତ ଗଣମାଧମ ପ୍ରତିନିଧିଙ୍କ ଜରିଆରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଙ୍କୁ ଓଡ଼ିଶା ଅମଲା ସଂଘ ଅମଲା ମାନଙ୍କୁ ପଦୋନ୍ନତି ମାଧମରେ ଦସହରା ଭେଟି ପ୍ରଦାନ କରିବା ପାଇଁ ଅନୁରୋଧ କରିଥିଲେ ଓ ଅତିଶିଘ୍ର ଏ ନେଇ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ମାନଙ୍କୁ ପତ୍ର ମାଧମରେ ଅବଗତ କରାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଯେତେ ବେଳେ ଜିଲ୍ଲାପାଳ ମହୋଦୟ କୋରାପୁଟ ତଥା ପଦନ୍ନତି ଅଧକ୍ଷ ପଦନ୍ନତି ଦେବା ନିମନ୍ତେ ତତ୍ପର ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଅମଲା ମାନଙ୍କୁ ପଦନ୍ନତି ଦେବା ନିମନ୍ତେ ପ୍ରସ୍ତାବ ଜିଲ୍ଲାପାଳ କୋରାପୁଟଙ୍କ ନିକଟରେ ଦାଖଲ କରିବା ପାଇଁ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି ବୋଲି ଉପସ୍ଥିତ ଅମଲା ପ୍ରଶ୍ନ କରିଥିଲେ । ଶଶୀ ଭୂଷଣ ଦାଶ୍ ସଭାପତି ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ସଭାପତିତ୍ୱ କରିଥିଲା ବେଳେ ସଞ୍ଜୟ କୁମାର ପଣ୍ଡା ସମ୍ପାଦକ ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା କେ ସୁବାସ ଚନ୍ଦ୍ର ଆଚାରି, ସାଙ୍ଗଠନିକ ସମ୍ପାଦକ ଜୟନ୍ତ କୁମାର ସାହୁ ପୂର୍ବତନ ଉପ ସଭାପତି, ଶ୍ରୀ ଜଗେନ୍ଦ୍ର ଚୌଧୁରୀ ମୁଖ୍ୟ ଉପଦେଷ୍ଟା ଜୟପୁର ଉପଖଣ୍ଡ ଅମଲା ସଂଘ ମଂଚାସିନ ହୋଇଥିବା ବେଳେ କାଳି ପ୍ରସାଦ ମିଶ୍ର, ସଞ୍ଜୟ କୁମାର ରଥ, ପ୍ରସାନ୍ତ କୁମାର ଭଟ୍ଟ, ବାଳ ଗୋପାଳ ମିଶ୍ର ଓ ସୁଜାତା ମହାପାତ୍ରଙ୍କ ସମେତ ବହୁ ବରିଷ୍ଠ ସଦସ୍ୟ ଯୋଗଦାନ କରିଥିଲେ । ପରିଶେଷରେ ଶ୍ରୀ ଦାଶ୍ ସଭାପତି ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ସମସ୍ତ ଉପସ୍ଥିତ ସଦସ୍ୟ ମାନଙ୍କୁ ଧନ୍ୟବାଦ୍ ଅର୍ପଣ କରିବା ସହିତ ସଭା ସାଙ୍ଗ କରିଥିଲେ ।

# ବିଦ୍ୟାଳୟ ପରିଚ୍ଛନ୍ନତା ତାଲିମ ଶିବିର

ଜୟପୁର, ୨୩/୦୯ (ନି.ପ୍ର): ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ବ୍ୟବହାରିକ ପରିବର୍ତ୍ତନ ସକାଶେ ଉଭୟ ଶିକ୍ଷା ବିଭାଗ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନେ ମିଳିତ ପ୍ରୟାସ ଜାରି ରଖିବା ପାଇଁ କୋରାପୁଟ ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ଜାନୀ ମତ ରଖିଛନ୍ତି। କୋରାପୁଟ ସରକାରୀ ବାଳିକା ବିଦ୍ୟାଳୟ ପରିସରରେ ୫୦ଟି ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟତ୍ରୀମାନଙ୍କୁ ବିଦ୍ୟାଳୟ ପରିଚ୍ଛନ୍ନତାକୁ ନେଇ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅମର ଜ୍ୟୋତି ଯୁବକ ସଂଘ ପକ୍ଷରୁ ଆୟୋଜିତ ତାଲିମ ଶିବିରରେ କୋରାପୁଟ ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ଜାନୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଋତୁସ୍ରାବ ସମ୍ବନ୍ଧୀୟ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେବାକୁ ସେ କହିଛନ୍ତି। ଅତିରିକ୍ତ ଶିକ୍ଷା ଅଧିକାରୀ ଶିବ ପ୍ରସାଦ ରଥ ଓ ପ୍ରଧାନଶିକ୍ଷୟତ୍ରୀ ସଙ୍ଗୀତା କୁମାରୀ ସାହୁ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟରେ ପରିଚ୍ଛନ୍ନତାକୁ ନେଇ ଆଲୋକପାତ କରିଥିଲେ। ଅମର ଜ୍ୟୋତି ଯୁବକ ସଂଘର ଲକ୍ଷ୍ମୀ ପଣ୍ଡା, ରୀନା ପ୍ରଧାନ, ଲେଖାରାମ କର୍ଣ୍ଣ ପ୍ରମୁଖ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ।

# ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇବା ଅପେକ୍ଷାରେ ସପ୍ତଧାରା

ମାଲକାନଗିରି, ୨୩/୦୯ (ନି.ପ୍ର): ମାଲକାନଗିରି ଜିଲ୍ଲା ପ୍ରବେଶପଥ ଗୋବିନ୍ଦପାଲ୍ଲୀ ଘାଟିରେ କୁଳୁ କୁଳୁ ନାଦରେ ପାହାଡର ବୁକୁ ଚିରି ବୋହି ଯାଇଥିବା ଚିରସ୍ରୋତା ସପ୍ତାଧାରା ନଦୀ ଏବେ ଖୋଜୁଛି ନିଜ ପରିଚୟ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଗ୍ରହ ଥିବା ସତ୍ୱେ ପର୍ଯ୍ୟଟନସ୍ଥଳୀ ମାନ୍ୟତରୁ ବଂଚିତ ସପ୍ତଧାରା। ନବୀନ ସରକାରଙ୍କ ୫ ବର୍ଷ ସରିଗଲା ହେଲେ ବି ସପ୍ତଧାରା ପର୍ଯ୍ୟଟନ ମାନଚିତ୍ରରେ ନିଜର ଜାଗା ବନେଇ ପାରିଲା ନାହିଁ। ଏଥିପାଇଁ ଦାୟୀ କିଏ ? ନିଜେ ପୂର୍ବତନ ମୁଖ୍ୟମନ୍ତ୍ରୀ ନା ପୂର୍ବତନ ଚିତ୍ରକୋଣ୍ଡା ବିଧାୟକ। ଏଠାରେ ଉଲ୍ଲେଖଯୋଗ୍ୟ, ୨୦୧୯ ମସିହାରେ ଏକ କାର୍ଯ୍ୟକ୍ରମରେ ଯୋଗଦେବା ନିମନ୍ତେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହେଲିକେପ୍ଟରରେ ମାଲକାନଗିରି ଜିଲ୍ଲାକୁ ଆସିଥିଲେ। କାର୍ଯ୍ୟକ୍ରମ ସାରି ଫେରୁଥିବା ସମୟରେ ତାଙ୍କର ନଜର ପଡିଥିଲା ଗୋବିନ୍ଦପାଲି ପାଖରେ ଥିବା ସପ୍ତଧାରା ନଦୀ ଉପରେ। ସପ୍ତଧାରା ନଦୀର ମନୋରୋମ ଦୃଶ୍ୟକୁ ଆକାଶ ମାର୍ଗରୁ ନିରୀକ୍ଷଣ କରି ମନମୁଗ୍ଧ ହୋଇଯାଇଥିଲେ ସେ ଏବଂ କିଛି ଫଟୋ ନେଇ ଟୁଇଟ୍ କରିଥିଲେ। ତାକୁ ନେଇ ବିଭିନ୍ନ ପ୍ରକାର କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା ଯେ, ପର୍ଯ୍ୟଟନ ବିକାଶ କ୍ଷେତ୍ରରେ ଓଡିଶା ସରକାର ସପ୍ତଧାରାକୁ ପର୍ଯ୍ୟଟନସ୍ଥଳୀ କରିବେ ବୋଲି। ମାଲକାନଗିରି ଜିଲ୍ଲାରେ ଖୁସିର ଲହରୀ ଖେଳି ଯାଇଥିଲା, କିନ୍ତୁ ଇତିମଧରେ ୫ ବର୍ଷ ବିତି ଯାଇଥିଲେ ସୁଦ୍ଧା ପୂର୍ବ ସରକାର କିମ୍ବା ବର୍ତ୍ତମାନର ସରକାର ଏନେଇ କୌଣସି ପଦକ୍ଷେପ ନେଇନାହାଁନ୍ତି। ଏଠାରେ ଅନେକ ସମୟରେ ପର୍ଯ୍ୟଟକ ମାନେ ଆସନ୍ତି ଏବଂ ଭୋଜି ଭାତର ଆସର ଜମିଥାଏ। ଯାତ୍ରୀମାନେ ମଧ ଗାଡି ରଖି କିଛି ସମୟ ଏହି ପର୍ଯ୍ୟଟନସ୍ଥଳୀରେ ବୁଲାବୁଲି କରିବା ସହ ସପ୍ତଧାରା ନଦୀର ସୌନ୍ଦର୍ଯ୍ୟ ଉପଭୋଗ କରିଥାନ୍ତି। ଯଦି ଏହି ଜାଗାର ଉନ୍ନତି ପ୍ରକୃତରେ ପର୍ଯ୍ୟଟନର ବିକାଶ ପାଇଁ କରାଯାଇଥାନ୍ତା ତାହେଲେ ଆଖପାଖ ରାଜ୍ୟର ଲୋକ ବି ଏଠାକୁ ଆସିପାରନ୍ତେ ଏବଂ ଏଠାକାର ବ୍ୟବସାୟ ଉପରେ ବହୁତ ଭଲ ପ୍ରଭାବ ପଡନ୍ତା। ସପ୍ତଧାରା ଆଜି ପର୍ଯ୍ୟନ୍ତ ପର୍ଯ୍ୟଟନ ମାନଚିତ୍ରରେ ନିଜର ଜାଗା ବନେଇ ପାରିଲା ନାହିଁ। ତେବେ ଦେଖିବାକୁ ବାକି ରହିଲା ବର୍ତମାନର ମୋହନ ସରକାର ଆଗାମୀ ଦିନରେ ସପ୍ତଧାରାକୁ ଏକ ପର୍ଯ୍ୟଟନ ସ୍ଥଳିର ମାନ୍ୟତା ଦେଉଛନ୍ତି କି ନାହିଁ ।

# ରାଉରକେଲାରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ପ୍ରଭାବିତ

ରାଉରକେଲା, ୨୩/୦୯ (ନି.ପ୍ର): ପୂର୍ବ ସରକାର ଘୋଷଣା କରିଦେଲେ, କାଗଜପତ୍ର କିଛି ମଧ କରିଦେଲେ, ହେଲେ ରାଉରକେଲାକୁ ସହରାଂଚଳ ଶିକ୍ଷା ଜିଲ୍ଲା ଘୋଷଣା କଲେନି କି ବିଶ୍ରା ବ୍ଲକ ଶିକ୍ଷା ବ୍ୟବସ୍ଥା ଥଳ କୂଳ ଏଯାଏ ପାଇଲା ନାହିଁ, ଫଳରେ ରାଉରକେଲା ଓ ବିଶ୍ରାରେ ଶିକ୍ଷା ବ୍ୟବସ୍ଥା ଭୀଷଣ ଆକାରରେ ପ୍ରଭାବିତ ହେବା ସହ ଉଭୟ ଛାତ୍ରଛାତ୍ରୀ ଓ ଶିକ୍ଷକ ମାନେ ନାନା ସମସ୍ୟା ଦେଇ ଗତି କରୁଛନ୍ତି । ରାଉରକେଲାରେ ଚାଲିଥିବା ବିଶ୍ରା ବିଇଓ ଅଫିସକୁ ବିଶ୍ରାକୁ ଉଠାଇ ନେଇ ସେଠାରେ ଚଳାଇବା, ରାଉରକେଲାରେ ମହାନଗର ଶିକ୍ଷା ବିଭାଗ ଅଫିସ ରାଉରକେଲାରେ ଖୋଲିବା ନେଇ ପୂର୍ବ ସରକାରରେ ବିଭାଗୀୟ ମନ୍ତ୍ରୀ ସମିର ଦାଶ (ଆଜି କାଲି ବିଜେପିରେ) ପ୍ରତିଶୃତି ଦେଲେ, ହେଲେ ଏହା ଭିତରେ ସରକାର ଯାଇ ନୂଆ ସରକାର ହେଲା କିନ୍ତୁ କଥା କେବଳ ଘୋଷଣାରେ ରହିଲା, କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଫଳରେ ନାନା ସମସ୍ୟା ରାଉରକେଲା ଓ ବିଶ୍ରା ଶିକ୍ଷା ଅଁଚଳରେ ଦେଖାଯାଇଛି । ବଡ କଥା ହେଲା ରାଉରକଜେଲାକୁ ଏତେ ଅବହେଳା ଯେ, ଜଣେ ଶିକ୍ଷାଧିକାରୀ ନିୟମିତ ଭାବେ ଦିଆଯାଇପାରୁନି ଅନ୍ୟ ଅଁଚଳର ବିଇଓ ରାଉରକେଲା ଦାୟିତ୍ୱରେ ରହୁଛନ୍ତି । ରାଉରକେଲା ବିଶ୍ରା ଅଁଚଳରେ ଥିବା କିଛି ପ୍ରାଥମିକ ବିଦ୍ୟାଳୟକୁ ହାଇସ୍କୁଲ ସହ ମିଶାଇ ଦିଆଯାଇଛି, ସେଠାରେ ପ୍ରାଥମିକ ବିଦ୍ୟାଳୟରେ ପିଲା ସଂଖ୍ୟା କମ ଥିବା ବେଳେ ଶିକ୍ଷକ ସଂଖ୍ୟା ମଧ କମ ରହିଛି, ଏସବୁକୁ ନିକଟ ପ୍ରାଥମିକ ବିଦ୍ୟାଳୟରେ ମିଶାଇ ଦେବା କଥା କିନ୍ତୁ ତାହା କରାଗଲାନି। ସେହି ଯାଗାରେ ଥିବା ହାଇସ୍କୁଲ ଶିକ୍ଷକ ମାନେ ମଧ ପ୍ରାଥମିକ ପିଲାଙ୍କୁ ପଢାଇବାକୁ ନାରାଜ। ଏହାଦ୍ୱାରା ୫ଟି ଶ୍ରେଣୀର ପିଲାଙ୍କୁ ଗୋଟିଏ ଯାଗାରେ ବସାଇ ଜଗିବା ଛଡା ଶିକ୍ଷକ ମାନେ କିଛି କରିବା ସମ୍ଭବ ହେଉନାହିଁ । ଉଦାହରଣ ସ୍ୱରୁପ ରାଉରକେଲା ମହାନଗର ନିଗମ ଅଁଚଳର ପାନପୋଷ ହାଟ ନିକଟରେ ଥିବା ଏକ ବିଦ୍ୟାଳୟରେ ମୋଟ ୪୫ ପିଲା ଓ ଶିକ୍ଷକ ୨ ଜଣ, ଛେଣ୍ଡ ବିଶ୍ରାମୁଣ୍ଡା ବିଦ୍ୟାଳୟ ହାଇସ୍କୁଲ ସହ ମିଶିଛି ଏଠାରେ ମୋଟ ୬୩ ପିଲା ଶିକ୍ଷକ ୨ । ଏଭଳି ସ୍ଥିତି ରାଉରକେଲା ବିଶ୍ରାରେ ଅନେକ ଯାଗାରେ ରହିଛି । ରାଉରକେଲାକୁ ମହାନଗର ଶିକ୍ଷା ଜିଲ୍ଲା କରାଯାଇ ଏଠାରେ ଜଣେ ବିଇଓ ପଦବୀ ଅଧିକାରୀଙ୍କୁ ରଖାଯାଇ ବିଶ୍ରାକୁ ଅଲଗା କରାଯାଇ ସେଠାରେ ଜଣକୁ ରଖାଗଲେ ସେମାନେ ସ୍ୱତନ୍ତ୍ର ଭାବେ କାମ କରି କଣ କରାଗଲେ ଶିକ୍ଷା ବ୍ୟବସ୍ଥା ଅଧିକ ସୁଦୃଢ଼ ହୋଇପାରିବ ସେନେଇ ଯତ୍ନବାନ ହୋପାରନ୍ତେ, କିନ୍ତୁ ସରକାର ଗଲେ କିଛି ହେଲାନି ଏ ସରକାର ମଧ ଚୁପ । ଏହି ଦାବିକୁ ଯୋରଦାର କରିଥିବା ତତକାଳିନ ବିଧାୟକ ଶଙ୍କର ଓରାମ ମଧ ନିର୍ବାଚନରେ ହାରି ଘରେ ବସିଛନ୍ତି କିନ୍ତୁ ସବୁ କଥା କଥାରେ ରହିଗଲା ଓ ବିଶ୍ରା ବିଇଓ ଅଫିସ ପୁଣି ସେହି ରାଉରକେଲାରେ ଚାଲିଲା। ବିଶ୍ରା ଠାରେ ଖୋଲିଥିବା ଅଫିସରେ ତାଲା କିନ୍ତୁ ଶଙ୍କର ବାବୁ ମଧ ନୀରବ । ଏସବୁ ସମସ୍ୟାକୁ ସିଆରସିସି ମାନେ ଦେଖୁଛନ୍ତି ରିପୋର୍ଟ ମଧ କରୁଛନ୍ତି, ଜିଲ୍ଲା ଶିକ୍ଷାଧିକାରୀ ମଧ ଜାଣୁଛନ୍ତି କିନ୍ତୁ ସରକାର ଲୋକ ପ୍ରତିନିଧି ମାନେ ଯଦି ତତ୍ପର ନହେବେ ତେବେ ଏମାନେ ବି କରିବେ ଜଣ ବୋଲି କୁହାଯାଉଛି । ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ଶିକ୍ଷକ ଅଭାବ ଗୋଟାଏ ବଡ ସମସ୍ୟା, ତା ଭିତରେ ଯଦି ଏଭଳି ସମସ୍ୟା ରହିବ ହାଇସ୍କୁଲ ଗୁଡିକ ସହଯୋଗ କରିବେ ନାହିଁ, ସେ ନେଇ ଜିଲ୍ଲା ପ୍ରଶାସନ ନିରବ ରହିବ, ପିଲାଙ୍କ ସମସ୍ୟା ସାଙ୍ଗକୁ ଶିକ୍ଷକ ମାନଙ୍କର ସମସ୍ୟା ବର୍ଷ ବର୍ଷ ଧରି ପଡି ରହିବ, ରାଜ୍ୟ ବିଭାଗୀୟ ମନ୍ତ୍ରୀ ଜାଣିବେ ନାହିଁ; ତେବେ ଶିକ୍ଷାର ଉନ୍ନତି କରିବା କେବଳ ଭାଷଣ ଭିତରେ ସିମୀତ ସିନା ରହିବ, ବାସ୍ତବରେ ଏହା ସ୍ୱପ୍ନ ହେବ ଓ ପଢୁଥିବା ପିଲା ଓ ତାଙ୍କ ପରିବାର କ୍ଷତିଗ୍ରସ୍ତ ହେବେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

# ସାପ କାମୁଡ଼ାରେ ବାଳିକା ମୃତ

ସମ୍ବଲପୁର, ୨୩/୦୯ (ନି.ପ୍ର): ସାପ କାମୁଡ଼ାରେ ଗୁରୁତର ଆହତ ଜନୈକା କିଶୋରୀ ବାଳିକାର ଗତକାଲି ଚିକିତ୍ସାଧୀନ ସମୟରେ ବୁର୍ଲା ଭୀମସାର ଠାରେ ମୃତ୍ୟୁ ଘଟିଛି। ଘଟଣା ଘଟିଛି ଜୁଯୋମୁରା ବ୍ଲକ ଡ଼ଙ୍ଗରପଡା ପଞ୍ଚାୟତ ତୁଷାରକଂଟା ଗାଁର ୧୯ ବର୍ଷୀୟା ସନାରତୀ ମୁଣ୍ଡା ରାତିରେ ଶୋଇଥିବା ସମୟରେ ଏକ ଚିତି ସାପ ତାଙ୍କୁ କାମୁଡି ଦେଇଥିଲା। ଘଟଣା ସମ୍ପର୍କରେ ଜାଣିପାରି ପରିବାର ଲୋକେ ତୁରନ୍ତ ବୁର୍ଲା ର ଭୀମସାର ମେଡିକାଲକୁ ଚିକିତ୍ସା ପାଇଁ ନେଇଥିଲେ।

# ଲକ୍ଷ୍ମୀ ବାସନ୍ତୀ ମୂକ ଓ ବଧିର ସ୍ୱତନ୍ତ୍ର ଆବାସିକ ବିଦ୍ୟାଳୟରେ ବିଶ୍ୱ ସାଙ୍କେତିକ ଭାଷା ଦିବସ

ବସ୍ତା , ୨୩/୯ (ନି.ପ୍ର): ସୋମବାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆଶା ଦ୍ୱାରା ପରିଚାଳିତ ଲକ୍ଷ୍ମୀ ବାସନ୍ତୀ ସ୍ୱତନ୍ତ୍ର ମୂକ ଓ ବଧିର ଆବାସିକ ବିଦ୍ୟାଳୟ, ଏଲିନା ଏଲିଶା ମାନସିକ ଅନଗ୍ରସର ବିଦ୍ୟାଳୟ ଏବଂ ଆଶା ଫିଜିଓ ଥେରାପି ସେଣ୍ଟରରେ ବିଶ୍ୱ ସାଙ୍କେତିକ ଭାଷା ଦିବସ ପାଳିତ ହୋଇଯାଇଛି । ଆଶା ର ପ୍ରତିଷ୍ଠାତା, ସମ୍ପାଦକ, ଯୁବ ସମାଜ ସେବୀ ଏବଂ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ଅମର କୁମାର ପାଳ ପୌରହିତ୍ୟ କରିବା ସହିତ ପୂର୍ବତନ ସମ୍ପାଦିକା ଶ୍ରୀମତୀ ମଞ୍ଜୁବତୀ ବିଶ୍ୱାଳ ମଧ ଉପସ୍ଥିତ ଥିଲେ । ଶ୍ରୀଯୁକ୍ତ ପାଳ ବିଶ୍ୱ



ସାଙ୍କେତିକ ଭାଷା ଦିବସ ପାଳନର ମହତ୍ତ୍ୱ ତଥା ସଙ୍କେତ ହିଁ ହେଉଛି ଭାବ ଆଦାନ ପ୍ରଦାନ କରିବାର ମୂଖ୍ୟ ଉପାଦେୟ ପାଳନର ଗୁରୁତ୍ୱ ବାବଦରେ ଶ୍ରୀମତୀ ମଞ୍ଜୁବତୀ ବିଶ୍ୱାଳ ମଧ ବକ୍ତବ୍ୟ ରଖିଥିଲେ । ଅନୁଷ୍ଠାନର ଶିକ୍ଷକ ଶ୍ରୀଯୁକ୍ତ ଅରୁଣ କୁମାର ଦାସ, ଚନ୍ଦନ କୁମାର ବିଶ୍ୱାଳ, ନିର୍ମଳା ବାସିନୀ ସେନାପତୀ, ସ୍ମୀତା ରାଣୀ ମହାପାତ୍ର, ପ୍ରଦୀପ କୁମାର ସାହୁ, ଗଜେନ୍ଦ୍ର ନାଥ ପ୍ରଧାନ, ସରସ୍ୱତୀ ସାହୁ, ଭକ୍ତ ରଞ୍ଜନ ସାହୁ, ଜୟଶ୍ରୀ ସ୍ୱାଇଁ, ଅଶୋକ ବିଶ୍ୱାଳ, ସନ୍ଧ୍ୟାରାଣୀ ବିଶ୍ୱାଳ, ପ୍ରଜ୍ଞା ପ୍ରକାଶ ପାଳ, ସୁମନା ପରିଡା, ଗୋପାଳ ଆଇଚ୍, ରତିକାନ୍ତ ପରିଡା, ଗୌରାଙ୍ଗ ଚରଣ ଦାସ, ଅପର୍ଣ୍ଣା ରାଉତ, ଏଲିନ । ଏଲିଶା ପାଳ, ହେମାଙ୍ଗିନୀ ମକ୍ଷହାର୍ଣ୍ଣ । ଓ ଅଞ୍ଜୁରାଣୀ ଦାସ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ଏବଂ ଶେଷରେ ଉପାଧ୍ୟକ୍ଷା ଶ୍ରୀମତୀ ଅପରାଜିତା ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ ।

# ଆୟୋଜିତ ହେଲା ମୟୂରଭଞ୍ଜର ପ୍ରଥମ ଏଥନିକ ଫ୍ୟାସନ ଶୋ

ମୟୂରଭଂଜ, ୨୩/୯ (ନି.ପ୍ର): ଆରଡ଼ି ଇଭେଣ୍ଟସ ୱେଡିଙ୍ଗ ପ୍ଲାନର ଓ ମୟୂରଭଞ୍ଜ ବିଉଟିକ୍ସର ମିଳିତ ଆନୁକୂଲ୍ୟରେ ରବିବାର ଦିନ ବାରିପଦା ସ୍ଥିତ ଶହୀଦ ସ୍ମୃତି ଭବନ ଠାରେ ମୟୂରଭଞ୍ଜର ପ୍ରଥମ ଏଥନିକ ଫ୍ୟାସନ ଶୋ ଅନୁଷ୍ଠିତ ହୋଇ ଯାଇଛି । ଏହି ଫ୍ୟାସନ ଶୋର ମୁଖ୍ୟ ଆକର୍ଷଣ ଥିଲେ ଓଡ଼ିଆ ଚଳଚିତ୍ର ଜଗତର ପ୍ରଖ୍ୟାତ ଅଭିନେତ୍ରୀ ଭୂମିକା ଦାଶ । ରବିବାର ଅପରାହ୍ନରେ ଏହି ଫ୍ୟାସନ ଶୋ କୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଅବିନାଶ ପାଣି, ସମାଜସେବୀ ତଥା ଭଞ୍ଜ ସେନା ପ୍ରମୁଖ ଶ୍ରୀ କଳିଙ୍ଗ କେଶରୀ ଜେନା, ୟୁଥ ଆଇକନ ଶ୍ରୀ ମନୀଷ ମିଶ୍ର, ଚଳଚ୍ଚିତ୍ର ତାରକା ତାପସ ପାଢ଼ୀ, ଆରଡ଼ି ଇଭେଣ୍ଟସ ୱେଡିଙ୍ଗ ପ୍ଲାନରର ପ୍ରତିଷ୍ଠାତା ରିତିକା ଧଳ, ମୟୂରଭଞ୍ଜ ବିଉଟିଜ ପ୍ରତିଷ୍ଠାତା ଶ୍ରୀ ଦେବବ୍ରତ ଦେ, ଆରଡ଼ି ଇଭେଣ୍ଟସ ୱେଡିଙ୍ଗ ପ୍ଲାନର ସହ ପ୍ରତିଷ୍ଠାତା ଦିବ୍ୟଜ୍ୟୋତି ମହାନ୍ତ, ମୟୁରଭଞ୍ଜ ବିଉଟିଜ



ସାଧାରଣ ସମ୍ପାଦକ, ରାକେଶ କୁମାର ବେହେରା, ମୟୁରଭଞ୍ଜ ବିଉଟିଜ ସହ ପ୍ରତିଷ୍ଠାତା ତଥା କାଯ୍ୟକରି ସଭାପତି କୁମାର ରାକେଶ, ମୟୁରଭଞ୍ଜ ବିଉଟିଜ ଯୁଗ୍ମ ସମ୍ପାଦକ ମୋହିତ କୁମାର ଗିରି ଓ ମୟୁରଭଞ୍ଜ ବିଉଟିଜ ସାଂସ୍କୃତିକ ସମ୍ପାଦକ ଦେବପ୍ରସାଦ ବେହେରା, ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଖରେ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ । ପରବର୍ତ୍ତୀ ମୁହୂର୍ତ୍ତରେ ଅତିଥି ମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହିତ, ଶ୍ରୀ ରଞ୍ଜନ କୁମାର ଦାଶ, ବରିଷ୍ଠ ସାମ୍ବାଦିକ ତଥା ଅର୍ଗସ ଟିଭି, ଉତ୍ତର ଓଡ଼ିଶା ବ୍ୟୁରୋ ହେଡ୍ ଏବଂ ଶ୍ରୀ ଦୀପକ କୁମାର ମୁଦୁଲି, ଜିଲ୍ଲା ପ୍ରତିନିଧି, ପ୍ରତିଦିନ ଟିଭିଙ୍କୁ ସାମ୍ବାଦିକତା କ୍ଷେତ୍ରରେ ଉତ୍ତମ ଯୋଗଦାନ ପାଇଁ ସମ୍ବର୍ଦ୍ଧିତ କରା ଯାଇଥିଲା । ଏହି ଫ୍ୟାସନ ଶୋ ରେ ନିଜର ପ୍ରତିଭା ପ୍ରଦର୍ଶନ କରି ମିଷ୍ଟର ମୟୂରଭଞ୍ଜ ଭାବେ ଅଭିଷେକ ଦାସ, ମିସ ମୟୂରଭଞ୍ଜ ଭାବେ ଅରୁନ୍ଧତୀ ଧଳ, ରନର ଅପ ମିଷ୍ଟର ମୟୂରଭଞ୍ଜ ଭାବେ ସଗୁନ ମାର୍ଣ୍ଡି, ଏବଂ ରନର ଅପ ମିସ ମୟୂରଭଞ୍ଜ ଭାବେ ଅଙ୍କିତା ମହାପାତ୍ର ପୁରସ୍କୃତ ହୋଇଥିଲେ । ସମସ୍ତ ବିଜେତା ମାନେ ଅଭିନେତ୍ରୀ ଭୂମିକା ଦାଶଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିବା ବେଳେ ଏହି କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା ପ୍ରସିଦ୍ଧ ଉପସ୍ଥାପିକା ଖୁସି କୁମାର କରିଥିଲେ । ମୟୂରଭଞ୍ଜର ପ୍ରଥମ ଏଥନିକ ଫ୍ୟାସନ ଶୋକୁ ଆୟୋଜନ କରିବାରେ ରିଚା ବାରିକ, ଅନ୍ୱେଷା ତ୍ରିପାଠୀ, ବିଶ୍ୱାସେ ମହାନ୍ତି,ଚନ୍ଦନ ପାଣି, ରୁଦ୍ର ଦତ୍ତ, ଝିଲ୍ଲୀ ଅଗ୍ରୱାଲ,ଦେବବ୍ରତ ସାହୁ, ରଞ୍ଜନ ବେହେରା ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ ।

## କପ୍ତିପଦା ଗୌଡଗାଁର ବ୍ୟକ୍ତି ୮ଲକ୍ଷ ୮ହଜାର ଟଙ୍କା ଠକାମୀର ଶୀକାର

କପ୍ତିପଦା, ୨୩/୯ (ନି.ପ୍ର): କପ୍ତିପଦା ଥାନା ଅନ୍ତର୍ଗତ ଝୀଙ୍କପଦା ଗ୍ରାମ ପଞ୍ଚାୟତର ଗୌଡଗାଁ ଗ୍ରାମର ବଳରାମ ପଣ୍ଡା ୮ଲକ୍ଷ ୮ହଜାର ଟଙ୍କା ଅନଲାଇନ ମାଧ୍ୟମରେ ଠକାମୀର ଶୀକାର ହୋଇଥିବା ଜଣାପଡିଛି । ଅଭିଯୋଗରୁ ପ୍ରକାଶ ଶ୍ରୀ ପଣ୍ଡାଙ୍କ ମୋବାଇଲକୁ ଗତ ୧୦ତାରିଖରେ ଏକ ଅଜଣା ମୋବାଇଲ ନମ୍ବରରୁ ତାଙ୍କର ବିଦ୍ୟୁତ ଦେୟ ବାବଦ ୧୧୭୪ଟଙ୍କା ଅଗଷ୍ଟ ମାସରେ ବକେୟା ଥିବାର ସୂଚନା ଆସିଥିଲା । ଶ୍ରୀ ପଣ୍ଡା ଏହାକୁ ବିଶ୍ୱାସ କରି ନିଜ ମୋବାଇଲରୁ ସୂଚନା ଆସିଥିବା ମୋବାଇଲକୁ ଏକ ମେସେଜ୍ ପଠାଇଥିଲେ । କିନ୍ତୁ ଦୂର୍ଭାଗ୍ୟବଶଃତ ତାଙ୍କ ଏସବିଆଇ ଏକାଉଣ୍ଟରୁ ପ୍ରଥମ ପର୍ଯ୍ୟାୟରେ ୫ଲକ୍ଷ ଟଙ୍କା କଟକ ଏଚଡିଏଫସି ବ୍ୟାଙ୍କର ଏକାଉଣ୍ଟଧାରୀ ବେଦ କୁମାରଙ୍କ ନାମରେ ଏବଂ ୨ୟ ପର୍ଯ୍ୟାୟରେ ୩ଲକ୍ଷ ୮ହଜାର ଟଙ୍କା ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ଏକାଉଣ୍ଟଧାରୀ ସୂରଜ ସିଂଙ୍କ ନାମରେ ଉଠାଣ ହୋଇଥିବାର ଜଣାପଡିଥିଲା । ଫଳରେ ଶ୍ରୀ ପଣ୍ଡା ବାରିପଦାସ୍ଥିତ ମୟୂରଭଂଜ ସାଇବର କ୍ରାଇମ୍ ଓ ଆର୍ଥିକ ଅପରାଧ ଥାନାରେ ଅଭିଯୋଗ କରିଛନ୍ତି ।

## ଜାତୀୟ ସେବା ଯୋଜନା...

(ପୃଷ୍ଠା ୪ର ଅବଶିଷ୍ଟାଂଶ)

ଚଳିତବର୍ଷ ଭାରତରେ ଅନ୍ୟୁନ ୩୩ଲକ୍ଷରୁ ଉର୍ଦ୍ଧ୍ୱ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟସ୍ତରର ଛାତ୍ରଛାତ୍ରୀମାନେ ବିଭିନ୍ନ କଲ୍ୟାଣ ମୂଳକ କାର୍ଯ୍ୟକ୍ରମ ମାଧ୍ୟମରେ ଏହି ଦିବସକୁ ସ୍ମରଣୀୟ କରିବା ପାଇଁ ବିଶେଷ ଭାବେ ପାଳନ କରିବାକୁ ଯୋଜନା ରଖିଛନ୍ତି । ସେବାଯୋଜନା ଅନ୍ତର୍ଗତ ଶିକ୍ଷା ସହ ସେବାର ସଂଯୋଗ, ବ୍ୟକ୍ତି ସହ ରାଷ୍ଟ୍ରର, ଜୀବନ ସହ ଜୀବିକାର, ଗ୍ରାମ ସହ ସହରର ଆଉ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଦାୟିତ୍ୱ ସହ ଅଧିକାରର ସଂଯୋଗୀକରଣର ସମ୍ପର୍କକୁ ସମସ୍ତଙ୍କ ପାଇଁ ଆଦର୍ଶଣୀୟ ଅଭିମୁଖେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବା । ଆଜି ଜାତୀୟ ସେବା ଯୋଜନା ଦିବସ ଅବସରରେ ଏହି ଜାତି ତଥା ନିଜ ମାତୃଭୂମି ସର୍ବୋପରି ସମାଜର ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ସେବା ଓ ସହଯୋଗର ହାତ ବଢ଼ାଇବାର ସଂକଳ୍ପ ନେଲେ ଏହି ଦିବସଟି ନିଜ ଗୁରୁତ୍ୱ ରଖିବାକୁ ସମର୍ଥ ହେବ ।

+ପୂର୍ବତନ ଡିଏଫ୍‌ଓ, ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର,
ମୋ : ୯୪୩୭୨୫୭୧୨୩

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

### ଭରତପୁର କଳଙ୍କରେ...

ଅନ୍ୟ ପଟେ ଏହି ମାମଲାରେ ନିଯୁକ୍ତ ତଦନ୍ତ କମିଶନ ଅଧ୍ୟକ୍ଷ ଜଷ୍ଟିସ ଚିତ୍ତରଞ୍ଜନ ଦାଶ କହିଛନ୍ତି, ନ୍ୟାୟ ନିଶ୍ଚିତ ମିଳିବ । ରୋଡ୍ ରୋମିଓ, ପୋଲିସ୍ ଏବଂ ଆର୍ମି ଅଫିସରଙ୍କ ସମେତ ପୀଡ଼ିତାଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବ । ଆର୍ମି ଅଫିସରଙ୍କ ବିରୋଧରେ ବିଶେଷ କ୍ଷେତ୍ର ବିନା ଫୌଜଦାରୀ ମାମଲା ମନା ରହିଛି ବୋଲି ମଧ ଜଷ୍ଟିସ୍ ଦାଶ ସୂଚନା ଦେଇଛନ୍ତି । ୬୦ ଦିନ କାର୍ଯ୍ୟକାଳ ଥିବା ବେଳେ ସପ୍ତାହକ ଭିତରେ ତଦନ୍ତ ପ୍ରକ୍ରିୟା ଆରମ୍ଭ ହେବ ବୋଲି ସେ କହିଛନ୍ତି । ଏହି ମାମଲାରେ ହସ୍ତକ୍ଷେପ ପାଇଁ ଗତ ୧୮ ତାରିଖରେ ସ୍ଥଳ ସେନା ମଧ ଭାରତ ଏରିଆ ମୁଖ୍ୟ ଲେଫ୍ଟନାଣ୍ଟ ଜେନେରାଲ ପି.ଏସ୍. ଶେଖାୱତ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ଚିଠି ଲେଖିଥିଲେ । ଘଟଣାକୁ ନେଇ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ଆଜି କିଛି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି ହାଇକୋର୍ଟ । ଏହି ଘଟଣାରେ ପୀଡ଼ିତା ଏବଂ ମେଜରଙ୍କ ନାଁ ଗଣମାଧ୍ୟମରେ ପ୍ରକାଶ କରିବାକୁ ବାରଣ କରିଛନ୍ତି ।

### ଭରତପୁର ଘଟଣା: ବିଜେଡି ...

ନିର୍ଯାତନା ମାମଲାର ହେବ ବିଚାର ବିଭାଗୀୟ ତଦନ୍ତ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ନିର୍ଦ୍ଦେଶ ଦେଇଛନ୍ତି । ଲୋକସେବା ଭବନରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହି ପ୍ରସଙ୍ଗରେ ଆଲୋଚନା କରିବା ପରେ ମୁଖ୍ୟମନ୍ତ୍ରୀ ବିଚାର ବିଭାଗୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ବିଚାରପତି ଜଷ୍ଟିସ ଚିତ୍ତରଂଜନ ଦାଶଙ୍କ ଅଧ୍ୟକ୍ଷତାରେ ଏହି ତଦନ୍ତ ହେବ । ୬୦ ଦିନ ଭିତରେ ରିପୋର୍ଟ ପ୍ରଦାନ କରିବେ ତଦନ୍ତ କମିଶନ । ଏହା ସହିତ ହାଇକୋର୍ଟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କ୍ରାଇମବ୍ରାଞ୍ଚ ତଦନ୍ତକୁ ତ୍ୱରାନ୍ୱିତ କରିବା ପାଇଁ ହାଇକୋର୍ଟଙ୍କୁ ଅନୁରୋଧ କରାଯାଇଥିବା ସୂଚନା ମିଳିଛି । ଥାନାରେ ମେଜର ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ମାମଲାରେ ଅଭିଯୁକ୍ତ ୫ ଜଣ ପୋଲିସ କର୍ମଚାରୀଙ୍କୁ ନିଲମ୍ବିତ କରାଯିବା ସହ ସେମାନଙ୍କ ବିରୋଧରେ ମାମଲା ରୁଜୁ ହୋଇଛି । ଏହାଛଡ଼ା ଘଟଣାରେ ସଂପୃକ୍ତ ଯୁବକମାନଙ୍କ ବିରୋଧରେ ମଧ କାର୍ଯ୍ୟାନୁଷ୍ଠାନ ହୋଇଛି ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

### ପୁଣି ଭିଜାଇବ ଲଘୁଚାପ...

୭ ଜିଲ୍ଲାକୁ ପ୍ରବଳ ବର୍ଷା ନେଇ ୱାର୍ଣ୍ଣିଂ ଜାରି ହୋଇଛି । ରାଜ୍ୟରେ ୨୭ ତାରିଖ ଯାଏ ପ୍ରବଳ ବର୍ଷା ସମ୍ଭାବନା ରହିଛି । ଗତ ୨୪ ଘଣ୍ଟାରେ ମୟୂରଭଂଜରେ ସର୍ବାଧିକ ୫୬ ମିମି ବର୍ଷା ରେକର୍ଡ ହୋଇଛି । ଏପଟେ ବନ୍ୟା କମିଛି, ହେଲେ ବିପନ୍ନଙ୍କ ଦୁର୍ଦ୍ଦଶା ସରୁନି । ପେଟକୁ ଦାନା ଯାଉନି କି ଆଖିକୁ ନିଦ ନାହିଁ । ବାଲେଶ୍ୱର ବାଲିଆପାଳ ଓ ଭୋଗରାଇ ବ୍ଲକର ଅନେକଙ୍କ ଘରେ ଏବେ ବି ଚୁଲି ଜଳୁନି । ଶୁଖିଲା ଖାଦ୍ୟ ଖାଇ ଦିନ କଟୁଛନ୍ତି ବିପନ୍ନ । ସୁବର୍ଣ୍ଣରେଖା ନଦୀ ବନ୍ୟାରେ ସାମାନ୍ୟ ସୁଧାର ଆସିଥିଲେ ବି ସ୍ୱାଭାବିକ ହୋଇନି ସେମାନଙ୍କ ଜୀବନ । ଭୋଗରାଇ ବ୍ଲକର କୁମ୍ଭୀରଗଡି ପଞ୍ଚାୟତ, କୁଷୁଡା, ଗବଗାଁ, ମନୁନଗର ଏବଂ ରସଲପୁଲ ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ରହିଛି । କୁଲ୍‌ହା ଗାଁର ଶତାଧିକ ନଦୀକୂଳିଆ ଲୋକେ ଭୂଆଁ ବନ୍ଧ ଉପରେ ଜରିପାଲ ଟାଣି ଖୋଲା ଆକାଶ ତଳେ ଜୀବନ କାଟିଛନ୍ତି । ସମାନ ଅବସ୍ଥା ବାଲିଆପାଳ ବ୍ଲକର ତାଳପଦା, ବିଷ୍ଣୁପୁର, ଜାମକୁଣ୍ଡା ଗାଁର । ଲୋକଙ୍କ ଯୋଗାଯୋଗର ଏକମାତ୍ର ମାଧ୍ୟମ ସାଜିଛି ଡଙ୍ଗା । ଭୋକ ଉପାସରେ ପିଲାଛୁଆଙ୍କୁ ଧରି ସରକାରୀ ରିଲିଫକୁ ଚାହିଁ ରହିଛନ୍ତି ବନ୍ୟା ବପନ୍ନ । ପାଣି ଛାଡ଼ିବା ପରେ ଏବେ ଘର ଭିତର ଏବଂ ବାରଣ୍ଡାରେ କାଦୁଅ ପଚପଚ ।

### କ୍ଷୀରରେ ମିଶୁଛି ସୋଡ଼ା...

ବ୍ରାଣ୍ଡେଡ କଂପାନୀର ତେଲ ଆଣି ଅପମିଶ୍ରଣ କରି ତିଆରି କରାଯାଉଥିଲା ନକଲି ତେଲ । ମୁନାଫା କମାଇବା ପାଇଁ ଲୋକାଲ ବ୍ରାଣ୍ଡରେ ଏହାକୁ ପ୍ରସ୍ତୁତ କରି ଲୋକଙ୍କୁ ଶସ୍ତାରେ ବିକ୍ରି କରାଯାଉଥିବା ବେଳେ ଧରାପଡିଛି । ଯେଉଁଥିରେ ପାରାଫିନ୍, ମୋବିଲ ଓ ପୋଡା ତେଲ ମିଶେଇ ମାର୍କେଟକୁ ଛଡାଯାଉଥିଲା ।

### ତାଗିଦ୍ କଲା ଅର୍ଥ ବିଭାଗ...

ସରକାରୀ ଗାଡ଼ି ପରିବର୍ତ୍ତେ ଘରୋଇ ଗାଡ଼ିକୁ ଭଡ଼ାରେ ଆଣିବା ପାଇଁ ପରାମର୍ଶ ଦେଇଛନ୍ତି । ଅନୁପଯୁକ୍ତ ହୋଇପଡ଼ିଥିବା ପୁରୁଣା ସରକାରୀ ଗାଡ଼ିକୁ ସ୍କ୍ରାପିଂ କିମ୍ବା ନିଲାମ କରି ସେବାବଦ ଅର୍ଥକୁ ଟ୍ରେଜେରୀରେ ଜମା କରିବା ପରେ ହିଁ ଅଫିସ୍ ଉପଯୋଗ ପାଇଁ ଘରୋଇ ଗାଡ଼ି ଭଡ଼ାରେ ଅଣାଯାଇପାରିବ । ଏଥିପାଇଁ ପ୍ରଶାସନିକ ବିଭାଗଗୁଡ଼ିକ ନିଷ୍ପତ୍ତି ନେବାକୁ ପ୍ରାଧିକୃତ ବୋଲି ଶ୍ରୀ ମିଶ୍ର କହିଛନ୍ତି । ଏ ସଂକ୍ରାନ୍ତରେ ଅର୍ଥ ବିଭାଗର ୨୦୨୩ ଅଗଷ୍ଟ ୧୪ତାରିଖର ନିର୍ଦ୍ଦେଶନାମାକୁ ମଧ ସେ ଉଲ୍ଲେଖ କରିଛନ୍ତି । ତେବେ ପୁରୁଣା ଗାଡ଼ିକୁ ନଷ୍ଟ ନକରି ଘରୋଇ ଗାଡ଼ିରେ ଭଡ଼ା ଆଣିବାର ଆବଶ୍ୟକତା ପଡ଼ିଲେ ସେଥିପାଇଁ ଅର୍ଥ ବିଭାଗର ପୂର୍ବ ଅନୁମତି ନେବାକୁ ପଡ଼ିବ ବୋଲି ସେ ସ୍ପଷ୍ଟ କରିଛନ୍ତି । ପ୍ରଶାସନିକ ବିଭାଗଗୁଡ଼ିକ ନୂଆ ଗାଡ଼ି କ୍ରୟ କରିବାରୁ ବିରତ ରହିବା ଉଚିତ୍ । ଯଦି ନୂଆ ଗାଡ଼ି କିଣିବା ଅତି ଜରୁରୀ ହୁଏ ତା'ହେଲେ ଅର୍ଥ ବିଭାଗ ଦ୍ୱାରା ଜାରି ହେଉଥିବା ନିର୍ଦ୍ଦେଶନାମାକୁ ସମ୍ପୃକ୍ତ ପ୍ରଶାସନିକ ବିଭାଗ କଡ଼ାକଡ଼ି ପାଳନ କରିବା ଆବଶ୍ୟକତା ରହିଛି ବୋଲି ଶ୍ରୀ ମିଶ୍ର କହିଛନ୍ତି ।

### ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଆତିଶୀ ...

ଭରତ ଯେପରି ରାମଙ୍କର କଠଉକୁ ସିଂହାସନରେ ରଖି ଶାସନ କରିଥିଲେ, ସେହିପରି ସେ ମଧ କେଜ୍ରିୱାଲଙ୍କ ଅନୁପସ୍ଥିତିରେ ଆସନ୍ତା ଚାରିମାସ ପାଇଁ ଦିଲ୍ଲୀର ଶାସନ ଭାର ସମ୍ଭାଳିବେ ବୋଲି କହିଛନ୍ତି । ଆତିଶୀ ଏହା ମଧ କହିଛନ୍ତି ଯେ, ଆଗାମୀ ନିର୍ବାଚନରେ ଦିଲ୍ଲୀର ଲୋକେ ପୁଣିଥରେ ଅରବିନ୍ଦ କେଜ୍ରିୱାଲଙ୍କୁ କ୍ଷମତାକୁ ଆଣିବେ । 'ଏହା କେଜ୍ରିୱାଲଙ୍କ ଚେୟାର । ଆଗାମୀ ନିର୍ବାଚନ ଫେବୃଆରୀରେ ରହିଛି । ନିର୍ବାଚନରେ ଦିଲ୍ଲୀର ଲୋକମାନେ ତାଙ୍କୁ ପୁଣିଥରେ ସେମାନଙ୍କର ମୁଖ୍ୟମନ୍ତ୍ରୀ ଭାବରେ ମନୋନୀତ କରିବେ । ସେପର୍ଯ୍ୟନ୍ତ ଏହି ଚେୟାର ଏହି କାର୍ଯ୍ୟାଳୟରେ ରହିବ । ମୁଁ ଭରତଙ୍କ ପରି ଶାସନ କରିବି ।" ଗତ ଶନିବାର ଦିନ ଦିଲ୍ଲୀ କଂଗ୍ରେସର ଶିଳା ଦୀକ୍ଷିତ ଏବଂ ବିଜେପିର ସୁଷମା ସ୍ୱରାଜଙ୍କ ପରେ ଅଷ୍ଟମ ଏବଂ ତୃତୀୟ ମହିଳା ମୁଖ୍ୟମନ୍ତ୍ରୀ ଭାବେ ସେ ଶପଥ ଗ୍ରହଣ କରିଛନ୍ତି । ତାଙ୍କ ସହ ପାଞ୍ଚଜଣ କ୍ୟାବିନେଟ ମନ୍ତ୍ରୀ ମଧ ଶପଥ ଗ୍ରହଣ କରିଛନ୍ତି । ଏକ୍ସାଇଜ୍ ପଲିସି ମାମଲାରେ ସୁପ୍ରିମକୋର୍ଟଙ୍କ ମଧ୍ୟବର୍ତ୍ତୀକାଳୀନ ଜାମିନ ଆଦେଶ ପରେ ଅରବିନ୍ଦ କେଜ୍ରିୱାଲ ନିଜ ପଦରୁ ଇସ୍ତଫା ଦେଇଥିଲେ । ଫଳରେ ତାଙ୍କ ନାମ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ପାଇଁ ପ୍ରସ୍ତାବ ଦିଆଯାଇଥିଲା । ପୂର୍ବରୁ ସେ ଶିକ୍ଷା, ରାଜସ୍ୱ, ଅର୍ଥ, ଶକ୍ତି ଏବଂ ପିଡବ୍ଲ୍ୟୁଡି ସମେତ ଅନେକ ବିଭାଗ ନିଜ ପାଖରେ ରଖିଥିଲେ ।

### ଚାଇଲ୍ଡ ପର୍ଣ୍ଣୋଗ୍ରାଫି ଦେଖିବା କିମ୍ବା...

ନିକଟରେ ମାଡ୍ରାସ ହାଇକୋର୍ଟ ମୋବାଇଲ୍ ଫୋନରେ ଶିଶୁ ଅଶ୍ଳୀଳ ବିଷୟବସ୍ତୁ ରଖିଥିବା ଅଭିଯୋଗ ହୋଇଥିବା ବ୍ୟକ୍ତିଙ୍କ ବିରୋଧରେ ଚାଲିଥିବା ମାମଲାକୁ ବାତିଲ କରିଦେଇଥିଲେ । କେବଳ ଶିଶୁ ଅଶ୍ଳୀଳତା ଡାଉନଲୋଡ୍ କରିବା ଏବଂ ଦେଖିବା ଚଡଉଝଡ ଆକ୍ଟ ଅନୁଯାୟୀ ଅପରାଧ ନୁହେଁ ବୋଲି ଏଥିରେ ଦର୍ଶାଯାଇଥିଲା । ମାଡ୍ରାସ ହାଇକୋର୍ଟଙ୍କ ଏହି ରାୟ ଆସିବା ପରେ ଶିଶୁ ଅଧିକାର ପାଇଁ କାର୍ଯ୍ୟ କରୁଥିବା ଅନେକ ସଂଗଠନ ଏହାକୁ ବିରୋଧ କରି ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଆଜି ଏହି ମାମଲାର ଶୁଣାଣି ହୋଇଛି । ଶୁଣାଣି ବେଳେ ଜଷ୍ଟିସ ଜେ.ବି ପାରଡିୱାଲା କହିଛନ୍ତି ଯେ ଦୋଷୀମାନଙ୍କ ମାନସିକ ସ୍ଥିତିର ଅନୁମାନ ଉପରେ ସମସ୍ତ ପ୍ରଯୁଜ୍ୟ ବ୍ୟବସ୍ଥା ବୁଝାଇବାକୁ ଆମେ ଚେଷ୍ଟା କରିଛୁ ଏବଂ ନିର୍ଦ୍ଦେଶାବଳୀ ମଧ ରଖିଛୁ । ପୋକ୍ସୋ ଆକ୍ଟରେ ପରିବର୍ତ୍ତନ କରି ଚାଇଲ୍ଡ ପର୍ଣ୍ଣୋଗ୍ରାଫି ଶବ୍ଦ ସ୍ଥାନରେ child sexually abusive and exploitative material (CSAEM) ତଥା ଶିଶୁ ଯୌନ ନିର୍ଯାତନା ଓ ଦୁର୍ବ୍ୟବହାର ସାମଗ୍ରୀ ଲେଖାଯାଉ ବୋଲି କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେଇଛନ୍ତି । ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡଙ୍କ ଅଧ୍ୟକ୍ଷତା କରୁଥିବା ବେଞ୍ଚର ସଦସ୍ୟ ଜଷ୍ଟିଶ ଜେ ବି ପାରଡିୱାଲା ୨୦୦ ପୃଷ୍ଠାର ଏହି ରାୟ ଲେଖିଛନ୍ତି । ସେ କହିଛନ୍ତି ଯେ ଯେପର୍ଯ୍ୟନ୍ତ ପୋକ୍ସୋ ଆଇନରେ ପରିବର୍ତ୍ତନ ସଂସଦରେ ଅନୁମୋଦନ ନହୁଏ ସେପର୍ଯ୍ୟନ୍ତ ଏକ ନିୟମ ଆଣିବା ଉଚିତ୍ । ସୁପ୍ରିମକୋର୍ଟ ମଧ ଦେଶର ଅଦାଲତମାନଙ୍କୁ ସେମାନଙ୍କ ନିର୍ଦ୍ଦେଶରେ ଉଝଇରଗ ଲେଖିବାକୁ ପରାମର୍ଶ ଦେଇଛନ୍ତି ।

### ଜମ୍ମୁ-କଶ୍ମୀରକୁ ନେଇ...

ଶାସିତ ଅଞ୍ଚଳକୁ ରାଜ୍ୟରେ ପରିଣତ କରାଯାଏ ଓ ରାଜ୍ୟ ଦୁଇ ଭାଗରେ ବିଭକ୍ତ ହୁଏ । ଗୋଟିଏ ରାଜ୍ୟ ବିଭାଜିତ ହୋଇ ଆନ୍ଧ୍ର ଓ ତେଲଙ୍ଗାନା ହୋଇଛି । ଛତିଶଗଡ଼ ଭିତରୁ ମଧ୍ୟପ୍ରଦେଶ ବାହାରିଛି । ବିହାର ଠାରୁ ଅଲଗା ହୋଇ ଝାରଖଣ୍ଡ ଗଠନ ହୋଇଛି । କିନ୍ତୁ ପ୍ରଥମଥର ପାଇଁ ଭାରତ ଇତିହାସରେ ଗୋଟିଏ ରାଜ୍ୟକୁ କେନ୍ଦ୍ର ଶାସିତ ଅଞ୍ଚଳରେ ପରିଣତ କରାଯାଇଛି । ଆପଣମାନଙ୍କ ଗଣତାନ୍ତ୍ରିକ ଅଧିକାର ଛଡ଼ାଇ ନିଆଯାଇଛି । ଭାରତ ଇତିହାସରେ ପ୍ରଥମଥର ପାଇଁ ଏପରି ଘଟିଛି । ପ୍ରଥମଥର ପାଇଁ ଜମ୍ମୁ-କଶ୍ମୀର ରାଜ୍ୟକୁ କୁହାଯାଇଛି ଯେ ଏବେ ଏହା କେନ୍ଦ୍ର ଶାସିତ ଅଞ୍ଚଳ । ଏଥିପାଇଁ ଆମେ ପ୍ରଥମେ ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା ଦିଆଯାଉ ବୋଲି ଦାବି କରିଛୁ । ଆପଣମାନଙ୍କ ରାଜ୍ୟ ଆପଣମାନଙ୍କୁ ଫେରାଇ ଦିଆଯାଉ ।" ୨୦୧୯ରେ ମୋଦି ସରକାର ଜମ୍ମୁ-କଶ୍ମୀରରୁ ଧାରା ୩୭୦ ପ୍ରତ୍ୟାହାର କରିବା ସହ ୩୫ଏକୁ ଉଚ୍ଛେଦ କରିଥିଲେ । ଜମ୍ମୁ-କଶ୍ମୀରକୁ ଦୁଇ ଭାଗ କରି ଦୁଇଟି କେନ୍ଦ୍ର ଶାସିତ ଅଞ୍ଚଳରେ ପରିଣତ କରିଥିଲେ ।

# ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ନୀଳଗିରି, ୨୩/୯ (ନି.ପ୍ର): ସୋମବାର ପୂର୍ବାହ୍ନ ୧୦.୩୦ ମିନିଟ ସମୟରେ ନୀଳଗିରି ବ୍ଲକ ସମ୍ମିଳନୀ କକ୍ଷରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସାଗରୀକା ନାଥଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ସ୍ଥାନୀୟ ବିଧାୟକ ସନ୍ତୋଷ କୁମାର ଖଟୁଆ, ବାଲେଶ୍ୱର ଜିଲ୍ଲା ଉନ୍ନୟନ ଅଧିକାରୀ ବିଶ୍ୱରଂଜନ ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା.ଦୁଲାଲସେନ ଜଗତଦେଓ, ଉପଜିଲ୍ଲାପାଳ ଶୁଭଶ୍ରୀ ରଥ, ନୀଳଗିରି ବିଡ଼ିଓ ଆଇଏଏସ ଅଧିକାରୀ ଦୁଧାଲ ଅଭିଷେକ ଦିଲ୍ଲୀପ,ଓ ରାହୁଲ ମଣ୍ଡଳ, ତହସିଲଦାର ଦିପ୍ତିମୟୀ ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ସରୋଜ କୁମାର ଉପାଧ୍ୟାୟ ପ୍ରମୁଖ ଉପସ୍ଥିତ ଥାଇ ଜନ ଅଭିଯୋଗର ଶୁଣାଣି କରିଥିଲେ । ଏହି ଶିବିରରେ ମୋଟ ୭୪ ଗୋଟି ଆପତ୍ତି ଅଭିଯୋଗ ଶୁଣାଣି ହୋଇଥିଲା । ଅଭିଯୋଗ ମଧ୍ୟରେ ରେସନ କାର୍ଡ, ରାସ୍ତାଘାଟ, ଜମିଜମା, ଆଇନ ଶୃଙ୍ଖଳା, ପାନୀୟ ଜଳ, କୃଷି, ଉଦ୍ୟାନ, ବିଦ୍ୟୁତ, ସ୍ୱାସ୍ଥ୍ୟ, ଶିକ୍ଷା ସମ୍ବନ୍ଧୀୟ ଥିଲା । ଏଥିମଧ୍ୟରୁ ଡାକ୍ତରୀ ଚିକିତ୍ସା ପାଇଁ ୪ ଜଣଙ୍କ ମଧ୍ୟରୁ ଆର୍ଥିକ ସହାୟତା ସ୍ୱରୂପ ଜଣକୁ ୧୦ହଜାର ଟଙ୍କା ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଏବଂ ଅନ୍ୟ ୩ ଜଣଙ୍କୁ ୫ ହଜାର ଲେଖାଏଁ ଅର୍ଥ ସହାୟତା ପ୍ରଦାନ କରାଯାଇଛି । ଏହି ଶିବିରରେ ବାଲେଶ୍ୱର ଜିଲ୍ଲା ଓ ନୀଳଗିରି ଉପଖଣ୍ଡର ସମସ୍ତ ବିଭାଗର ଅଧିକାରୀ, ତ୍ରିସ୍ତରୀୟ ପଞ୍ଚାୟତ ସମିତିର ଲୋକ ପ୍ରତିନିଧି, ସାଧାରଣ ଅଭିଯୋଗକାରୀ ଏବଂ ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ । ପରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ବ୍ଲକ ପରିସରରେ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, ସ୍ଥାନୀୟ ବିଧାୟକଙ୍କ ସମେତ ଉପସ୍ଥିତ ସମସ୍ତ ଅଧିକାରୀ ସଫେଇ କାର୍ଯ୍ୟକ୍ରମରେ ସାମିଲ ହେବା ସହ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ କରାଯାଇଛି ।

**AFFIDAVIT**

By virtue of An affidavit sworn before Notary Balasore dated 21.9.2024 I Sri Binayak Prasad Prasanna Kumar Sahu Address At- Chaulia Sahi Motiganj, P.s- Town, Dist- Balasore declare that I have changed my name from Binayak Prasad Sahu to Binayak Prasad Prasanna Kumar Sahu. Hence I shall be known as Binayak Prasad Prasanna Kumar Sahu for all purpose.

**Binayak Prasad Prasanna Kumar Sahu**

**AFFIDAVIT**

By virtue of An affidavit sworn before Notary Balasore, I, Golap Nayak, D/o Kashi Nayak, At- Mulagansamil Sutanati, P.o- Durgadevi, P.s- Remuna, Dist- Balasore declare that I has been mentiond my name as Golap Nayak in all my identity Profs. But my nick name is Gulam Naik which has been wrongly mentioned in my RPLI Bond bearing No- OR-BN-EA-106578 dt. 05.03.2008. That, Golap Nayak and Gulam Naik is one and same person. Henceforth i wiil be treated as golap nayak in al purpose.

**GOLAP NAYAK**

## ପୋଷଣ ମାସ ଅଭିଯାନ

# ମଣିଷଙ୍କ ପାଇଁ ଖାଦ୍ୟ ସହିତ ତାଲିମ ଜରୁରି ହୋଇ ପଡ଼ିଛି: ପ୍ରମିଳା ପଣ୍ଡା

ଉଦଳା , ୨୩/୯ (ନି.ପ୍ର): ପ୍ରତିବର୍ଷ ସେପ୍ଟେମ୍ବର ମାସ ୧ ତାରିଖ ଠାରୁ ୩୦ ତାରିଖ ପର୍ଯ୍ୟନ୍ତ ଗୋଟିଏ ମାସକୁ ଓଡ଼ିଶା ସରକାରଙ୍କର ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ ପୋଷଣ ମାସ ଭାବରେ ପାଳନ କରାଯାଇଥାଏ । ଏହିଅବସରରେ ଶିଶୁଙ୍କ ପାଇଁ ଖାଦ୍ୟ ଓ ସେମାନଙ୍କର ଯତ୍ନ ସହିତ ସୁସ୍ଥ ଓ ନିରୋଗ ରହିବା ପାଇଁ ଆଲୋଚନା ଓ ତାଲିମର ପର୍ବ ଅନୁଷ୍ଠିତ ହୋଇଥାଏ । ଚଳିତ ବର୍ଷ ଏହି କାର୍ଯ୍ୟକ୍ରମରେ ଉଦଳା ବିଜ୍ଞାପିତ



ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ଅତିଥି ଭାବରେ ଯୋଗ ଦେଇ ମଣିଷ ଶିଶୁ ପାଇଁ କେଉଁ ସମୟରେ କିପ୍ରକାର ଖାଦ୍ୟ ଓ ନିଜକୁ ସୁସ୍ଥ ଓ ନିରୋଗ ରଖିବା ପାଇଁ କେଉଁ ପ୍ରକାର ଯତ୍ନର ଆବଶ୍ୟକତା ରହିଛି ସେ ବିଷୟରେ ତାଲିମ ଆଜି କିପରି ଜରୁରି ହୋଇ ପଡ଼ିଛି ବିସ୍ତୃତ ବର୍ଣ୍ଣନା କରିଥିଲେ । ଏହାପରେ ସ୍ଥାନୀୟ ସିଡ଼ିପିଓ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହିତ ଶିଶୁଙ୍କ ଖାଦ୍ୟ, ମିଲେଟ ପ୍ରସ୍ତୁତି ଓ ରକ୍ତହିନତା ପାଇଁ ଥିବା ଉପଚାର ବିଷୟରେ ଅବଗତ କରାଇଥିଲେ । ଶେଷରେ ଉଦଳା ପଂଚାୟତ ସମିତି ଅଧ୍ୟକ୍ଷା ମଂଜୁଲତା ବିଶ୍ୱାଳ ଏବେ ମଧ ଗାଁ ଗହଳରେ ବସବାସ କରୁଥିବା ନୀରକ୍ଷର ଲୋକମାନଙ୍କ ପାଖରେ ସଚେତନତାର ବାର୍ତ୍ତା ପହଂଚିପାରି ନାହିଁ । ସେଥିପାଇଁ ଆମକୁ ଆହୁରି ଅଧିକ ପରିଶ୍ରମ କରିବା ପାଇଁ ପଡ଼ିବ ବୋଲି ବ୍ୟକ୍ତ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

# ଉତ୍କଳମଣି ଗୋପବନ୍ଧୁ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ଅନୁସ୍ଥାପନ କାର୍ଯ୍ୟକ୍ରମ

ବାରିପଦା, ୨୩/୯ (ନି.ପ୍ର): ସ୍ଥାନୀୟ ଉତ୍କଳମଣି ଗୋପବନ୍ଧୁ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ରେ ବିଇଡି ପ୍ରଥମ ବର୍ଷ ଛାତ୍ର ଛତ୍ରୀ ଙ୍କର ଅନୁସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟ ର ଅଧ୍ୟକ୍ଷ ପ୍ରଫେସର ଡକ୍ଟର ସଞ୍ଜୟ କୁମାର ଦେ ଙ୍କ ସଭାପତିତ୍ୱ ରେ ଡକ୍ଟର ସରୋଜ ନାୟକ ଙ୍କ ସଂଯୋଜନା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ମହାବିଦ୍ୟାଳୟ ରେ ନୂତନ ଭାବେ ଆଡ୍‌ମିସନ ନେଇଥିବା ପ୍ରଥମ ବର୍ଷ ର ଛାତ୍ରଛାତ୍ରୀଙ୍କୁ ମହାବିଦ୍ୟାଳୟ ଓ ବିଇଡି ପାଠ୍ୟକ୍ରମ ସମ୍ବନ୍ଧୀୟ ସାମ୍ୟକ ଧାରଣା ପ୍ରଦାନ କରାଯାଇଥିଲା । ସହକାରୀ ପ୍ରଫେସର ଡକ୍ଟର ତ୍ରିନାଥ ମଲ୍ଲିକ କଲେଜ ର ଇତିହାସ, ଉମେଶ ମାଝୀ କଲେଜ ର ନିୟମ କାନୁନ, ଡକ୍ଟର ଚିତ୍ରସେନ ସେଠୀ ଇଂଟର୍ନସିସ,ଖିରୋଦ ଚୌଧୁରୀ ପାଠ୍ୟକ୍ରମ ସନ୍ଦୀପ ସିଂ ସହ ପାଠ୍ୟ କାର୍ଯ୍ୟକ୍ରମ, କେ ଲକ୍ଷ୍ମୀ ସେନାପତି ପରୀକ୍ଷା, ଡକ୍ଟର ସରୋଜ ନାୟକ ଜୀବନ କୌଶଳ, ଅଧ୍ୟକ୍ଷ ଛାତ୍ର ଛାତ୍ରୀଙ୍କର ସର୍ବାଙ୍ଗୀନ ବିକାଶ ଉପରେ ବକ୍ତବ୍ୟ ଉପସ୍ଥାପନା କରିଥିଲେ । ଜଗନ୍ନାଥଙ୍କୁ ଭକ୍ତି ନୈବେଦ୍ୟ ଅର୍ପଣ ର ସହିତ ଉଦଘାଟିତ ହୋଇଥିବା ହୋଇଥିବା ଏହି କାର୍ଯ୍ୟକ୍ରମ ପରିଚାଳନା ରେ ଛାତ୍ର ସଂସଦ ର ସଭାପତି ଓ ସମ୍ପାଦକ ଓମପ୍ରକାଶ ପଣ୍ଡା ଓ ଓମପ୍ରକାଶ ବେହେରା କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ । ସହକାରୀ ପ୍ରଫେସର ନବୀନ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ମୟୂରଭଞ୍ଜ ଶାଖା ପକ୍ଷରୁ ବିଶ୍ୱ ନଦୀ ଦିବସରେ ଆଲୋଚନା ଚକ୍ର

ବେତନଟୀ, ୨୩/୯ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ସବୁଠାରୁ ବଡନଦୀ ବୁଢ଼ା ବଳଙ୍ଗ ନଦୀକୂଳରେ ଅବସ୍ଥିତ ପାଟଳୀ ପୁରାଗ୍ରାମ ପଞ୍ଚାୟତରେ ଥିବା ଶ୍ରୀରାମ ମନ୍ଦିର ପରିସରରେ 'ବିଶ୍ୱ ନଦୀ ଦିବସ' ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ଓଡିଶା,ମୟୂରଭଞ୍ଜ ଶାଖା ଆନୁକୂଲ୍ୟରେ, ପର୍ଯ୍ୟାୟବରଣ ସୁରକ୍ଷା ଗତିବିଧି ମୟୂରଭଞ୍ଜର ସହଯୋଗରେ ସ୍ୱଚ୍ଛ ନଦୀ-ସ୍ୱଚ୍ଛ ସାଗର,ସୁରକ୍ଷିତ ନଦୀ-ସୁରକ୍ଷିତ ସାଗର ପ୍ରସଙ୍ଗରେ ଏକ ଆଲୋଚନା ଚକ୍ର ଡ଼କ୍ଟର ରମାକାନ୍ତ ମହାନ୍ତଙ୍କର ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ଅଖିଳ ଭାରତୀୟ ବହୁଭାଷୀ ସାହିତ୍ୟ ପରିଷଦ କବି 'ସଙ୍ଗମ'ର ସଭାପତି ବାସୁଦେବ ନାପିତ, ମୁଖ୍ୟ ବକ୍ତା ଭାବରେ ଶାଳଗାଁ ହାଇସ୍କୁଲର ଇକୋ କ୍ଲବର ଭାରପ୍ରାପ୍ତ ଶିକ୍ଷକ ପରିବେଶବିତ ସନ୍ତୋଷ କୁମାର ଖଣ୍ଡା, ବିଶିଷ୍ଟ ଅତିଥି ଭାବରେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ବାସୁଦେବ ବାରିକ, ସମ୍ମାନିତ ବକ୍ତା ଭାବରେ ରାଜଯୋଗ ସେବା ଟ୍ରଷ୍ଟର ସଦସ୍ୟ ମନୋରଞ୍ଜନ ଦୁର୍ଗା ଯୋଗଦାନ କରି ନଦୀ ପୃଥିବୀର ଧମନୀ, ଆମ ଶରୀରର ଶିରା ପ୍ରଶିରା ସଦୃଶ । ମଣିଷ ରକ୍ତ ସରିଗଲେ ଯେପରି ମଣିଷଟି ବଞ୍ଚି ରହି ପାରେ ନାହିଁ, ଠିକ ସେହି ପରି ପୃଥିବୀ ପୃଷ୍ଠ ରେ ଥିବା ନଦୀ ଗୁଡିକ ଶୁଖି ଗଲେ ଜୀବ ଜଗତ ନଷ୍ଟ ହୋଇଯିବ । ପ୍ରାରମ୍ଭରେ ବୁଢ଼ା ବଳଙ୍ଗ ନଦୀକୁ ବନ୍ଦନା କରାଯାଇଥିଲା ଏବଂ ବୃକ୍ଷ ରୋପଣ କରାଯାଇଥିଲା । ଏଥିରେ ଶ୍ରୀରାମ ମନ୍ଦିରର ପ୍ରତିଷ୍ଠାତ୍ରୀ ସୁବାସିନୀବେହେରାଙ୍କ ପରିବାରର ସମସ୍ତେ ସହଯୋଗ କରିଥିଲେ। ଶେଷରେ ଗୌତମ କୁମାର ବେହେରା ଧନ୍ୟବାଦ ଦେଇଥିଲେ । ଏଥିରେ ଅନେକ ଗ୍ରାମବାସୀ ମାନେ ଉପସ୍ଥିତ ଥିଲେ।

# କେନ୍ଦ୍ରୀୟ ଶ୍ରମିକ ସଂଗଠନମାନଙ୍କ ମିଳିତ ମଞ୍ଚ ଆହ୍ୱାନରେ ବାଲେଶ୍ୱରରେ କଳା ଦିବସ ପାଳନ ଓ ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ବିକ୍ଷୋଭ




ବାଲେଶ୍ୱର, ୨୩/୯ (ନି.ପ୍ର): କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ଜାତୀୟ ଫେଡେରେସନ୍‌ମାନଙ୍କ ମିଳିତ ମଞ୍ଚ ଆହ୍ୱାନରେ ସୋମବାର ପୂର୍ବାହ୍ନରେ ଏକ ବିଶାଳ ଶୋଭାଯାତ୍ରା ବାଲେଶ୍ୱର ରେଳଷ୍ଟେସନ୍‌ରୁ ବାହାରି ସହର ପରିକ୍ରମା କରିବା ପରେ ଜିଲ୍ଲାପାଳଙ୍କ ଫାଟକ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିକ୍ଷୋଭ ସମାବେଶରେ ମିଳିତ ମଞ୍ଚର ଆବାହକ ତଥା ଟିୟୁଏସିସିର ସଂପାଦକ ଗୌରାଙ୍ଗ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ବିଜୟ ପାତ୍ର, ଭାଗବତ ପ୍ରତିହାରୀ, ସୁରେଶ ଚନ୍ଦ୍ର ବେହେରା, ନିରାକାର ପାଣ୍ଡବ, ପୀତାମ୍ବର ମାଝୀ, ଲକ୍ଷ୍ମୀଧର ଗିରି, ଶାନ୍ତନୁ ଦାସ, କୃଷକ ନେତା ଅରୁଣ ଜେନା, ପ୍ରେମ ରଂଜନ ପାତ୍ର, ବିକାଶ ଦାସ, ଶ୍ୟାମସୁନ୍ଦର ଜେନା, ବାସନ୍ତୀ ସାମଲ, ରାଜକିଶୋର ଲେଙ୍କା, ଗୌତମ ଦାସ, ବେଣୁଧର ବାରିକ ଓ ଉମାକାନ୍ତ ଦାସ ପ୍ରମୁଖ ବର୍ତ୍ତମାନର କେନ୍ଦ୍ର ସରକାର ପ୍ରଚଳିତ ୪୪ ଟି ଶ୍ରମ ଆଇନକୁ ପୁଞ୍ଜିପତି ମାଲିକମାନଙ୍କ ସପକ୍ଷରେ ସଂଶୋଧନ କରି ୪ଟି କୋର୍ଡ଼ରେ ପରିଣତ କରିଥିବା ଆଇନକୁ ପ୍ରତ୍ୟାହାର ସହ ସଂବିଧାନ ବିରୋଧି ଭାରତୀୟ ନ୍ୟାୟ ସଂହିତା ଓ ନାଗରିକ ସୁରକ୍ଷା ସଂହିତା ଆଇନକୁ ପ୍ରତ୍ୟାହାର ପାଇଁ ଦାବି କରିଥିଲେ। କେନ୍ଦ୍ର ସରକାରଙ୍କ ଶ୍ରମିକ ଓ କୃଷକ ବିରୋଧି ନୀତିକୁ ଦୃଢ଼ ସମାଲୋଚନା କରିଥିଲେ। ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥର ଦରଦାମ୍ ବୃଦ୍ଧି ବନ୍ଦ କରିବା, ଖାଲିଥିବା ସରକାରୀ ପଦବୀ ପୂରଣ କରିବା, ସ୍କିମ୍ ୱାର୍କରଙ୍କୁ ସର୍ବନିମ୍ନ ମାସିକ ବେତନ ୩୦ ହଜାର ଓ ଇପିଏଫ୍ ପେନ୍‌ସନ୍‌ଭୋଗୀଙ୍କୁ ମାସିକ ସର୍ବନିମ୍ନ ନଅହଜାର ଟଙ୍କା ପେନ୍‌ସନ୍ ସହ ମହଙ୍ଗାଭତ୍ତା, ଅସଂଗଠିତ ନିର୍ମାଣ ଶ୍ରମିକମାନଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ ସହ ଜାତୀୟ ସଂପତ୍ତିକୁ ବିକ୍ରି ବନ୍ଦ କରିବା କରିବା ପ୍ରଭୃତି ଦାବି ପୂରଣ କରିବାକୁ ଓ କାର୍ଯ୍ୟକ୍ଷେତ୍ରରେ ମହିଳାମାନଙ୍କ ସୁରକ୍ଷା ପାଇଁ ସେମାନେ ଦାବି କରିଥିଲେ। ଏହି ଦାବିରେ ସମଗ୍ର ଦେଶରେ କଳାଦିବସ ପାଳନ ହେଉଥିବାର ବକ୍ତାମାନେ ପ୍ରକାଶ କରିଥିଲେ। ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପ୍ରତିନିଧିମାନେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକଙ୍କୁ ୯ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଶୋଭାଯାତ୍ରା ଓ ବିକ୍ଷୋଭ ସମାବେଶରେ ପରିବହନ, ବିଦ୍ୟୁତ୍, ରିକ୍ସାଚାଳକ, ଉଠା ଜଳସେଚନ, ରୁଷ୍ଟାଝୋଟ କାରଖାନା ଶ୍ରମିକ, ନିର୍ମାଣ ଶ୍ରମିକ, ରେଲୱେ ହକର, ଅଟୋ ଚାଳକ, ସ୍କିମ୍ ୱାର୍କର, ଡାକ, ବ୍ୟାଙ୍କ୍, ବୀମା, ପ୍ରତିରକ୍ଷା ଓ ବିଭିନ୍ନ କଳକାରଖାନାର ଶ୍ରମିକମାନେ ଯୋଗ ଦେଇଥିଲେ। ସୁହାଗୀ ମାଝୀ, ଜତିନ୍ ପାତ୍ର, ପ୍ରଶାନ୍ତ ପରିଡ଼ା, ଶରତ ଚନ୍ଦ୍ର ଦଳାଇ, ରବିନ୍ଦ୍ର ବେରା, ଭରତ ଚନ୍ଦ୍ର ସେଠୀ, ଆଶୁତୋଷ ପରିଡ଼ା, ସେକ୍ ସଲାଉଦ୍ଦିନ୍, ପ୍ରଶାନ୍ତ ଦାସ, ସୁଶାନ୍ତ ସାହୁ, ରଜତ ବେହେରା, ଜୀବନ ବାରିକ, ଅଜିତ୍ ଦାସ ମହାପାତ୍ର, ରମେଶ ଦାସ, ଅରୁଣ ମିଶ୍ର, ରାଜୀବ ମହାପାତ୍ର ଓ ମିନତୀ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳାନାରେ ନେତୃତ୍ୱ ନେଇଥିଲେ। ମୃତ୍ୟୁଞ୍ଜୟ ରାଉତ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ପଶ୍ଚିମବଙ୍ଗ ସରକାରଙ୍କ ସହ ବିବାଦ ମଧ୍ୟରେ ପୁନର୍ବାର ଜଳ ଛାଡିଲା ଡିଭିସି

କୋଲକାତା, ୨୩/୯ (ନି.ପ୍ର): ରାଜ୍ୟ ସରକାରଙ୍କ ସହିତ ବିବାଦ ମଧ୍ୟରେ ଦାମୋଦର ଭ୍ୟାଲୀ କର୍ପୋରେସନ (ଡୀବୀସୀ) ପଂଚେତ ଏବଂ ମ୍ୟାଥନ ଜଳଭଣ୍ଡାରରୁ ଜଳ ଛାଡିଛି। ସୋମବାର ଡିଭିସି ସୁଚନା ଦେଇଛି ମ୍ୟାଥନ ଜଳଭଣ୍ଡାରରୁ ୩୦ ହଜାର କ୍ୟୁସେକ ଏବଂ ପଂଚେତ ଜଳଭଣ୍ଡାରରୁ ୧୨ ହଜାର କ୍ୟୁସେକ ଜଳ ଛଡା ଯାଉଛି। ରବିବାର ସକାଳ ଉଭୟ ଜଳଭଣ୍ଡାରରୁ ଛଡା ଯାଉଥିବା ପାଣିର ମାତ୍ରା କ୍ରମଶଃ ୩୦ ହଜାର କ୍ୟୁସେକ ଏବଂ ୨୦ ହଜାର କ୍ୟୁସେକ ଥିଲା ।ପଂଚେତ ଏବଂ ମ୍ୟାଥନରୁ ଛଡା ଯାଉଥିବା ୪୨ ହଜାର କ୍ୟୁସେକ ଜଳ ଦୁର୍ଗାପୁର ଜଳଭଣ୍ଡାର ପର୍ଯ୍ୟନ୍ତ ପହଁଂଚିଥିଲା,ଯେଉଁଠାରୁ ୪୯ ହଜାର ୫୦ କ୍ୟୁସେକ ଜଳ ଛଡା ଯାଇଥିଲା। ଏହି ଜଳ ଦାମୋଦର ନଦୀ କୁଳ ଦେଇ ପୁର୍ବ ବର୍ଦ୍ଧମାନ ,ହାଓ୍ୱଡା ଏବଂ ହୁଗଳୀ ଜିଲ୍ଲାକୁ ପହଁଂଚିବ। ବନ୍ୟା କାରଣରୁ ପୁର୍ବରୁ ହାଓ୍ୱଡା , ହୁଗଳୀ ପୁର୍ବ ମେଦିନୀପୁର ,ବୀରଭୁମ, ଏବଂ ପୁର୍ବ ବର୍ଦ୍ଧମାନର ଅନେକ ଗାଁ ପାଣିରେ ବୁଡି ଯାଇଛି। ଏହି ପରିସ୍ଥିତିରେ ଡିଭିସି ପୁନର୍ବାର ଛାଡିଥିବା ଅତିରିକ୍ତ ଜଳ ଏହି ତଳିଆ ଅଂଚଳକୁ ପୁନର୍ବାର ଜଳମଗ୍ନ କରିପାରେ। ତଥାପି ,ଝାରଖଣ୍ଡରେ ବର୍ତ୍ତମାନ ବର୍ଷା ନାହିଁ ଏବଂ ଏହି କାରଣରୁ ଡିଭିସି ଧୀରେ ଧୀରେ ଜଳ ପରିମାଣକୁ ହ୍ରାସ କରୁଛି।




ଓଡ଼ିଶାର ସର୍ବ ପ୍ରାଚୀନ ସାହିତ୍ୟ ଅନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜର ୧୨୨ ତମ ସମାବର୍ତ୍ତନ ଉତ୍ସବରେ 'କବିଗଙ୍ଗାଧର ମେହେର କବିତା ସମ୍ମାନ' ପାଇବା ଅବସରରେ କବି ଦୁର୍ଗା ଚରଣ ଷଡ଼ଙ୍ଗୀ, ସମ୍ବର୍ଦ୍ଧିତ କରୁଛନ୍ତି ଓଡିଶା ଉଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶ ଶ୍ରୀଯୁକ୍ତ ଚିତ୍ତରଞ୍ଜନ ଦାଶ ଓ ଉତ୍କଳ ରତ୍ନ ସମ୍ମାନ ପ୍ରାପ୍ତ ପ୍ରଖ୍ୟାତ ସାହିତ୍ୟିକ ଶ୍ରୀଯୁକ୍ତ ଶାନ୍ତନୁ ଆଚାର୍ଯ୍ୟ, ମଞ୍ଚରେ ଉପସ୍ଥିତ ଅଛନ୍ତି ଅନୁଷ୍ଠାନର ସଭାପତି ଶ୍ରୀ ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଓ ଅନ୍ୟ କର୍ମକର୍ତ୍ତା ପ୍ରମୁଖ।

# ପୂର୍ବର ଶତପ୍ରତିଶତ ଦିବ୍ୟାଙ୍ଗ ସୁମନ୍ତ ଏବେ ପଚସ୍ତରି ପ୍ରତିଶତ: ଭୀମଭୋଇ ସାମର୍ଥ୍ୟ ଶିବିର କାର୍ଯ୍ୟକ୍ରମରେ ଯୋଗଦେଇ ହେଲେ ହିନସ୍ତା



ନୀଳଗିରି: ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ମାଟିଆଳୀ ପଞ୍ଚାୟତ ମାଟିଆଳୀ ଗ୍ରାମର ବସନ୍ତ ପ୍ରଧାନଙ୍କ ପୁଅ ସୁମନ୍ତ ପ୍ରଧାନ(୩୮) ଙ୍କ ପାଇଁ କାଳ ହୋଇଛି ଭୀମଭୋଇ ସାମର୍ଥ୍ୟ ଶିବିରରେ ଯୋଗଦେବା ।ସୂଚନା ମୁତାବକ ୨୦୨୩ ମସିହା ସେପଟ୍ଟେମ୍ବର ମାସ ୯ ତାରିଖରେ ନୀଳଗିରି ବ୍ଲକ ପରିସରରେ ଅନୁଷ୍ଠିତ ହୋଇଥିବା ଭୀମ ଭୋଇ ସାମର୍ଥ୍ୟ ଶିବିରରେ ଦିବ୍ୟାଙ୍ଗ ସୁମନ୍ତ ଯୋଗଦେଇଥିଲେ ଓ ନିଜର ପରୀକ୍ଷା ମଧ୍ୟ କରିଥିଲେ। ତେବେ ଉକ୍ତ ଶିବିରରେ ତାଙ୍କୁ ମିଳିଥିବା ଶତପ୍ରତିଶତ ଦିବ୍ୟାଙ୍ଗ ସାର୍ଟିଫିକେଟ କୁ ବଦଳାଯାଇ ୭୫ ପ୍ରତିଶତ କରାଯାଇଥିଲା। ସୂଚନା ଅନୁଯାୟୀ ୨୦୧୨ ମସିହାରେ ସୁମନ୍ତ ବେସରକାରୀ ଭାବରେ ବିଦ୍ୟୁତ ବିଭାଗରେ କାମ କରୁଥିବା ବେଳେ ଉକ୍ତ ବ୍ଲକର ଅଯୋଧ୍ୟା ଗ୍ରାମରେ କାର୍ଯ୍ୟରତ ଅବସ୍ଥାରେ ଏକ ବିଦ୍ୟୁତ ଖୁଣ୍ଟିରୁ ପଡି ତାଙ୍କର ଅଣ୍ଟା ଠାରୁ ଗୋଡ ପର୍ଯ୍ୟନ୍ତ ସବୁ ଅକାମୀ ହୋଇଯାଇଥିଲା ।ଏବଂ ତାଙ୍କ ଦିବ୍ୟାଙ୍ଗ ସାର୍ଟିଫିକେଟରେ ମଧ୍ୟ ଶତପ୍ରତିଶତ ଦିବ୍ୟାଙ୍ଗ ବୋଲି ସେତେବେଳେ ଡାକ୍ତର ମାନେ ପଞ୍ଜୀକୃତ କରିଥିଲେ। ମାତ୍ର ନୂତନ ଭାବେ ପଞ୍ଜୀକୃତ ହୋଇଥିବା ସାର୍ଟିଫିକେଟରେ ୭୫ ପ୍ରତିଶତ ଦିବ୍ୟାଙ୍ଗ ପ୍ରମାଣ ପତ୍ର ଥିବାରୁ ଯାହା ପାଇଁ ସେ ନାନା ଅସୁବିଧାର ସମ୍ମୁଖୀନ ହେବା ସହ ଏକ ବ୍ୟାଟେରୀ ହ୍ୱିଲ ଚେୟାର ଗାଡି ପାଇବାରୁ ବଞ୍ଚିତ ହୋଇଛନ୍ତି। ଏ ନେଇ ସେ ବାରମ୍ବାର ପ୍ରସାଶନ ଠାରୁ ଆରମ୍ଭ କରି ନେତା ମନ୍ତ୍ରୀଙ୍କୁ ଏ ବାବଦରେ ଅଭିଯୋଗ କରିଥିଲେ ବି କେହି ତାଙ୍କ ଗୁହାରୀ ଶୁଣିନାହାନ୍ତି ।ଫଳରେ ଆଜି ସେ ଏ ବାବଦରେ ନୀଳଗିରି ବ୍ଲକ ପରିସରରେ ଅନୁଷ୍ଠିତ ଜନଶୁଣାଣୀ ଅଭିଯୋଗରେ ଜିଲ୍ଲାପାଳଙ୍କୁ ଭେଟି ଅବଗତ କରିଛନ୍ତି। ତୁରନ୍ତ ଏହାର ସମାଧାନ କରିବାକୁ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ ପ୍ରତିଶୃତି ମଧ୍ୟ ଦେଇଛନ୍ତି। ତେବେ କେତେ ଶୀଘ୍ର ସୁମନ୍ତ ନ୍ୟାୟ ପାଉଁଛନ୍ତି ତାହା ଦେଖିବାକୁ ବାକି ରହିଛି।

# ପାରାଦୀପ ଆୟୋଜିତ ହେବ ୬୩ ତମ ସିନିୟର ପୁରୁଷ ଆନ୍ତଃ ଜିଲ୍ଲା ସାହାଣୀ କପ ଫୁଟବଲ ପ୍ରତିଯୋଗିତା




ପାରାଦୀପ , ୨୩/୯ (ନି.ପ୍ର): ପାରାଦୀପ ବନ୍ଦର ପ୍ରାଧିକରଣ ଏବଂ ଫୁଟବଲ ଆସୋସିଏସନ ଓଡିଶା ମିଳିତ ସହଯୋଗରେ ୬୩ତମ ସିନିୟର ଆନ୍ତଃ ଜିଲ୍ଲା ପୁରୁଷ ଫୁଟବଲ ପ୍ରତିଯୋଗିତା 'ସାହାଣୀ କପ' ଚଳିତ ମାସ ସେପଟ୍ଟେମ୍ବର ୨୫ ରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେବ । ଏହି ପ୍ରତିଯୋଗିତାରେ ପାରାଦୀପ ସମେତ ଜଗତସିଂହପୁର, କେନ୍ଦ୍ରାପଡ଼ା, କଟକ, ଭୁବନେଶ୍ୱର, ଖୋର୍ଦ୍ଧା, ପୁରୀ ଓ ଗଞ୍ଜାମ ଫୁଟବଲ ଜିଲ୍ଲା ର ୮ ଟି ଦଳର ପାଖାପାଖି ୧୮୪ ଜଣ ଖେଳାଳି ଓ ୨୦ ଜଣ ଅଫିସିଆଲ ଓ ଚୟନକର୍ତ୍ତା ଯୋଗଦେବେ । ଜିଲ୍ଲା ଗୁଡିକୁ ୨ ଟି ପୁଲରେ ଅର୍ଥାତ ଗୋଟିଏ ପୁଲରେ ୪ ଗୋଟି ଦଳ ହିସାବରେ ଲିଗ ମ୍ୟାଚ ଖେଳିବେ। ପ୍ରତ୍ୟେକ ପୁଲର ବିଜେତା ଅକ୍ଟୋବର ୨ ତାରିଖ ଦିନ କ୍ୱାଟର ଫାଇନାଲ ଖେଳିବେ । ପ୍ରତ୍ୟକ ଦିନ ପ୍ରଥମ ମ୍ୟାଚ ଅପରାହ୍ନ ୩ ଟା ବେଳେ ଓ, ଦ୍ୱିତୀୟ ମ୍ୟାଚ ସନ୍ଧ୍ୟା ୫ ଟାରେ ଫ୍ଲଡ ଲାଇଟ ରେ ଖେଳାଯିବ । ଉଦଘାଟନୀ ଉତ୍ସବ ରେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ.ହରନାଦ ମୁଖ୍ୟ ଅତିଥି ଭାବେ ଏବଂ ବନ୍ଦର ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତା ଓ ଓଡିଶା ଫୁଟବଲ ଓ ଆଥଲେଟିକ ଆସୋସିଏସନ ର ସମ୍ପାଦକ ଡ଼ଃ. ଆର୍ଶୀବାଦ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେବେ ବୋଲି ସୋମବାର ଦିନ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପାରାଦୀପ ବନ୍ଦର ଗୋପବନ୍ଧୁ କ୍ରୀଡା ସଂସଦ ର ସଭାପତି ଡି.ଏନ.ସୋନ୍ଧି ସୂଚନା ଦେଇଥିଲେ । ତେବେ ସାହାଣୀ କପ ଫୁଟବଲ ପ୍ରତିଯୋଗିତା ଆୟୋଜନ କରିବାର ସୁଯୋଗ ମିଳିଥିବାରୁ ପାରାଦୀପ ବନ୍ଦର ପକ୍ଷରୁ ଓଡିଶା ଫୁଟବଲ ଆସୋସିଏସନ କୁ ଧନ୍ୟବାଦ ଦେବା ସହ ଖୁସିବ୍ୟକ୍ତ କରାଯାଇଥିବା ନେଇ ଶ୍ରୀ ସୋନ୍ଧି କହିଥିଲେ। ଏହି ସାମ୍ବାଦିକ ସମ୍ମିଳନୀ ରେ ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ଗୋପବନ୍ଧୁ କ୍ରୀଡା ସଂସଦର କାର୍ଯ୍ୟକାରୀ ସଭାପତି ଡା. ଦୁର୍ଗା ପ୍ରସାଦ ସେଠୀ, ସମ୍ପାଦକ ରଞ୍ଜନ ରଶ୍ମି ବେଉରା, ବନ୍ଦର କ୍ରୀଡା ଉପଦେଷ୍ଟା ରବି ଦାସ, ବନ୍ଦର ଲୋକସମ୍ପର୍କ ଅଧିକାରୀ ରତିକାନ୍ତ ନାୟକ ଙ୍କ ସମେତ ଅନ୍ୟ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ।

# ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଜିଲ୍ଲା ଗସ୍ତରେ ସଦସ୍ୟତା ସମୀକ୍ଷା ବୈଠକ ଓ ମିଶ୍ରଣ ପର୍ବ



ବାଲେଶ୍ୱର, ୨୩/୯ (ନି.ପ୍ର): ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଆଜି ଦିନିକିଆ ବାଲେଶ୍ୱର ଗସ୍ତରେ ଦିବା ୧୧ଟା ସମୟରେ ବାଲେଶ୍ୱର ସିଦ୍ଧି କଲ୍ୟାଣ ମଣ୍ଡପରେ ବିଜେପିର ସଦସ୍ୟତା ଅଭିଯାନର ଅଦ୍ୟାବଧି କାର୍ଯ୍ୟକ୍ରମର ସମୀକ୍ଷା କରିବା ସହିତ ରେମୁଣା ନିର୍ବାଚନ ମଣ୍ଡଳୀ ପକ୍ଷରୁ ଆୟୋଜିତ ମିଶ୍ରଣ ପର୍ବରେ ଯୋଗଦାନ କରିଥିଲେ। ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସମୀକ୍ଷା ବୈଠକରେ ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଦୀପ ପଣ୍ଡା ମଞ୍ଚ ଆହ୍ୱାନ କରିଥିବା ବେଳେ ଜିଲ୍ଲାର ଅନ୍ୟତମ ସାଧାରଣ ସମ୍ପାଦକ ଇଶ୍ୱର ଚନ୍ଦ୍ର ବେହେରା ପରିଚାଳନା କରିଥିଲେ। ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ପ୍ରାଥମିକ ସୂଚନା ପରେ ମଞ୍ଚାସିନ ରେମୁଣା ବିଧାୟକ ତଥା ବିଧାନସଭାରେ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ରାଜ୍ୟ ସମ୍ପାଦିକା ସିପ୍ରା ବାଜପେୟୀ, ବସ୍ତା ବିଧାୟକ ପ୍ରାର୍ଥୀ ରବିନ୍ଦ୍ର ଅଣ୍ଡିଆ, ଭୋଗରାଇ ବିଧାୟକ ପ୍ରାର୍ଥୀ ଆଶିଷ ପାତ୍ର ଏବଂ ଜିଲ୍ଲା ସଦସ୍ୟତା ପ୍ରମୁଖ କମଳଲୋଚନ ଦାସ ସମୀକ୍ଷା ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସର୍ବଶେଷରେ ରାଜ୍ୟ ସଭାପତି ମନମୋହନ ସାମଲ ତାଙ୍କ ସମାରୋପ ଭାଷଣରେ ସଦସ୍ୟତା ଅଭିଯାନକୁ ଗତିଶୀଳ କରିବା ପାଇଁ ଗୁରୁମନ୍ତ୍ର ଦେଇଥିଲେ। ତତ୍ସହିତ ଆଗାମୀ ଯୋଜନା ସମ୍ବନ୍ଧରେ ସୂଚନା ଦେଇଥିଲେ। ଏହା ପରେ ରେମୁଣାର ଜନପ୍ରିୟ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଗୁଡୁଦା ପଞ୍ଚାୟତ ବିଜେଡ଼ି ସଭାପତି ଦୀନବନ୍ଧୁ ଦାସ, ଗୁଡୁଦା ସରପଞ୍ଚ ଜାନକୀ ଦାସ, ଗୁଡୁଦା ସମିତି ସଭ୍ୟା ଷୁସମା ପ୍ରଧାନ, ୱାର୍ଡ ସଭ୍ୟା ଶକୁନ୍ତଳା ମାହାନ୍ମା, ୱାର୍ଡ ମେମ୍ବର ନିତ୍ୟାନନ୍ଦ ସେଠୀ, ୱାର୍ଡ ମେମ୍ବର ମଞ୍ଜୁଲତା ମହାଳିକ, ୱାର୍ଡ ମେମ୍ବର ଗଜେନ୍ଦ୍ର ବିଶ୍ୱାଳ, ୱାର୍ଡ ମେମ୍ବର ବବିତା ରଥ, ନାଏବ ସରପଞ୍ଚ ଅମରେଶ ଉପାଧାୟ, ବିଜେଡ଼ିର ସକ୍ରୀୟ ସଦସ୍ୟ ରବିନ୍ଦ୍ର ସ୍ୱାଇଁ, ଶ୍ରୀନାଥ ମାହାନ୍ମା ଓ ରବୀନ୍ଦ୍ର ଦାସ ବିଜେପିର ପ୍ରାଥମିକ ସଦସ୍ୟତା ଗ୍ରହଣ କରିଥଲେ। ନବାଗତାଙ୍କୁ ରାଜ୍ୟ ସଭାପତି ଶ୍ରୀଯୁକ୍ତ ସାମଲ, ଜିଲ୍ଲା ସଭାପତି ଶ୍ରୀଯୁକ୍ତ ମହାପାତ୍ର ଓ ରେମୁଣା ବିଧାୟକ ଶ୍ରୀଯୁକ୍ତ ଦାସ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ଦଳୀୟ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ। ଏହାପରେ ପରବର୍ତ୍ତୀ କାର୍ଯ୍ୟକ୍ରମ ପାଇଁ ରାଜ୍ୟ ସଭାପତି ମନମୋହନ ସାମଲ ନିଳଗିରି ଗସ୍ତ କରିଛନ୍ତି। ଜିଲ୍ଲାର ଅନ୍ୟତମ ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

# ଶରତ ବିକାଶ ମଞ୍ଚ ପକ୍ଷରୁ ପଣ୍ଡିତ ଲାକୋ ବଦ୍ରା୧୦୫ତମ ଜନ୍ମଜୟନ୍ତୀ ପାଳିତ



କପ୍ତିପଦା, ୨୩/୯ (ନି.ପ୍ର): କପ୍ତିପଦା ବ୍ଲକ ଅନ୍ତର୍ଗତ ଶରତଠାରେ ଥିବା ଶରତ ବିକାଶ ମଞ୍ଚ ପକ୍ଷରୁ ରାଣୀପୋଖରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ପଣ୍ଡିତ ଲାକୋ ବଦ୍ରାଙ୍କର ୧୦୫ତମ ଜନ୍ମଜୟନ୍ତୀ ପାଳିତ ହୋଇଯାଇଛି। ବିକାଶ ମଞ୍ଚର ସଭାପତି ଗାମାୟ ରମିଲି ସିଂ ଗଇପାଇ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ ଲାକୋ ବଦ୍ରାଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ । ହୋ ଲିପିର ସ୍ରଷ୍ଟା ଡ. ପଣ୍ଡିତ ଲାକୋ ବଦ୍ରାଙ୍କ ୧୯୧୯ ମସିହା ସେପ୍ଟେମ୍ବର ୧୯ତାରିଖ ଦିନ ଝାଡଖଣ୍ଡ ରାଜ୍ୟର ସିଂହଭୂମ ଅଞ୍ଚଳର ପାସିହା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ହୋ ଭାଷା ଲିପିର ଗବେଷଣା ଦିଗରେ ସେ ତାଙ୍କ ଜୀବନକୁ ଜଳାଞ୍ଜଳି ଦେଇଛନ୍ତି । କାର୍ଯ୍ୟକ୍ରମରେ ସମାଜସେବୀ ବୀର ତିବୁଡ, ଶିକ୍ଷକ ସନା ସିଂ, ପ୍ରଶାନ୍ତ କୁମାର ଗିରି, ଲକ୍ଷ୍ମୀକାନ୍ତ ପାତ୍ର, ନିତ୍ୟାନନ୍ଦ ମିଶ୍ର ପ୍ରମୁଖ ଲାକୋ ବଦ୍ରାଙ୍କ ସ୍ମୃତିଚାରଣ କରିଥିଲେ । ଏହି ଅବସରରେ ଶରତ ବିକାଶ ମଞ୍ଚ ପକ୍ଷରୁ ୩ଗୋଟି ଲାକୋ ବଦ୍ରାଙ୍କ ଫଟୋ ରାଣୀପୋଖରୀ ସରକାରୀ ଉଚ୍ଚ ବିଦ୍ୟାଳୟକୁ ପ୍ରଦାନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତାଭାବେ ଉକ୍ତ ପଞ୍ଚାୟତର ନାଏବ ସରପଞ୍ଚ ଦୁଲାରାମ ବାନରା, ବିକାଶ ମଞ୍ଚର ସଂପାଦକ କୁସୁନୁ ଗିଲୁଆ, ସିଦିଓ ଗାଇପାଇ, ଜାମଦାର ବାଲମୁଚୁ, ଡୁବରାଜ ଗାଇପାଇ ପ୍ରମୁଖ ଉପସ୍ଥିତ ଥିଲେ ।

# ଖପରାପଦା ଫିଡରରେ ବାରମ୍ବାର ବିଦ୍ୟୁତ୍ କାଟ: ଉପଭୋକ୍ତା ହନ୍ତସନ୍ତ, ଆନ୍ଦୋଳନ ଚେତାବନୀ

ଲଙ୍ଗଳେଶ୍ୱର, ୨୩/୯ (ନି.ପ୍ର): ବାଲିଆପାଳ ନେସ୍କୋ କାର୍ଯ୍ୟାଳୟ ଅଧିନସ୍ଥ ଖପରାପଦା ଫିଡରରେ ଏବେ ବାରମ୍ବାର ବିଦ୍ୟୁତ୍ କାଟ ଯୋଗୁଁ ବିଦ୍ୟୁତ୍ ଉପଭୋକ୍ତା ହନ୍ତସନ୍ତ ହେଉଛନ୍ତି । ବିଭିନ୍ନ ଆଳ ଦେଖାଇ ବାରମ୍ବାର ବିଦ୍ୟୁତ୍ କାଟ କରାଯାଉଛି । ଯାହା ଫଳରେ ଏବେ ଉପଭୋକ୍ତାଙ୍କ ମଧ୍ୟରେ ଆନ୍ଦୋଳନ ଦାନା ବାନ୍ଧୁଛି । ଖପରାପଦା ଫିଡର ଅଧିନରେ ଥିବା ପଞ୍ଚାୟତ ଗୁଡିକରେ ବିଦ୍ୟୁତ୍ ମରାମତି ନାମରେ ବିଦ୍ୟୁତ୍ କାଟ କରାଯାଉଛି । ପ୍ରବଳ ଗରମ ସମୟରେ ଦୀର୍ଘ ସମୟ ଧରି ବିଦ୍ୟୁତ୍ କାଟ ହେବା ଫଳରେ ଲୋକେ ନାହିଁ ନ ଥିବା ହଇରାଣ ହରକତ ହେଉଛନ୍ତି । ତେବେ ବାରମ୍ବାର ବିଦ୍ୟୁତ୍ କାଟ ବନ୍ଦ କରାନଗଲେ ଖପରାପଦା ଫିଡରର ବିଦ୍ୟୁତ୍ ଉପଭୋକ୍ତାମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଗଣମାଧ୍ୟମ ଠାରେ ପ୍ରକାଶ କରିଛନ୍ତି ।

# ପାକିସ୍ତାନରେ ୧୨ ଦେଶର ରାଷ୍ଟ୍ରଦୂତଙ୍କ କାଫିଲା ଉପରକୁ ଆତଙ୍କବାଦୀ ଆକ୍ରମଣ

ଇସଲମାବାଦ, ୨୩/୯ (ନି.ପ୍ର): ପାକିସ୍ତାନର ସର୍ବାଧିକ ଅଶାନ୍ତି ଅଂଚଳ ଖୈବର ପଖ୍‌ତୁନଖ୍ୱାରେ ଆତଙ୍କବାଦୀମାନେ ରବିବାର ଋଷ ସହିତ ୧୨ ଦେଶର ରାଷ୍ଟ୍ରଦୂତଙ୍କ କାଫିଲାକୁ ଟାର୍ଗେଟ କରିଛନ୍ତି । ଆତଙ୍କବାଦୀମାନେ ରିମୋଟ୍ କଂଟ୍ରୋଲ୍ ବୋମା ସାହାଯ୍ୟରେ କନଭେନର ପୋଲିସ୍ ସୁରକ୍ଷା ଭ୍ୟାନ୍ ବିସ୍ଫୋରଣ କରିବାକୁ ଚେଷ୍ଟା କରିଥିଲେ। ସେହିପରି ଏଥିରେ ଅନ୍ୟ ୫ଜଣ ଆହତ ହୋଇଛନ୍ତି । ଆହତଙ୍କୁ ସୈଦୁ ସରିଫର ଜିଲ୍ଲା ହସ୍ପିଟାଲରେ ଭର୍ତ୍ତିକରାଯାଇଛି । ସମସ୍ତ ବୈଦେଶିକ ଦୂତ ସୁରକ୍ଷିତ ଅଛନ୍ତି । ସେମାନଙ୍କୁ କଡା ସୁରକ୍ଷା ବଳୟ ଭିତରେ ଇସଲମାବାଦ ପଠାଯାଇଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo